


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୦ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 APRIL 2024

Vol.No. 35 ■ No.106 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଥମ ପର୍ଯ୍ୟାୟ ଭୋଟିଂ: ହେଭିଓ୍ୱେଟ ପ୍ରାର୍ଥୀଙ୍କ ଭାଗ୍ୟପରୀକ୍ଷା

■ମତଦାନ ସାବ୍ୟସ୍ତ କଲେ ଜନତା ଜନାର୍ଦ୍ଦନ

■ମତଦାନ ହାର କମିଲା, ବେଙ୍ଗଲରେ ସର୍ବାଧିକ ଭୋଟିଂ

■ଭୋଟିଂ ସମୟରେ ବସ୍ତରରେ ବିସ୍ଫୋରଣ

■ମଣିପୁରରେ ଗୁଳିମାଡ, ସିଆରପିଏଫ୍ ଯବାନ ଆହତ




ନୂଆଦିଲ୍ଲୀ, ୧୯/୪ :୨୦୨୪ ସାଧାରଣ ନିର୍ବାଚନ ପ୍ରଥମ ପର୍ଯ୍ୟାୟ ମତଦାନ ଗ୍ରହଣ କରାଯାଇଛି । ୨୧ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ସକାଳ ୭ଟାରୁ ଆରମ୍ଭ ହୋଇଥିଲା ଭୋଟିଂ । ୧୦୨ ଲୋକସଭା ଆସନ ପାଇଁ ୧୬୨୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇଛି । ପ୍ରଥମ ପର୍ଯ୍ୟାୟ ମତଦାନରେ ରହିଛନ୍ତି ଅନେକ ହେଭିଓ୍ୱେଟ ଚେହେରା । ଯେଉଁମାନେ ଆଜି ଅଗ୍ନିପରୀକ୍ଷା ଦେଇଛନ୍ତି । ପ୍ରମୁଖ ଚେହେରା ଭିତରେ ରହିଛନ୍ତି ନୀତିନ ଗଡ଼କରୀ, ସର୍ବାନନ୍ଦ ସୋନଓ୍ୱାଲ, ଭୁପେନ୍ଦ୍ର ଯାଦବ, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ତେଲେଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲସାଇ ସୌନ୍ଦରା ରାଜନ, କଂଗ୍ରେସର ଗୌରବ ଗୋଗାଇ, ଡିଏମକେର କାନିମୋଝି, ବିଜେପିର କେ ଆନ୍ନାମଲାଇଙ୍କ ସହ ଆଉ କିଛି ହେଭିଓ୍ୱେଟ ପ୍ରାର୍ଥୀ । ତାମିଲନାଡୁର ଶିବଗଙ୍ଗାର ମତଦାନ କେନ୍ଦ୍ରରେ ଭୋଟ ଦେଇଛନ୍ତି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ । ମତଦାନ କରିବା ପରେ ସେ କହିଛନ୍ତି ତାମିଲନାଡୁର ସମସ୍ତ ଲୋକସଭା ଆସନରେ ଇଣ୍ଡିଆ ଗ୍ରୁପର ପ୍ରାର୍ଥୀ ବିଜୟୀ ହେବେ । ସେପଟେ ସାଲେମ ମତଦାନ କେନ୍ଦ୍ରରେ ଭୋଟ ଦେଇଛନ୍ତି ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ପଲାନିସ୍ୱାମୀ । ସେହିପରି ନାଗପୁରରେ ଭୋଟ ଦେଇଛନ୍ତି ଆରଏସଏସ ମୁଖ୍ୟ ମୋହନ ଭାଗବତ । ମତଦାନ କରିବା ପରେ ସେ କହିଛନ୍ତି, ମତଦାନ କରିବା ଆମର କର୍ତବ୍ୟ ଓ ଅଧିକାର, ଦେଶରେ ଶହେ ପ୍ରତିଶତ ମତଦାନ ହେବା ଉଚିତ । ଯଦି ଏନଡିଏ ମେଂଟ ଓ ବିଜେପିର ହେଭିଓ୍ୱେଟ ଚେହେରାଙ୍କ ଉପରେ ନଜର ପକାଇବା ତେବେ ସେମାନଙ୍କ ମଧ୍ୟରେ ରହିଛନ୍ତି କୋଏମ୍ବାଟୁରୁ ଆସନରୁ ଲଢୁଛନ୍ତି କେ, ଆନ୍ନାମଲାଇ. ଦକ୍ଷିଣ ଚେନ୍ନାଇରୁ ତାମିଲିସାଇ. ନାଗପୁରରୁ ନୀତିନ ଗଡ଼କରୀ, ବିକାନେରରୁ ଅର୍ଜୁନ ରାମ ମେଘଓ୍ୱାଲ. ଅଲଓ୍ୱରରୁ ଭୁପେନ୍ଦ୍ର ଯାଦବ.ଦ୍ରିବୁଗଡରୁ ସର୍ବାନନ୍ଦ ସୋନଓ୍ୱାଲ. ପଶ୍ଚିମ ଅରୁଣାଚଳରୁ କିରଣ ରିଜିଜୁ, ପଶ୍ଚିମ ତ୍ରିପୁରାରୁ ବିପ୍ଳବ ଦେବଙ୍କ ଆଜି ଭାଗ୍ୟ ପରୀକ୍ଷା ହୋଇଛି । ୧୦୨ ଲୋକସଭା ଆସନ ସହ ଅରୁଣାଚଳର ୬୦ ବିଧାନସଭା ଓ ସିକିମର ▶▶ପୃଷ୍ଠା ୭

## ବୁଡ଼ିଗଲା ୫୦ ଯାତ୍ରୀଙ୍କୁ ନେଇ ଯାଉଥିବା ଡଙ୍ଗା: ୨ ମୃତ, ୭ ନିଖୋଜ



ଝାରସୁଗୁଡ଼ା , ୧୯/୪ (ନି.ପ୍ର): ମହାନଦୀରେ ଏକ ଡଙ୍ଗା ବୁଡ଼ି ଯିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ନିଖୋଜ ଅଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଶରଧା ନିକଟ ଘଟିଛି ଏହି ଘଟଣା। ମୃତକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ସେହିପରି ନିଖୋଜଙ୍କ ମଧ୍ୟରେ ୪ ଜଣ ମହିଳା ଓ ୩ ଜଣ ଶିଶୁ ଅଛନ୍ତି। ଡଙ୍ଗାରେ ପ୍ରାୟ ୫୦ ଜଣ ଥିଲେ। ସମସ୍ତେ ଛତିଶଗଡ଼ର ଖରସେନି ଅଞ୍ଚଳର। ବରଗଡ଼ ଅମ୍ବାଭୋନାର ପଥରସେନିରୁ ପିକନିକ୍ ସାରି ଡଙ୍ଗାରେ ଫେରୁଥିବାବେଳେ ଅପରାହ୍ନ ପ୍ରାୟ ଅଢ଼େଇଟା ବେଳେ ଘଟିଥିଲା ଦୁର୍ଘଟଣା। ଡଙ୍ଗାରେ ଥିବା ୪୦ରୁ ଅଧିକ ଲୋକଙ୍କୁ ସ୍ଥାନୀୟ ମସ୍ୟଜୀବୀମାନେ ଉଦ୍ଧାର କରିଥିଲେ।

## ବିଜେଡି ଛାଡ଼ିବେ ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ !



ଭୁବନେଶ୍ୱର, ୧୯/୦୪ (ନି.ପ୍ର): ବିଜେଡି ଛାଡିବେ ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ। ପାଟ୍ଟଶାଣୀ ବିଜେଡି ଛାଡୁଥିବା ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ପାଟ୍ଟଶାଣୀ ନିଜେ ଏ ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି। ୨୦୧୯ ମସିହାରେ ପୁଣି ଥରେ ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡି ଟିକେଟ ପାଇଁ ଆଶାୟୀ ଥିଲେ ପ୍ରସନ୍ନ ପାଟ୍ଟଶାଣୀ। ହେଲେ ତାଙ୍କୁ ଟିକେଟ ମିଳିନଥିଲା। ତାଙ୍କୁ କାଳେ ଦଳ ରାଜ୍ୟସଭା ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ତାହା ବି ହେଲା ନାହିଁ। ୨୦୨୪ ପାଇଁ ମଧ ଟିକେଟ ପାଇଁ ଆଶାୟୀ ଥିଲେ ପାଟ୍ଟଶାଣୀ। ହେଲେ ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡି ଏଥର ମନ୍ମଥ ରାଉତରାୟଙ୍କୁ ପ୍ରାର୍ଥୀ କରିଛି। ପରେ ପାଟ୍ଟଶାଣୀ ଚିଲିକା ବିଧାନସଭା ଆସନରୁ ପ୍ରାର୍ଥୀ ହେବାକୁ ଆଗ୍ରହ ଦେଖାଇଥିଲେ। ସେହି ଆସନରୁ ବିଜେଡି ଏଯାଏଁ ପ୍ରାର୍ଥୀ ଘୋଷଣା କରି ନାହିଁ। ଗତକାଲି ନବୀନ ନିବାସ ଯାଇଥିଲେ ପାଟ୍ଟଶାଣୀ। ନବୀନ ନିବାସରୁ ଫେରିବା ପରେ ସେ ବିଜେଡି ଛାଡୁଥିବା ଚର୍ଚ୍ଚା ଜୋର ଧରିଛି। ଟିକେଟ ମିଳିବ ନାହିଁ ବୋଲି ଏକପ୍ରକାର ସ୍ପଷ୍ଟ ▶▶ପୃଷ୍ଠା ୭

## ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲା ରଥ ଦଉଡ଼ି

ପୁରୀ, ୧୯/୦୪ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ପୁରୀରେ ପହଞ୍ଚିଲା ରଥଦଉଡ଼ି। ସମୁଦାୟ ୨୬ଟି ଦଉଡ଼ି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଛି। ପୁରୀ ବୀର ପ୍ରତାପପୁରରେ ଥିବା ଓଡ଼ିଶା ସମବାୟ କତା ନିଗମ ପକ୍ଷରୁ ପ୍ରସ୍ତୁତ କରାଯାଇଛି ଏହି ଦଉଡ଼ିକୁ। ପ୍ରାୟ ଏକ ମାସ ଧରି ୧୪ ଜଣ କାରିଗର ଏହି ରଥ ଦଉଡି ପ୍ରସ୍ତୁତିରେ ଲାଗିଥିଲେ। ତିନିରଥ ପାଇଁ ୧୪ ଖଣ୍ଡ ରଥଟଣା ଦଉଡି ଥିବାବେଳେ ଆଉଟ୍, ଇନ୍, ଜେନେରାଲ୍ ଓ ପୁଲିସ ପାଇଁ ତିନୋଟି ଲେଖାଏଁ ସମୁଦାୟ ୧୨ଟି ଦଉଡ଼ି ରହିଛି। ରଥଟଣା ପାଇଁ ରଥ ଦଉଡ଼ିର ଲମ୍ବ ୨୨୦ ଫୁଟ, ଗୋଲେଇ ୮ ଇଞ୍ଚ ରହିଛି। ସେହିପରି ଅନ୍ୟ ଦଉଡ଼ିର ଗୋଲେଇ ଚାରି ଇଞ୍ଚ ଥିବା କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ରଥ ତଦ୍ୱା ବଧାରକ ସୁଦର୍ଶନ ମେକାପ। ଆସନ୍ତା ଜୁଲାଇ ୭ ତାରିଖରେ ପୁରୀରେ ହେବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ନିର୍ବାଚନ ଥିବାରୁ ଆଦର୍ଶ ଆଚରଣ ବିଧିକୁ ଗୁରୁତ୍ୱର ସହ ନେଇ କାମ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

## ଆକ୍ସନ ମୋଡ୍‌ରେ ସୁରକ୍ଷା କର୍ମୀ: ହିଟ୍ ଲିଷ୍ଟରେ ୧୭ ଟପ୍ ନକ୍ସଲ ଲିଡର




ଭୁବନେଶ୍ୱର, ୧୯/୪ (ନି.ପ୍ର): କାଙ୍କେର୍ ଟ୍ରେଲର୍ ପରେ ଥରହର ଲାଲଗଡ଼। ପୂରା ଫିଲ୍ମ ଦେଖାଇବ 'ଅପରେସନ୍ ପ୍ରହାର'। ହିଟ୍ ଲିଷ୍ଟରେ ହିଡ଼ମା ସମେତ ୧୭ ଦୁର୍ଦ୍ଦାନ୍ତ ନକ୍ସଲ କମାଣ୍ଡର। ଦେଶରୁ ନକ୍ସଲବାଦର ମୂଳୋତ୍ପାଟନ ପାଇଁ 'ଅପରେସନ ପ୍ରହାର'ରେ ପ୍ରସ୍ତୁତ ହୋଇଛି ୧୭ ଜଣିଆ ହିଟ୍ ଲିଷ୍ଟ। ୧୭ ଜଣ ଖତରନାକ ନକ୍ସଲ ନେତାଙ୍କୁ ଚିହ୍ନଟ କରାଯାଇଥିବା ବେଳେ, ସେମାନଙ୍କୁ ନିପାତ କରିବାକୁ ଜଙ୍ଗଲର ଚପା ଚପା ଅଣ୍ଡାଳୁଛନ୍ତି ସୁରକ୍ଷା କର୍ମୀ। ଆତ୍ମସମର୍ପଣ ନକଲେ ସଫା ହୋଇଯିବା ସୁନିଶ୍ଚିତ। ୧୭ ଜଣିଆ ହିଟ୍ ଲିଷ୍ଟରେ ରହିଛି କୁଖ୍ୟାତ ନକ୍ସଲ କମାଣ୍ଡର ମାଣ୍ଡଓ୍ୱି ହିଡ଼ମା ଓରଫ୍ ହିଡ଼ମାଲୁ ଓରଫ୍ ସନ୍ତୋଷ। ସେ ଏବେ ସୁକମା ଜଙ୍ଗଲରେ ଲୁଚିଥିବା ଜାଣିବାକୁ ପାଇଛନ୍ତି ସୁରକ୍ଷାକର୍ମୀ। ଛତିଶଗଡ଼ରେ ସକ୍ରିୟ ଥିବା ଅନ୍ୟ ନକ୍ସଲ ନେତାମାନେ ହେଲେ ହରି ଭୂଷଣ, ରମନ୍ନା, ଥିପାନି ତିରୁପତି, ମାଡ୍ ଅଞ୍ଚଳର ▶▶ପୃଷ୍ଠା ୭

## ସାଇକେଲ ଆରୋହୀଙ୍କ ଉପରେ ମାଡ଼ିଗଲା କୋଇଲା ବୋଝେଇ ଟ୍ରକ୍

ବାଲେଶ୍ୱର, ୧୯/୪ (ନି.ପ୍ର): ସାଇକେଲ ଆରୋହୀଙ୍କ ଉପରେ ମାଡ଼ିଗଲା କୋଇଲା ବୋଝେଇ ଟ୍ରକ୍। ବାଲେଶ୍ୱର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ କାଠ ସଂଗଡା ଗାଁର। ଆଜି ସକାଳେ ସାଇକେଲ ଆରୋହୀ ଜଣଙ୍କ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ବୀପରିତ ଦିଗରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଗାଡ଼ି ନେଇ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ଗାଡ଼ିକୁ ପିଛା କରି ପୁଲିସ ଜିମାରେ ଦେଇଥିଲେ। ପୁଲିସ ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ପରିବାର ଲୋକେ ଓ ଗ୍ରାମବାସୀ ମୃତଦେହକୁ ରାସ୍ତା ଉପରେ ରଖି କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ୧୬ ଅବରୋଧ କରିଛନ୍ତି। ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛି।

## ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ୪୪ ଡିଗ୍ରୀ ଡେଇଁଲା ତାପମାତ୍ରା

### ୨୧ରୁ ସାମାନ୍ୟ ନିସ୍ତାର, ୨୫ରୁ ଫେରିବ ତାତି



ଭୁବନେଶ୍ୱର, ୧୯/୪ (ନି.ପ୍ର): ଆଜି ବି ପ୍ରଚଣ୍ଡ ତାତିରେ କଲବଲ ହେଲା ସାରା ଓଡ଼ିଶା। ଏ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ଆଜି ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ଛୁଇଁଛି। ୪୪.୩ ଡିଗ୍ରୀ ସହ ବୌଦ୍ଧ ପାଲଟିଛି ସର୍ବାଧିକ ଉତ୍ତପ୍ତ ସହର। ଏହା ତଳକୁ ରହିଛି ବାରିପଦା। ଆଜି ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ରେକର୍ଡ କରାଯାଇଛି । ଆଜି ରାଜ୍ୟରେ ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରହିଛି। ସେଥିରୁ ୧୦ଟି ସହରର ତାପମାତ୍ରା ୪୩ ଡିଗ୍ରୀ ବା ତା' ଉପରେ ରହିଛି। ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନୁଗୋଳରେ ୪୩.୭, ଟିଟିଲାଗଡ଼ରେ ୪୩.୫, ବଲାଙ୍ଗିରରେ ୪୩, ଭବାନୀପାଟଣାରେ ୪୩, ମାଲକାନଗିରିରେ ୪୩, ନୂଆପଡ଼ାରେ ୪୩ ଓ ନୟାଗଡ଼ରେ ୪୩ ଡିଗ୍ରୀ ରହିଛି। ସେହିପରି ତାଳଚେରର ତାପମାତ୍ରା ୪୨.୮ ଡିଗ୍ରୀ ରହିଥିବା ବେଳେ କଟକରେ ୪୨.୭, ସମ୍ବଲପୁରରେ ୪୨.୫, ସୁନ୍ଦରଗଡ଼ରେ ୪୨.୫, ରାଉରକେଲାରେ ▶▶ପୃଷ୍ଠା ୭

## ବରଗଡ଼ରୁ ଦୁଇ ଦିନରେ ଜବତ ହେଲାଣି ୧୬ ଲକ୍ଷ

ବରଗଡ଼, ୧୯/୪ (ନି.ପ୍ର): ଓଡ଼ିଶାରେ ସାଧାରଣ ନିର୍ବାଚନ ଆଉ କିଛି ଦିନ ବାକିଥିବା ବେଳେ ବରଗଡ଼ ଜିଲ୍ଲାରୁ ଜବତ ହେଉଛି ପୁଳାପୁଳା ଟଙ୍କା। ଗତକାଲି ବରଗଡ଼ ଥାନା ହଲଦୀପାଲି ଛକରୁ ଏକ ପିକ୍‌ଅପ୍ ଭ୍ୟାନରୁ ୧୦ ଟଙ୍କା ଜବତ କରାଯାଇଥିବା ବେଳେ ପୁଣି ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଥାନା ଡ଼ଭା ଛକରେ ଚେକିଂ ବେଳେ ଦୁଇ ବାଇକ ଆରୋହୀଙ୍କ ଠାରୁ ୬ ଲକ୍ଷ ୫୨ ହଜାର ୮୦୦ ଟଙ୍କା ଜବତ କରିଛି ପୁଲିସ। ଦୁଇ ବାଇକ ଆରୋହୀ ହେଲେ ବଲାଙ୍ଗିର ଜିଲ୍ଲାର ମିତ୍ରଭାନୁ ସାହୁ ଓ ମନୋଜ କୁମାର ସାହୁ। ପୁଲିସ୍ ଜବତ ଟଙ୍କା ସମ୍ପର୍କରେ ଯୁବକ ଦ୍ୱୟଙ୍କୁ ପଚାରିଥିଲା। ମାତ୍ର ସେମାନେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲେ। ତେଣୁ ପୁଲିସ୍ ଟଙ୍କା ପ୍ୟାକେଟ୍ ସହ ଗାଡ଼ିକୁ ଜବତ କରିଛି। ଏହାସହ ଦୁଇ ବାଇକ ଆରୋହୀଙ୍କୁ ଅଟକ ରଖିଛି। ନୋଟ୍ ଗୁଡ଼ିକୁ ଛୋଟ ଛୋଟ ପ୍ୟାକେଟ୍‌ରେ ପ୍ୟାକିଂ ହୋଇଥିଲା। ତେବେ ଯୁବକ ଦ୍ୱୟ ଏତେ ଟଙ୍କା ନେଇ କୁଆଡେ ଯାଉଥିଲେ ସେନେଇ ତନାଘନା ଚଳାଇଛି ପୁଲିସ । ବରଗଡ଼ରୁ ଦୁଇ ଦିନରେ ୧୬ଲକ୍ଷରୁ ଅଧିକ ଟଙ୍କା ଜବତ ହେବା ପରେ ଏତେ ଟଙ୍କା କେଉଁଠି ଆସୁଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତକାଲି ▶▶ପୃଷ୍ଠା ୭

## ମଧ୍ୟପ୍ରାଚ୍ୟରେ ଘନେଇଲା ଆଉ ଏକ ଯୁଦ୍ଧ ଆଶଙ୍କା

### ଇସ୍ରାଏଲର ଆକ୍ରମଣ ପରେ ସମସ୍ତ ବାୟୁସେବା ବନ୍ଦ କଲା ଇରାନ



ନୂଆଦିଲ୍ଲୀ, ୧୯/୪ : ମଧ୍ୟପ୍ରାଚ୍ୟରେ ପୁଣି ଘନେଇଛି ଆଉ ଏକ ଯୁଦ୍ଧ ଆଶଙ୍କା । ମଝି ରାତିରେ ଇରାନ ଉପରେ ମିସାଇଲ ମାଡ଼ କରିଛି ଇସ୍ରାଏଲ । ଇରାନର ଇସଫାହନ ସିଟିରେ ଥିବା ବିମାନବନ୍ଦରକୁ ଟାର୍ଗେଟ କରି ଇସ୍ରାଏଲ ମିସାଇଲ ମାଡ଼ କରିଥିବା ଜଣାପଡିଛି । ବୋମା,ମିସାଇଲ ମାଡ଼ ସହ ବିସ୍ଫୋରଣ ଶବ୍ଦରେ ଥରହର ହୋଇଛି ୩ ସହର । ଏଥିସହ ଇରାନର ପ୍ରମୁଖ ବିମାନବନ୍ଦରରେ ମଧ ମିସାଇଲ ମାଡ ହୋଇଥିବା ସୂଚନା ରହିଛି । ସ୍ଥିତିକୁ ଦେଖି ଇରାନ ନିଜର ସମସ୍ତ ବିମାନଉଡାଣ ବନ୍ଦ କରିଛି । ଇସ୍ରାଏଲର ଆକ୍ରମଣକୁ ପ୍ରତିହତ କରିବାକୁ ଇରାନ ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ସକ୍ରିୟ କରିଥିବା ସୂଚନା ମିଳିଛି । ମହାସଙ୍କଟ ଆଶଙ୍କା ଦେଇ ମଧ୍ୟପ୍ରାଚ୍ୟ ଗତି କରୁଥିବାବେଳେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଆକ୍ରମଣ ପ୍ରସଙ୍ଗ ଉଠିଛି । ଇରାନ ସେନାକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବାକୁ ଇସ୍ରାଏଲ ଦାବି କରୁଛି । ଅନ୍ୟପଟେ ଇରାନ ଇସ୍ରାଏଲକୁ ଚେତାବନୀ ଦେଇଛି ଯଦି ଆକ୍ରମଣ ହୁଏ ତେବେ ଏହାର ପରିଣାମ ଭୟଙ୍କର ହେବ । ତେବେ ନିକଟରେ ସିରିଆ ସ୍ଥିତ ଇରାନ ଦୂତାବାସ ଉପରେ ଇସ୍ରାଏଲ ଆକ୍ରମଣ କରିଥିବା ଇରାନ ଅଭିଯୋଗ କରିଥିଲା । ଇସ୍ରାଏଲର ମିସାଇଲ ଓ ରକେଟ ମାଡରେ ଇରାନ ସେନାର କିଛି ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ହୋଇଛି । ରକ୍ତମୁଖା ଇରାନ ପାଲଟା ଜବାବ ଦେଇ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା । ଏପ୍ରିଲ ୧୪ରେ ୩ଶହରୁ ଅଧିକ ମିସାଇଲ ଓ ଡ୍ରୋନ ଆକ୍ରମଣ କରିଥିଲା । ଏହାର ପ୍ରତିଶୋଧ ▶▶ପୃଷ୍ଠା ୭

## ଗାନ୍ଧିନଗରରୁ ନାମାଙ୍କନ ଦାଖଲ କଲେ ଅମିତ ଶାହ



ନୂଆଦିଲ୍ଲୀ, ୧୯/୪ : ୨୦୧୭ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଅମିତ ଶାହ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ରୁ ସେ ପ୍ରଥମ ଥର ସେ ଗାନ୍ଧିନଗରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ଚଳିତ ଥର ଦ୍ୱିତୀୟ ଥର ପାଇଁ ସେ ଗାନ୍ଧିନଗରରୁ ନାମାଙ୍କନ ଦାଖଲ କରିଛନ୍ତି। ଏହି ଆସନରୁ ଗତ ଥର ନିର୍ବାଚିତ ହୋଇ ସେ ଲୋକସଭାକୁ ଯାଇଥିବା ବେଳେ ଚଳିତ ଥର ବି ସେ ସମାନ ଆସନରୁ ବିଜେପି ପ୍ରାର୍ଥୀ ହୋଇଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ▶▶ପୃଷ୍ଠା ୭

# ବୁଥସ୍ତରୀୟ ଅଧିକାରୀଙ୍କ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୯/୪ (ନି.ପ୍ର): ଆସନ୍ତା ଜୁନ୍ ମାସ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ପୂର୍ବ ନିର୍ବାଚନ ଅପେକ୍ଷା ଏଥର ଭୋଟ୍‌ଦାନ ହାରରେ ବୃଦ୍ଧି ଓ ଶୂନ୍ୟ ରି-ପୋଲ୍ ଲକ୍ଷ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକ୍ ଏବଂ କେନ୍ଦ୍ରପଡ଼ା ମୁନିସିପାଲିଟିର ୯୦୦ରୁ ଅଧିକ ବୁଥ୍‌ସ୍ତରୀୟ ଅଧିକାରୀ ଅଂଶ ଗ୍ରହଣ କରି ଜିଲ୍ଲା ପ୍ରଶାସନର ଏହି ଲକ୍ଷ୍ୟକୁ ସାକାର କରିବେ ବୋଲି ନିଜ ନିଜର ପ୍ରତିକ୍ରିୟାରେ କହିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ, ନିର୍ବାଚନର ସଫଳ ରୂପାୟନ ପାଇଁ ତୃଣମୂଳ ସ୍ତରରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିରନ୍ତର ସଂଶୋଧନ ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସିଥିବା ଏହି ଅଧିକାରୀ ମାନେ ଅନୁପସ୍ଥିତ ଭୋଟର୍‌ମାନଙ୍କ ଭୋଟ୍ ଗ୍ରହଣ, ଭୋଟର ସୂଚନା ପତ୍ର ବଂଟନ, ଭୋଟର ସହାୟତା କେନ୍ଦ୍ରରେ ମଧ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଅନୁପସ୍ଥିତ ମତଦାତା ବା ଆବ୍‌ସେଂଟି ଭୋଟର୍‌ମାନେ ପୋଷ୍ଟାଲ୍ ବାଲାଟ୍ ସିଷ୍ଟମ୍ ଦ୍ୱାରା ଭୋଟ୍ ଦେବାକୁ ଯୋଗ୍ୟ ଅଟନ୍ତି। ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ୪୦% ପ୍ରତିଶତରୁ ଉର୍ଦ୍ଧ୍ୱ ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତି, ନିର୍ବାଚନ ଆୟୋଗଙ୍କ ଦ୍ୱାରା ଅଧିସୂଚୀତ ଅତ୍ୟାବଶ୍ୟକୀୟ ସେବାରେ ନିଯୁକ୍ତ ହୋଇଥିବା ବ୍ୟକ୍ତି ବିଶେଷ ପୋଷ୍ଟାଲ୍ ବାଲାଟ୍ ସିଷ୍ଟମ୍ ଦ୍ୱାରା ଭୋଟ୍ ଦେଇପାରିବେ। ହୋମ୍ ଭୋଟିଙ୍ଗ୍ ପାଇଁ ସେମାନଙ୍କୁ ୧୨-(ଡି) ଫର୍ମ ପ୍ରଦାନ କରି ଭୋଟଦାନକୁ ସୁନିଶ୍ଚିତ କରାଇବେ ବୁଥ୍‌ସ୍ତରୀୟ ଅଧିକାରୀ। ନିର୍ବାଚନରେ ଭିନ୍ନକ୍ଷମ ମତଦାତାମାନଙ୍କର ସକ୍ରିୟ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ସୁଗମ ଭୋଟର୍ ସୂଚନା ସ୍ଲିପ୍ ବଂଟନ କରିବେ। ଏଏମ୍‌ଏଫ୍ ଫାସିଲିଟିଜ୍ ଯଥା ପାନୀୟଜଳ, ଟଏଲେଟ୍, ର୍‌ୟାମ୍ପ, ଲାଇଟ୍ ଆଦି ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବେ। ପ୍ରତ୍ୟେକ ମତଦାନ କେନ୍ଦ୍ରର ପରିସରରେ ଥିବା ଭୋଟର ସହାୟତା କେନ୍ଦ୍ର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସଂସ୍ଥାପିତ ଓ ପରିଚାଳିତ ହୋଇଥାଏ। ଶତ ପ୍ରତିଶତ ଭୋଟଦାନ ପାଇଁ ନିର୍ବାଚନ ଆୟୋଗଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏସ୍‌ଭିଇଇପିକୁ ବୁଥ୍‌ସ୍ତରୀୟ ଅଧିକାରୀ ମାନେ ତ୍ୱରାନ୍ୱିତ କରିବେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ କେନ୍ଦ୍ରାପଡ଼ା ତହସିଲ୍‌ର ତହସିଲ୍‌ଦାର ଏବଂ ବ୍ଲକ୍‌ର ବିଡିଓ, କେନ୍ଦ୍ରାପଡ଼ା ମୁନିସିପାଲିଟି ର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ପ୍ରମୂଖ ଉପସ୍ଥିତ ଥିଲେ।

# ରାଜନୈତିକ ଦଳମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୧୯/୪ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗୁରୁବାର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ କରିଥିଲେ। ଏହି ଅବସରରେ ସେ ନାମାଙ୍କନ ପତ୍ର ଦାଖଲ, ନାମାଙ୍କନ ପତ୍ର ଯାଂଚ, ପ୍ରାର୍ଥୀପତ୍ର ପ୍ରତ୍ୟାହାରର ପ୍ରକ୍ରିୟା, ନିର୍ବାଚନ ଓ ନିର୍ବାଚନ ଫଳ ପ୍ରକାଶ ପାଇବାର ତାରିଖ ଓ ପ୍ରକ୍ରିୟା ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । କଳାହାଣ୍ଡି, ନବରଙ୍ଗପୁର (ଏସ୍.ଟି.), ବ୍ରହ୍ମପୁର ଓ କୋରାପୁଟ (ଏସ୍.ଟି.) ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ସଂକ୍ରାନ୍ତୀୟ ସମସ୍ତ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା। କେତେକ ନିର୍ବାଚନ ମଣ୍ଡଳୀରେ ସୁରକ୍ଷା ଦୃଷ୍ଟିରୁ ନିର୍ବାଚନ ସମୟକୁ ଅପରାହ୍ନ ୪ଟା ଓ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କରାଯାଇଛି। ଅନ୍ୟ ସମସ୍ତ ଅଂଚଳରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଦେଶରେ ଚତୁର୍ଥ ପର୍ଯ୍ୟାୟରେ ହେବାକୁ ଯାଉଥିବା ନିର୍ବାଚନ ଅନ୍ତର୍ଗତ ଓଡ଼ିଶାର ଉପରୋକ୍ତ ୪ଟି ଲୋକସଭା ଏବଂ ଏହା ଅନ୍ତର୍ଗତ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୨୫ ଅପ୍ରେଲକୁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ସ୍ଥିର କରାଯାଇଛି । ୨୬ ଅପ୍ରେଲ ଦିନ ନାମାଙ୍କନ ପତ୍ର ଯାଂଚ କରାଯିବ । ୨୯ ଅପ୍ରେଲ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବାବେଳେ ୧୩ ମଇ ଦିନ ମତଦାନ ହେବ । ଏହି ସମସ୍ତ ନିର୍ବାଚନ ପ୍ରକ୍ରିୟା ୦୬ ଜୁନ୍ ସୁଦ୍ଧା ସଂପୂର୍ଣ୍ଣ ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମଧ୍ୟରେ ନିର୍ବାଚନ ପରିଚାଳନାର ଆହ୍ୱାନ ବିଷୟରେ ଅବଗତ କରିବା ସହ ଖରାରେ ଶିଶୁ ଓ ବୟସ୍କ ବ୍ୟକ୍ତିମାନଙ୍କୁ ନେଇ ରାଲି ଓ ରୋଡ୍ ସୋ ନକରିବା ପାଇଁ ଆଲୋଚନା ହୋଇଥିଲା । ଏହା ସହ ରାଲି ଓ ସଭାରେ ରାଜନୈତିକ ଦଳମାନେ ଯେପରି ଓଆରଏସ୍, ଅଂଶୁଘାତ ସଂକ୍ରାନ୍ତୀୟ ଔଷଧପତ୍ର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ରଖିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରିଥିଲେ । ଯଦିଓ ପ୍ରଚଣ୍ଡ ଖରାରେ ନିର୍ବାଚନ ପ୍ରକ୍ରିୟା ଜାରି ରହିବ, ତଥାପି 'ଅଂଶୁଘାତଜନିତ ହତାହତଶୂନ୍ୟ' ନିର୍ବାଚନ ହେଉଛି ନିର୍ବାଚନ ପରିଚାଳନାର ମୂଳଲକ୍ଷ୍ୟ ବୋଲି ଶ୍ରୀ ଧଳ ମତପ୍ରକାଶ କରିଥିଲେ। ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ପ୍ରଚାର ବିଷୟରେ ଆଲୋଚନା କରି ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିୟମ ଓ ଜନପ୍ରତିନିଧିତ୍ୱ ଅଧିନିୟମ-୧୯୫୧ର ବ୍ୟବସ୍ଥାକୁ ମାନି ଏକ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଦଳମାନେ ପ୍ରଚାର କରି ଏକ ସୁସ୍ଥ ଓ ମହାନ ଗଣତାନ୍ତ୍ରିକ ପଦ୍ଧତିର ଉଦାହରଣ ପ୍ରସ୍ତୁତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ଅଭିପ୍ରେରିତ କରିଥିଲେ । ଆଦର୍ଶ ଆଚରଣ ବିଧିର ଅନୁପାଳନ କ୍ରମେ ନିର୍ବାଚନ ପ୍ରଚାର ପାଇଁ ସେ ସଭିଙ୍କୁ ଅନୁରୋଧ କରିଥିଲେ । ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅଦ୍ୟତନ ଭୋଟର ତାଲିକା ବିଷୟରେ ସୂଚନା ଦେଇ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା କ୍ଷେତ୍ରରେ ମୋଟ ୬୨,୮୪,୬୪୯ ଜଣ ଭୋଟର ଅଛନ୍ତି ବୋଲି ଜଣାଇଥିଲେ । ଏବେ ଓଡ଼ିଶାରେ ପ୍ରତି ୧୦୦୦ ପୁରୁଷ ଭୋଟର ତୁଳନାରେ ୯୭୪ ଜଣ ମହିଳା ଭୋଟର ଅଛନ୍ତି। ଏହା ସହ ରାଜ୍ୟରେ ମୋଟ ଅଦ୍ୟତନ ଭୋଟର ସଂଖ୍ୟା ୩ କୋଟି ୩୬ ଲକ୍ଷ ପହଂଚିଥିବା ବିଷୟରେ ସେ ଅବଗତ କରାଇଥିଲେ । କଳାହାଣ୍ଡି ଲୋକସଭା କ୍ଷେତ୍ରରେ ୮,୫୦,୬୫୮ ପୁରୁଷ, ୮,୪୯,୪୨୪ ମହିଳା ଓ ୧୧୦ ଜଣ ତୃତୀୟ ଲିଙ୍ଗୀ ଭୋଟର ଥିବାବେଳେ ନବରଙ୍ଗପୁରରେ ୭,୪୨,୨୧୬ ପୁରୁଷ, ୭,୭୧,୪୨୪ ମହିଳା ଓ ୧୧୬ ଜଣ ତୃତୀୟ ଲିଙ୍ଗୀ ଭୋଟର, ବ୍ରହ୍ମପୁରରେ ୭,୯୬,୯୫୯ ପୁରୁଷ, ୭,୯୩,୪୩୬ ମହିଳା ଓ ୧୪୯ ଜଣ ତୃତୀୟ ଲିଙ୍ଗୀ, କୋରାପୁଟରେ ୭,୦୬,୩୮୩ ପୁରୁଷ, ୭,୭୩,୪୮୭ ମହିଳା ଓ ୨୬୦ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ଉପରୋକ୍ତ ଚାରୋଟି ଲୋକସଭା ଅଂଚଳରେ ୩୦,୯୬,୨୪୩ ପୁରୁଷ, ୩୧,୮୭,୭୭୧ ମହିଳା ଓ ୬୩୫ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। କଳାହାଣ୍ଡିରେ ମୋଟ ଭୋଟର ସଂଖ୍ୟା ୧୭,୦୦,୨୧୯ ଥିବାବେଳେ ୨୧୦୩ଟି ବୁଥ୍ ରହିଛି। ଏଠାରେ ପ୍ରତି ୧୦୦୦ ପୁରୁଷରେ ୯୯୯ ଜଣ ମହିଳା ଭୋଟର ରହିଛନ୍ତି। ସେହିପରି ନବରଙ୍ଗପୁରରେ ମୋଟ ୧୫,୧୩,୭୫୬ ଜଣ ଭୋଟର ରହିଥିବାବେଳେ ପ୍ରତି ୧୦୦୦ ପୁରୁଷରେ ୧୦୩୯ ମହିଳା ଭୋଟର ଅଛନ୍ତି।

## ରନ୍ଧନ ଗ୍ୟାସ ଠିକ ସମୟରେ ମିଳୁ ନାହିଁ

ମୁଖୀଗୁଡ଼ା, ୧୯/୪ (ନି.ପ୍ର): ରନ୍ଧନ ଗ୍ୟାସ ଠିକ ସମୟରେ ମିଳୁନଥିବାରୁ ଉପଭୋକ୍ତା ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହୋଉଛନ୍ତି। ଜୟପାଟଣା ଅଂଚଳ ପାଇଁ ମହାଲକ୍ଷ୍ମୀ ଇଣ୍ଡେନ ଦାୟିତ୍ୱରେ ଥିବାବେଳେ ଗ୍ୟାସ ସିଲିଣ୍ଡର ପାଇଁ ଅନ୍ ଲାଇନ ବୁକିଙ୍ଗ କଲେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସିଲିଣ୍ଡର ଯୋଗାଇ ଦିଆଯିବ ବୋଲି ମେସେଜ ଆସୁଛି। କିନ୍ତୁ ସିଲିଣ୍ଡର ଆସୁନାହିଁ ବଦଳରେ ଅଡର କେନସଲେସନ ମେସେଜ ଆସୁଛି। ଠିକ ସମୟରେ ସିଲିଣ୍ଡର ନମିଳିବାରୁ ଉପଭୋକ୍ତା ଏବେ ଅଧିକ ଦରଦେଇ ବେପାରୀ ଠାରୁ କିଣି ବାକୁ ବାଧ୍ୟ ହେଉଛନ୍ତି। ବହୁ ଉପଭୋକ୍ତା ଏଭଳି ହଇରାଣ ହେଉ ଥିବାବେଳେ କମ୍ପାନୀ ତରଫରୁ ଠିକ ସମୟରେ ସିଲିଣ୍ଡର ଯୋଗାଇ ଦେବା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହୋଉଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ଅନୁଷ୍ଠିତ

ଭୁବନେଶ୍ୱର, ୧୯/୪ (ନି.ପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ଐତିହ୍ୟ ଓ ସଂରକ୍ଷଣ ବିଭାଗ ପକ୍ଷରୁ 'ବିଶ୍ୱ ଐତିହ୍ୟ ଦିବସ 'ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଆମ ଐତିହ୍ୟ ପ୍ରାଚୀନତା ଓ ଏହାର ସାଂସ୍କୃତିକ ଅବଦାନ ସଂପର୍କରେ ବିଷଦ ଭାବେ ଆଲୋଚନା କରିବା ସହ ଐତିହ୍ୟର ସଂରକ୍ଷଣ ପାଇଁ ଆଗଭର ହେବାପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଐତିହ୍ୟର ସୁରକ୍ଷା ହିଁ ଆମର ସାଂସ୍କୃତିକ ପରିଚୟର ପ୍ରମୁଖ ମାଧ୍ୟମ ବୋଲି କୁଳପତି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଐତିହ୍ୟ ସଂରକ୍ଷକ ଅରୁଣ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଐତିହ୍ୟ ଦିବସର ପ୍ରାସଙ୍ଗିକତା ସଂପର୍କରେ ଆଲୋଚନା କରିବା ସହ ଓଡ଼ିଶାର ଐତିହ୍ୟ କିର୍ତିରାଜି ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗୀୟ ଅଧ୍ୟାପକ ଆଶୁତୋଷ ଦାସ ଆମ ରାଜ୍ୟର ଐତିହ୍ୟର ଗୁରୁତ୍ୱ ଓ ଏହାର ସଂରକ୍ଷଣ ନିମନ୍ତେ ଯୁବପିଢ଼ି ପ୍ରୟାସ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ। ଏହି ଆଲୋଚନା ଚକ୍ରରେ ଡ. ଲକ୍ଷ୍ମଣ କୁମାର ସାହୁ, ଡ ଉମେଶ ଚନ୍ଦ୍ର ନାୟକ ଓ ଶ୍ୟାମ ରସ୍ତୋଗୀ ପ୍ରମୁଖ ଉଭୟ ଦୃଶ୍ୟକଳା ଓ ପରିବେଷଣ କଳା ଦ୍ୱାରା ଐତିହ୍ୟ ସଂରକ୍ଷଣ ସଂପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଡ. ଜ୍ଞାନରଂଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସ

ବଲାଙ୍ଗୀର, ୧୯/୪ (ନି.ପ୍ର): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ଭାରତୀୟ ଶିକ୍ଷଣ ମଣ୍ଡଳର ପ୍ରତିଷ୍ଠା ଦିବସ ଓଡିଶା ପଶ୍ଚିମ ପ୍ରାନ୍ତର ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି ଏବଂ ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥ ମୁଖ୍ୟବକ୍ତା ରୂପେ ମଂଚାସିନ ଥିଲେ। କସ୍ତୁରୀ ରଥଙ୍କ ସଂଯୋଜନାରେ ପ୍ରଥମେ ମାଁ ସରସ୍ୱତୀଙ୍କ ଫଟୋରେ ମାଲ୍ୟାର୍ପଣ ପରେ ସଦସ୍ୟ ଗୋପାଳ ଚନ୍ଦ୍ର ପ୍ରଧାନ ଧେୟବାକ୍ୟ ଓ ଶ୍ଲୋକ ପାଠ କରିଥିଲେ। ରାଷ୍ଟ୍ରୀୟ ପୁନରୁଥାନ ପାଇଁ ଶିକ୍ଷାରେ ଭାରତୀୟତା ଓ ଭାରତୀୟ ସଂସ୍କୃତିକୁ ଫେରାଇ ଆଣିବାକୁ ହେଲେ ମର୍ଯ୍ୟଦା ପୁରୁଷ ଶ୍ରୀରାମଙ୍କ ଭାତୃ ପ୍ରେମ ଓ ଏକ ପରିବାର ଭାବଧାରାକୁ ଆଗେଇ ନେବା ପାଇଁ ଶ୍ରୀ ମିଶ୍ର କହିଥିଲେ। ଆଜିର ଯୁବ ସମାଜକୁ ଆଗେଇ ଆସି ଭାରତୀୟ ସଂସ୍କୃତିକୁ ବଂଚାଇ ରଖିବାକୁ ଆଗେଇ ଆସିବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଏ ଅବସରରେ ପୂର୍ବତନ ପ୍ରାନ୍ତ ସଂପାଦକ ଗୋବିନ୍ଦ ମିଶ୍ର, ବରିଷ୍ଠ ସଂଗଠକ ବିରଂଚି ଦାଶ ଓ ମହିଳା ପ୍ରକୋଷ୍ଠ ନେତ୍ରୀ ସୁଶ୍ରୀ ସବିତା ଭୋଇଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପ୍ରାନ୍ତ ସଦସ୍ୟା ସୁଶ୍ରୀ ସଂଯୁକ୍ତା ପରିଛା ସାଂଗଠାନିକ ଦକ୍ଷତା ଉପରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଗିରିଜା ଭୂଷଣ ରଥ, ଧିରେନ୍ଦ୍ର ନାରାୟଣ ସିଂଦେଓ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠି, ଭବାନୀ ଶଙ୍କର ପଟେଲ, ସମ୍ବାଦିକ ଆକୁଳ ବେହେରା, ମାଳତି ଉଦ୍‌ଗାତା, ଯୁଧିଷ୍ଠିର ମିଶ୍ର, ନିହାରିକା ମିଶ୍ର, ଦିବାକର ହୋତା, ମଲିଆ ଗଡୁଆ, ଥମିର ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଦନ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଶାଳା କଂଗ୍ରେସର ମିଶ୍ରଣ ପର୍ବ

ଧର୍ମଶାଳା, ୧୯/୪ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବିଧାନସଭା ଆସନ ପାଇଁ କଂଗ୍ରେସ କିଶାନ ପଣ୍ଡାଙ୍କୁ ପ୍ରାର୍ଥୀ କରିଛି। ଏହି ଘୋଷଣା ପରେ ଦଳକୁ ଫେରିଛନ୍ତି ପୁରୁଣା କର୍ମୀ। ଆଜି ଜାରକା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ମିଶ୍ରଣ ର୍ପ୍ୱ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଯୁବ କଂଗ୍ରେସ ସଭାପତି ସଞ୍ଜୟ ରାଉତ ଗତ ନିର୍ବାଚନରେ ଟିକଟ ଘୋଷଣା ପରେ ଅସନ୍ତୁଷ୍ଟ ହୋଇ ବିଜେଡିରେ ସାମିଲ ହୋଇଥିଲେ। ତେବେ ଚଳିତ ନିର୍ବାଚନରେ ଦଳ କିଶାନ ପଣ୍ଡାଙ୍କୁ ପ୍ରାର୍ଥୀ କରିବା ପରେ ସେ ପୁଣି ନିଜ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ର୍ପ୍ୱରେ କଂଗ୍ରେସ ନେତା କିଶାନ ପଣ୍ଡା ଯୋଗଦେଇ ଦଳରେ ସାମିଲ ହୋଇଥିବା ନେତା ଓ କର୍ମୀମାନଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ପାନୀୟ ବୋତଲ ପାଣିରେ ବ୍ୟାକ୍ଟେରିଆ: ପାଣି ଟେଷ୍ଟିଂରୁ ବାହାରିଲା 'କୋଲିଫର୍ମ'



ଖୋର୍ଦ୍ଧା, ୧୯/୪ (ନି.ପ୍ର): ଆଖିକୁ ସ୍ୱଚ୍ଛ ଓ ନିର୍ମଳ ଦେଖାଯାଉଥିବା ସବୁ ବୋତଲ ପ୍ୟାକ୍ ପାଣି ବିଶୁଦ୍ଧ ନୁହେଁ। ବାହାରୁ ବୋତଲ ଚିକ୍କଣ ଦିଶୁଥିଲେ ବି ଭିତରେ ଲୋକଙ୍କୁ ବିକ୍ରି ଚାଲିଛି ବ୍ୟାକ୍ଟେରିଆଯୁକ୍ତ ପାଣି। କିଛି ଦିନ ତଳେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପାଣି ଫ୍ୟାକ୍ଟ୍ରିରୁ ସଂଗ୍ରହ କରିଥିବା ବୋତଲ ପାଣି ନମୁନା ପରୀକ୍ଷା କରି ଏକଥା ଖୁଲାସା କରିଛି। ଜିଲ୍ଲାର ତିନି ଗୋଟି ପାଣି ଫ୍ୟାକ୍ଟ୍ରିର ସିଲ୍ ଯୁକ୍ତ ବୋତାଲ ପାଣି ଭିତରୁ 'କୋଲିଫର୍ମ' ନାମକ ବ୍ୟାକ୍ଟେରିଆ ବାହାରିଛି। ରାଜ୍ୟ ଖାଦ୍ୟ ପରୀକ୍ଷାଗାର ପରୀକ୍ଷଣରୁ ଏହା ପ୍ରମାଣିତ ହେବା ପରେ ବ୍ୟାକ୍ଟେରିଆଯୁକ୍ତ ପାଣି ବିକ୍ରି କରୁଥିବା କମ୍ପାନି ବିରୋଧରେ ଜୁଡିସିଆଲ୍ ମାମଲା ରୁଜୁ କରିବାକୁ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଣ୍ଟା ଭିଡ଼ିଛି। ବିଭାଗ କହିବା ମୁତାବକ, ଏହି ତିନି ଗୋଟି ପାଣି ଫ୍ୟାକ୍ଟ୍ରି ଭିତରେ ଦୁଇ ଗୋଟି ଖୋର୍ଦ୍ଧା ଉପକଣ୍ଠରେ ହୋଇଥିବା ବେଳେ ଅନ୍ୟଟି ହେଉଛି ବାଲିଅନ୍ତା, ବାଲିପାଟଣା ବ୍ଲକ୍‌ର। ବଜାରରେ ବିକ୍ରିବଟା ହେଉଥିବା ପ୍ୟାକିଂ ପାଣି ମଧ୍ୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍ତର୍ଭୁକ୍ତ। ପାଣି ଲୋକଙ୍କର ଅତ୍ୟାବଶ୍ୟକ ହୋଇଥିବା ବେଳେ ବର୍ତ୍ତମାନ ଏହାର ଭଲ ମାର୍କେଟିଂ ବି ଚାଲିଛି। ପାଣି ବେପାରରେ ଭଲ ମୁନାଫା ଅଳ୍ପ କିଛି ଖର୍ଚ୍ଚ କରି ବୋତଲ ପିଛା ୧୦ରୁ ୨୦ଟଙ୍କାର ବିକ୍ରିବଟା। ତେଣୁ, ଜଳ ଶିଳ୍ପରେ ଜିଲ୍ଲା ବହୁ ଲୋକ ମାତିଛନ୍ତି। କିନ୍ତୁ, ଯେଉଁ ଢଙ୍ଗରେ ଜଳ ପ୍ୟାକିଂ ହେବା କଥା, ସେହି ରକମର ହେଉନାହିଁ। ନିୟମ ଅନୁସାରେ, ପାଣି ଫ୍ୟାକ୍ଟ୍ରି କରିବା ପୂର୍ବରୁ ବିଆଇଏସ୍ ମାର୍କ(ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ) ରହିବା କଥା। ଜଳ ଶିଳ୍ପରେ ଅନ୍ୟୁନ ଦୁଇ ଗୋଟି ଲାବୋଟାରୀ ନିତ୍ୟାନ୍ତ ଜରୁରି। ଗୋଟିଏ ରସାୟନିକ ପରୀକ୍ଷଣ କରିବା ବାଧ୍ୟତାମୂଳକ ହୋଇଥିବା ବେଳେ ଅନ୍ୟଟି ମାଇକ୍ରୋ ବାଓଲୋଜି ଲାବୋଟାରୀ ରହିବା କଥା। ଯେଉଁଥିରେ ଉଭୟ ରସାୟନ ଏବଂ କ୍ଷୁଦ୍ର ଅଣୁଜୀବର ପରୀକ୍ଷଣ ହେଲା ପରେ ମାର୍କେଟ୍‌କୁ ପାଣି ପଠାଇବା କଥା। କିଛି ଦିନ ତଳେ ଖୋର୍ଦ୍ଧା ମାର୍କେଟ୍‌ରେ ବିକ୍ରିବଟା ଚାଲିଥିବା ବୋତଲ ପାଣି ଏହି ସବୁ ମାନକ ପାଳନ କରୁଛନ୍ତି କି' ନାହିଁ, ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ତାହା ଯାଞ୍ଚ କରିଥିଲା। ଆଖିକୁ ପାଣି ସ୍ୱଚ୍ଛ ଏବଂ ବୋତଲ ଚିକ୍କଣ ଦିଶୁଥିଲେ ବି ଜଳର ମାନକୁ ନେଇ ବିଭାଗର ସନ୍ଦେହ ହୋଇଥିଲା। ତେଣୁ, ପୂରା ଜିଲ୍ଲାର ବିଭିନ୍ନ ପାଣି ଫ୍ୟାକ୍ଟ୍ରିରୁ ପ୍ରାୟ ୧୨ଗୋଟି ନମୁନା ସଂଗ୍ରହ କରି ରାଜ୍ୟ ଖାଦ୍ୟ ଲାବୋଟାରୀକୁ ପଠାଇଥିଲା। ଯେଉଁଥିରୁ ତିନି ଗୋଟି ପାଣି ନମୁନା ପାନୀୟ ପାଇଁ ଅସୁରକ୍ଷିତ ବୋଲି ରିପୋର୍ଟ ଆସିଛି ବୋଲି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ନିବେଦିତା ଭଞ୍ଜ ପ୍ରକାଶ କରିଛନ୍ତି। ଏହି ଜଳ ନମୁନା ଗୁଡ଼ିକ ସିଧା ପାଣି ଫ୍ୟାକ୍ଟ୍ରିରୁ ସଂଗ୍ରହ କରାଯାଇଥିଲା। ଯେଉଁଥିରୁ 'କୋଲିଫର୍ମ' ଠାବ ହୋଇଛି। ଯାହା ପାନୀୟ ପାଇଁ ସୁରକ୍ଷିତ ନୁହେଁ। ଲାବୋଟାରୀ ରିପୋର୍ଟ ଆସିଲା ପରେ ଏହି ପାଣି ଫ୍ୟାକ୍ଟ୍ରି ବିରୋଧରେ ଜୁଡିସିଆଲ୍ ମାମଲା ରୁଜୁ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଜିଲ୍ଲା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

ସୁବର୍ଣ୍ଣପୁର, ୧୯/୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଟ୍ରାକ୍ଟର ମାଲିକ ତଥା ଜଙ୍ଗଲ ବିଭାଗରେ କାର୍ଯ୍ୟରତ କର୍ମଚାରୀ ସ୍ୱର୍ଗତ ସୁରେଶ ପଟ୍ଟନାୟକଙ୍କ ବିଧବା ପତ୍ନୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଶ୍ରୀ ପଟ୍ଟନାୟକଙ୍କ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରକାଶ ଥାଉ କି, ଶ୍ରୀ ପଟ୍ଟନାୟକ ସୁବର୍ଣ୍ଣପୁର ଟ୍ରାକ୍ଟର ସଂଘ ର ଜଣେ ଶୃଙ୍ଖଳିତ ସରଳ ଓ ଅମାୟିକ ବ୍ୟକ୍ତି ଥିଲେ। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧିନ ଥିଲେ। ଆଜି ଟ୍ରାକ୍ଟର ମାଲିକ ସଂଘ ର କର୍ମକର୍ତ୍ତା ପହଂଚି ଏ ପରିବାରକୁ ଆର୍ଥିକ ତଥା ସମବେଦନା ଜଣାଇବା ପ୍ରସଙ୍ଗ କୁ ଜିଲ୍ଲାର ବୁଦ୍ଧିଜୀବୀ ବେଶ ପ୍ରଶଂସା କରିଛନ୍ତି। ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ସଭାପତି ଶିବ ନାରାୟଣ ବହିଦାର, ସମ୍ପାଦକ କୁଶଳେଶ୍ୱର ବହିଦାର, ପଦ୍ମନାଭ ମିଶ୍ର ପ୍ରମୁଖ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଟ୍ରାକ୍ଟର ସଂଘ ପ୍ରତିଷ୍ଠା ହେବା ଦିନ ଠାରୁ ଏଭଳି ଅସମୟରେ ଅନେକ ସଦସ୍ୟଙ୍କ ପରିବାରକୁ ସଂଘ କର୍ମକର୍ତ୍ତା ପହଂଚି ସମସ୍ତ ସହାୟତା ପ୍ରଦାନ କରି ଆସୁଥିବା ଜଣାଯାଇଛି।

## ଚାନ୍ଦପୁର ଓ ଓଉପଦାରେ ଜଳଛତ୍ର

କୋରେଇ, ୧୯/୪ (ନି.ପ୍ର): ପ୍ରଚଣ୍ଡ ରୋଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ବିଭିନ୍ନ ସଠଗଠନ ପକ୍ଷରୁ ରାଜପଥ କଡରେ ଜଳଛତ୍ର ଖୋଲାଯାଇଛି । ପ୍ରଶାସନ ପକ୍ଷରୁ ଏପ୍ରିଲ ୪ ବା ପଣା ସଂକ୍ରାନ୍ତି ଠାରୁ ଜଳଛତ୍ର ଖୋଲାଯାଏ । ଚଳିତ ବର୍ଷ କିନ୍ତୁ ଅବଧି ତାହା ଦେଖିବାକୁ ମିଳୁନି । ପାଣି ମୁନ୍ଦାଏ ପାଣି ଡହଳବିକଳ ହେଉଥିବା ପଥଚାରି ଓ ଗାଡି ଚାଳକ ମାନଙ୍କ ଆବଶ୍ୟକତା ଦୃଷ୍ଟିରୁ ୨୦ ନମ୍ବର ଜାତୀୟ ରାଜପଥ କଡ ଚାନ୍ଦପୁର ଓ ଓଉପଦା ଠାରେ ଆଜି ଜଳଛତ୍ର ଖୋଲା ଯାଇଛି । ଆଗ୍ରହର ସହ ପଥାଚାରୀ, ବାଇକ ଆରୋହୀ ଓ ଟ୍ରକ ଚାଳକ ମାନେ ଦହିପାଣି ପିଇ ତୃପ୍ତି ଲାଭ କରୁଥିବା ଦେଖିବାକୁ ମିଳିଛି । ଏହି କ୍ରମରେ ଚାନ୍ଦପୁର ଠାରେ ଶ୍ରୀ ଗୋପିନାଥ ଅଟୋମୋବାଇଲ ସମ୍ମୁଖରେ ମନ୍ମଥ ପଣ୍ଡା, ମୃତ୍ୟୁଂଜୟ ସାହୁ, ନିରଂଜନ ସ୍ୱାଇଁ, ସୁରେଶ ସ୍ୱାଇଁ, କାହ୍ନୁ ସ୍ୱାଇଁ, ଆର୍ଶିବାଦ ସ୍ୱାଇଁ, ସିପୁନ ସାହୁ, ସୁରଜ ପଣ୍ଡା, କମଳାକାନ୍ତ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଜଳଛତ୍ର ଖୋଲାଯାଇଥିଲା । ଏହା ୧ମାସ ଧରି ଚାଲୁ ରହିବାକୁ ସ୍ଥିର ହୋଇଛି । ସେହିପରି ରଂଜିତା ପରିଡାଙ୍କ ନେତୃତ୍ୱରେ ଓଉପଦା ଛକରେ ଜଳଛତ୍ର ଖୋଲାଯାଇଛି । ବିଜେପି କୋରାଇ ବିଧାୟକ ପ୍ରାର୍ଥି ଆକାଶ ଦାସନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । କରୁଣାକର ମାଝୀ, ହରିହର ପରିଡା, ରବିନାରାୟଣ ପଣ୍ଡା, ନରେଶ ବେହେରା, ସେକ ଜହର ଅଲ୍ଲୀ, ଲକ୍ଷ୍ମୀଧର କରଣ ସମେତ ବହୁ ଯୁବକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

## ବାରବାଟୀଠାରେ ବସ୍ ଦୁର୍ଘଟଣାର ତଦନ୍ତ ପାଇଁ ଘଟଣାସ୍ଥଳରେ କେନ୍ଦ୍ରୀୟ ତଦନ୍ତକାରୀ ଦଳ

ଧର୍ମଶାଳା, ୧୯/୪ (ନି.ପ୍ର): ଯାଜପୁର ଜିଲ୍ଲା ୧୬ନଂ ଜାତୀୟ ରାଜପଥ ବାରବାଟୀ ଛକ ନିକଟରେ ଯାତ୍ରୀ ବାହୀ ବସ ଦୁର୍ଘଟଣା ମାମଲା। ଘଟଣାସ୍ଥଳରେ କେନ୍ଦ୍ରୀୟ ଅନୁଧାନକାରୀ ଦଳର ତଦନ୍ତ। ଆଜି ଅପରାହ୍ନରେ ୨ ଜଣିଆ କେନ୍ଦ୍ରୀୟ ଅନୁଧାନକାରୀ ଦଳ ବାରବାଟୀ ଛକ ନିକଟ ଦୁର୍ଘଟଣାସ୍ଥଳରେ ପହଂଚି ପ୍ରଥମେ ଅନୁଧାନ କରିଥିଲେ। ଓଭର ବ୍ରିଜ ଉପରେ ରହି ଦୁର୍ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଏହାର ବୈଜ୍ଞାନିକ କାରଣ ଖୋଜିଥିଲେ। ପରେ ଜାରକା ବିଟ ହାଉସ ପରିସରରେ ଥିବା ଦୁର୍ଘଟଣାଗ୍ରସ୍ତ ବସ ଟିର ଅନୁଧାନ କରିବା ସହ ଫଟୋ ଉଠାଇଥିଲେ। ଏହି ସମୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ, କଟକ ଏମଭିଆଇ, ଧର୍ମଶାଳା ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଗତ ୧୫ ତାରିଖ ରାତି ସମୟରେ ପୁରୀରୁ କୋଲକତା ଅଭିମୁଖେ ଯାଉଥିବା ଏକ ବସ୍ ବାରବାଟୀ ଛକ ନିକଟରେ ଭାରସାମ୍ୟ ହରାଇ ଓଭର ବ୍ରିଜ ଉପରୁ ତଳକୁ ଓଲଟି ପଡିଥିଲା। ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ତେବେ ଏହି ଦୁର୍ଘଟଣା କାହିଁକି ଓ କିପରି ଘଟିଲା ଏନେଇ ଚାଲିଛି କାରଣ ଖୋଜା ଚାଲିଛି ।

## ଦୁର୍ବଳ ଓ କୁପୋଷଣ ଶିଶୁଙ୍କ ସ୍ୱାସ୍ଥ୍ୟସେବା ସହୟତାରେ ସ୍ୱାତୀ

କନ୍ଧମାଳ, ୧୯/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଏକ ଚିନ୍ତାଜନକ ବିଷୟ ଯାହା ଘରର-୪(୨୦୧୫-୧୬) ୦ ରୁ ୫ ବର୍ଷର କମ ଓଜନର ଶିଶୁ (ଓଜନ ଓ ଉଚ୍ଚତା) ଆଧାରରେ ୮.୪% ଶତକଡା ଥିଲା ତାହ ପରବର୍ତି ସମୟରେ ଘରଐଚ୍-୫ (୨୦୧୯-୨୧) ୧୨.୪ % ଶତକଡା କୁ ବୃଦ୍ଧି ପାଇଛି ଦେଖିବାକୁ ଗଲେ କନ୍ଧମାଳ ଜିଲ୍ଲାରେ ପ୍ରାୟ ୧୨୦୦ ଜଣ ଏହିଭଳି ପିଲା ୧୨ଟି ବ୍ଲକରେ ଫେବୃଆରି ୨୦୨୪ ସରକାରଙ୍କ ପୋଷଣ ଟ୍ରାକର ଦ୍ୱାରା ଚିହ୍ନଟ ହୋଇଛି । ଗ୍ରାମୀଣ ଅଂଚଳରେ ସଚେତନତା ଅଭାବ ହେତୁରୁ ଗର୍ଭବତୀ ମା ଓ ଶିଶୁ ମାନଙ୍କ ମଧ୍ୟରେ କୁପୋଷଣ ଓ ରକ୍ତ ହୀନତା ଏକ ମୁଖ୍ୟ ସମସ୍ୟା ପରିଲକ୍ଷୀତ ହୁଏ । ଜିଲ୍ଲାର ଫିରିଙ୍ଗିଆ ବ୍ଲକ ର ବାଲନ୍ଦାପଡା ଅଂଚଳରେ ସ୍ୱାତୀ ଓ କ୍ରାଏ ଅନୁଷ୍ଠାନର ମିଳିତ ଉଦ୍ୟମରେ ମାତୃ ଓ ଶିଶୁ ମାନଙ୍କ ପାଇଁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯାଉଛି ଯଥା ସନ୍ତୁଳିତ ଖାଦ୍ୟ, କୁପୋଷଣ, ଶିଶୁଙ୍କୁ ମା କ୍ଷୀର ପାନ, ମା ଓ ଶିଶୁ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, କିଶୋର ବାଳକ ଓ ବାଳିକା ମାନଙ୍କୁ ଜିବନ କୌଶଳ ଶିକ୍ଷା ଏହି ପ୍ରକଳ୍ପ ର କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ ଅଟେ। ମା ମାନଙ୍କ ଭିତରେ ଉପଯୁକ୍ତ ସଚେତନତା ଅଭାବରୁ ଜନ୍ମ ରୁ ଦୃବଳ ଶିଶୁ ମାନଙ୍କୁ ଉପଯୁକ୍ତ ମାଗଣା ସରକାରୀ ସ୍ୱାସ୍ଥ୍ୟ ସେବା ପରିବର୍ତେ , ପାରମ୍ପରିକ ଚିକିତ୍ସା କରି ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ରେ ଘୋର ଅବନତି ପରିଲିଖିତ ହୁଏ । ପୋଷଣ ଟ୍ରାକର, ଯାହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ପରିଚାଳିତ, ତଥ୍ୟ ଅନୁଯାଇ ଫିରିଙ୍ଗିଆ ବ୍ଲକ ର ୮ ଟି ସେକ୍ଟରେ ୧୩୩ ଜଣ ଶିଶୁ ଚିହ୍ନଟ ହୋଇଛନ୍ତି, ବାଲନ୍ଦାପଡା କ୍ଲଷ୍ଟରେ ଏହି ଭଳି ଦୃବଳ ଶିଶୁ ୫ ବର୍ଷରୁ କମ୍ ୨୨ ଜଣ ଅଛନ୍ତି । ଚିହ୍ନଟ ହୋଇଥିବା ଶିଶୁ ମାନଙ୍କୁ ପୁଷ୍ଟିସାଧନ କେନ୍ଦ୍ର କୁ ଆଣି ଉପଯୁକ୍ତ ଚିକିତ୍ସା ସେବା ଦେବା ସମ୍ଭବ ହୋଇପାରେନି କାରଣ ୧୫ ରୁ ୨୦ ଦିନ ନିଜ ଘର କାମ ଛାଡି ଆସିବା ତାଙ୍କ ମାମାନଙ୍କ ପାଇଁ ଏକ କଷ୍ଟସାଧ ଅଟେ । ସ୍ୱାତୀ ଏହି ମାନଙ୍କୁ ବାରମ୍ବାର ବୁଝେଇ ଓ ରାଜି କରାଇ ପୁଷ୍ଟିସାଧନ କେନ୍ଦ୍ରକୁ ଆଣିବାରେ ସକ୍ଷମ ହୋଇଛି । ଆସିଥିବା ମାମାନେ ପ୍ରତିମା କହଁର, ବୁଦୁରି କହଁର, ରଶ୍ମିତା କହଁର, ପଦ୍ମାବତୀ କହଁର ଗତ ଏକ ସପ୍ତାହ ମଧ୍ୟରେ ପିଲାଙ୍କ ସ୍ୱାସ୍ଥ୍ୟ ଉନ୍ନତି ଦେଖି ଏବଂ ପୋଷଣ ସମ୍ବନ୍ଧ ଜ୍ଞାନ ପାଇ ନିଜେ ଖୁସି ବ୍ୟକ୍ତ କରିବା ସହିତ ଯେଉଁ ମା ମାନେ ଏହି ସେବା ନବାକୁ ଇଛାପ୍ରକାଶ କରୁନାହାଁନ୍ତି ସେମାନଙ୍କୁ ବୁଝେଇବା ବୋଲି କହିଛନ୍ତି । ଆଗାମି ଦିନରେ ବାଲନ୍ଦାପଡା ସେକ୍ଟର ସବୁ ଦୁବଳ ଶିଶୁ କିପରି ପୁଷ୍ଟି ସାଧନ କେନ୍ଦ୍ରକୁ ଆସି ଉପଯୁକ୍ତ ସେବା ନେଇ ସ୍ୱାସ୍ଥ୍ୟ ରେ ଉନ୍ନତି ଆଣିବେ ସ୍ୱାତୀର ସଂପାଦକ ହରିଶଙ୍କର ରାଉତ କହିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ସମସ୍ତ ଅଧିକାରୀ ଓ ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ସେବାକାରୀ କର୍ମୀ ସହଯୋଗ କରିଥିବା ବେଳେ, ସ୍ୱାତୀ ର କ୍ଷେତ୍ର କର୍ମୀ ମାନସ ପ୍ରଧାନ, ବିନ୍ଧ୍ୟାରାଣି ପ୍ରଧାନ, ଅନୁପମା କହଁର, ସଞ୍ଜୟ ରଣା ଓ ରଶ୍ମିତା ଘିବାଲା ନିଜ ନିଜ କ୍ଷେତ୍ରରେ ଯଥାସାଧ୍ୟ ଉଦ୍ୟମ କରିଥିଲେ। କୁପୋଷଣକୁ ନିୟନ୍ତ୍ରଣ ଆଣିବାକୁ ହେଲେ ଜିଲ୍ଲା ଓ ବ୍ଲକ ସ୍ତରରେ ଜିଲ୍ଲା ପ୍ରଶାସନ ଏକ ଟ୍ୟାକ୍ସ ଫୋର୍ସ ଗଠନ କରି ନିୟମିତ ତଦାରଖ କଲେ ଏହାର ଉନ୍ନତି ଆସିବ ବୋଲି ପ୍ରକଳ୍ପ ସଂଯୋଜକ ପ୍ରଦୀପ କୁମାର ସ୍ୱାଇଁ କହିଥିଲେ।

## ଖୋର୍ଦ୍ଧା ସହରରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

ଖୋର୍ଦ୍ଧା, ୧୯/୪ (ନି.ପ୍ର): ସାଧାରଣ ନିର୍ବାଚନକୁ କିଭଳି ଭାବେ ଶାନ୍ତି ଶୃଙ୍ଖଳା ସହକାରେ ସାରିବା ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏପରିକି ସାଧାରଣ ନିର୍ବାଚନରେ ଭୋଟର ନିର୍ଭୟ ଓ ନିରପେକ୍ଷ ଭାବେ ମତ ସାବ୍ୟସ୍ତ କରିବେ। ସେନେଇ ଆଜି ଖୋର୍ଦ୍ଧା ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ତେବେ ଏହି ଫ୍ଲାଗମାର୍ଚ୍ଚ ଖୋର୍ଦ୍ଧା ଏସଡିପିଓଙ୍କ ନେତୃତ୍ୱରେ ଖୋର୍ଦ୍ଧା ଆଦର୍ଶ ଥାନା ପରିସରରୁ ବାହାରି ମ୍ୟୁନିସିପାଲିଟି କାର୍ଯ୍ୟାଳୟ,ସାମନ୍ତରାପୁର, ନୂଆ ବସଷ୍ଟାଣ୍ଡ, କୋର୍ଟ ଛକ, ସମବାୟ ଛକ, ପୁରୁଣା ଡ଼ାକ୍ତରଖାନା ଦେଇ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏହି ଫ୍ଲାଗମାର୍ଚ୍ଚରେ ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀଙ୍କ ସମେତ ଏସଆଇ ଓ ଏକ କମ୍ପାନୀ ସିଆରପିଏଫ ଯବାନ ସାମିଲ ହୋଇଥିଲେ।

# ଗର୍ଭରେ କ'ଣ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ? ଜାଣନ୍ତୁ ଜନ୍ମ ସହ ଜଡ଼ିତ ଏହି ରହସ୍ୟ

*ସଂସାରରେ ଜନ୍ମ ନେଉଛ ମାନେ ମୃତ୍ୟୁ ସୁନିଶ୍ଚିତ । ଏହା ଜୀବନର ଏକ ଅପ୍ରିୟ ସତ୍ୟ । ମୃତ୍ୟୁ ପରେ ମଣିଷର କର୍ମ ସ୍ଥିର କରିଥାଏ କି ତାଙ୍କୁ ସ୍ୱର୍ଗ ପ୍ରାପ୍ତି ହେବ ନା ନର୍କ ଭୋଗିବାକୁ ପଡ଼ିବ । ଜନ୍ମ ପରେ ମଣିଷ ଜୀବନରେ ଅନେକ ଭଲ ଓ ଖରାପ ଘଟଣଶ ଘଟିଥାଏ । ଭଲ ଘଟଣା ଯୋଗୁଁ ମଣିଷ ନିଜ ଭାଗ୍ୟକୁ ପ୍ରଶଂସା କରେ ତ' ଖରାପ ଘଟଣା ପାଇଁ ନିଜ ଭାଗ୍ୟକୁ ନିନ୍ଦା କରେ । ଏବେ ଏପରି ପ୍ରଶ୍ନ ମନକୁ ଆସେ କି, ମଣିଷର ଜନ୍ମ ପୂର୍ବରୁ ଭାଗ୍ୟର ହିସାବ-କିତାବ ସ୍ଥିର ହୁଏ ନା ଜନ୍ମ ପରେ ନିର୍ଦ୍ଧାରିତ ହୁଏ । ଜାଣନ୍ତୁ ଏହାର ଉତ୍ତର...*

**କେବେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ?**

ପଣ୍ଡିତ ଇନ୍ଦ୍ରମଣି ଘନଶ୍ୟାଲ କହିଛନ୍ତି ଯେ, ଜୀବନର ସଙ୍କଟକୁ ଦୂର କରିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଶହ ଶହ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି । ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ, ଯେକୌଣସି ମଣିଷର ଭାଗ୍ୟର ୫ଟି ଜିନିଷ ମା' ଗର୍ଭରେ ସ୍ଥିର ହୋଇଯାଏ । ଏହାକୁ କେହି ବଦଳାଇପାରିବେ ନାହିଁ ।

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, 'ବୟସ, କର୍ମ, ଧନ-ସମ୍ପତ୍ତି, ଶିକ୍ଷା ଏବଂ ମୃତ୍ୟୁ' ଏହି ୫ଟି ଜିନିଷ ମାତୃ ଗର୍ଭରେ ଥିବା ସମୟରେ ତାଙ୍କ ଭାଗ୍ୟରେ ଲେଖା ଯାଇଥାଏ । ଜୀବନସାରା ଏହାକୁ କେହି ବଦଳାଇ ପାରିବେ ନାହିଁ । ଯାହାରେ ଯେତେ ବୟସ ଥିବ, ସେ ସେତିକି ବର୍ଷ ହିଁ ବଞ୍ଚିବ ।



**ମନୁଷ୍ୟର ଲକ୍ଷ୍ୟ କ'ଣ ?**

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଜ ଜୀବନରେ ଧର୍ମର ମାର୍ଗ ଅନୁସରଣ କରି ଜ୍ଞାନ ଏବଂ ଧନ ଅର୍ଜନ କରିବା ଉଚିତ । ଯାହା ଫଳରେ ସମାଜରେ ସେହି ବ୍ୟକ୍ତିର ସମ୍ମାନ ରହିବ । ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ଜନ୍ମ ପରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଏହି ୪ଟି ଜିନିଷ ହାସଲ କରିବା ଉଚିତ୍ । ଧର୍ମର କାମ କରି ବ୍ୟକ୍ତିଙ୍କୁ ଧନ-ସମ୍ପତ୍ତି ପ୍ରାପ୍ତ କରିବା ଉଚିତ୍ । ଏହା ପରେ ବିବାହ କରି ନିଜର ଗୃହସ୍ଥ ଜୀବନ ଆରମ୍ଭ କରିବା ଉଚିତ୍ । ଶେଷରେ ମୋକ୍ଷ ପାଇବା ପାଇଁ ଭଗବାନଙ୍କୁ ସ୍ମରଣ ଓ ଭଲ କାମ କରିବା ଉଚିତ୍ । ଏହିପରି ଭାବେ କୌଣସି ମଣିଷର ଭାଗ୍ୟ ତାଙ୍କ ଜନ୍ମ ପୂର୍ବରୁ ହିଁ ସ୍ଥିର ହୋଇଥାଏ ।

# ହାର୍ଟ ଆଟାକ୍ ଆସିବା ମାତ୍ରେ ନ ଡରି କରନ୍ତୁ ଏହି କାମ: ବଞ୍ଚିଯିବ ପୀଡିତଙ୍କ ଜୀବନ

ହାର୍ଟ ଆଟାକର ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି । ପୂର୍ବରୁ ୬୦ ବର୍ଷରୁ ଅଧିକ ଲୋକ ଏହାର ଶିକାର ହେଉଥିବା ବେଳେ ଆଜିକାଲି ୧୮-୨୦ ବର୍ଷର ଯୁବପିଢ଼ି ମଧ୍ୟ ଏହାର ଶିକାର ହେଉଛନ୍ତି । ହାର୍ଟ ଆଟାକ୍ ଆସିବା ପରେ ଲୋକଙ୍କୁ ବଞ୍ଚାଇବା ପାଇଁ ମାତ୍ର କିଛି ମିନିଟ ହିଁ ମିଳିଥାଏ । ଏପରି ପରିସ୍ଥିତିରେ ଯଦି ପୀଡିତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆନଯାଏ, ତେବେ ତାଙ୍କ ଜୀବନ ଚାଲିଯାଏ । ଡାକ୍ତରଙ୍କ କହିବା ମୁତାବକ, ସାଧାରଣ ଲୋକ ଏହିପରି ଅନେକ ଟିପ୍ସ ଜାଣିବା ଉଚିତ୍, ଯାହା ରୋଗୀର ଜୀବନ ବଞ୍ଚାଇବା ପାଇଁ ତୁରନ୍ତ ବ୍ୟବହାର କରାଯାଇପାରିବ । ଆସନ୍ତୁ ଜାଣିବା କ'ଣ ରହିଛି ଟିପ୍ସ...



ହାର୍ଟ ଆଟାକ୍ ପରେ ତୁରନ୍ତ CPR ଦିଅନ୍ତୁ : ଡାକ୍ତରୀ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି କାହାକୁ ହାର୍ଟ ଆଟାକ୍ ଆସିଛି, ତେବେ ପୀଡିତାଙ୍କୁ ତୁରନ୍ତ ସିପିଆର ଦେବା ଉଚିତ । ଏହି ଟେକନିକ ବ୍ୟବହାର କରି ରୋଗୀର ଜୀବନ ବଞ୍ଚାଯାଇ ପାରିବ । CPR ହେଉଛି Cardiopulmonary Resuscitation । ଯେତେବେଳେ କାହାକୁ ହାର୍ଟ ଆଟାକ୍ ଆସୁଛି, ଏହି କୌଶଳ ବ୍ୟବହାର କରି ତାଙ୍କ ଜୀବନ ରକ୍ଷା କରିପାରିବେ । ଏହା ମାଧ୍ୟମରେ ରୋଗୀଙ୍କଠାରେ ବ୍ଲଡ଼ ଏବଂ ଅକ୍ସିଜେନ ଯୋଗାଣ ଚାଲୁ ହୋଇଥାଏ ।

*CPR କିପରି ଦେବେ ?:* ଡାକ୍ତରଙ୍କ କହିବାନୁସାରେ, ଯେତେବେଳେ ବି ଜଣେ ବ୍ୟକ୍ତିଙ୍କୁ ହାର୍ଟ ଆଟାକ୍ ଆସେ, ତାଙ୍କୁ ସିଧା ତଳେ ଶୋଇବାକୁ ଦିଅ ଏବଂ ତା'ପରେ ତାଙ୍କ ପାଖରେ ଆଣ୍ଠୁ ମାଡ଼ି ବସିପଡ଼ । ଏହା ପରେ ଦୁଇ ହାତର ପାପୁଲିରେ ପୀଡିତାଙ୍କ ଛାତିକୁ ଜୋରରେ ଦବାଇବା ଆରମ୍ଭ କରନ୍ତୁ । ପ୍ରତି ମିନିଟରେ ପ୍ରାୟ ୧୦୦-୧୨୦ / ହାରରେ ଛାତି ଦବାଇଲେ, ରକ୍ତରେ ରକ୍ତ ଏବଂ ଅମ୍ଳଜାନ ଯୋଗାଣ ପୁନଃ ଆରମ୍ଭ ହେବାର ସମ୍ଭାବନା ଥାଏ । ଛାତି ଦବାଇବାବେଳେ ଏହାକୁ ଧ୍ୟାନରେ ରଖିବାକୁ ହେବ ଯେ ଏହା ଏକ ସେମି ପର୍ଯ୍ୟନ୍ତ ତଳକୁ ଯାଉଥିବ । ସିପିଆର ଦେବା ଦ୍ୱାରା ରୋଗୀର ଜୀବନ ବଞ୍ଚିଯାଏ, କିନ୍ତୁ ତାଙ୍କ ଉପରେ ବିପଦ ରହିଥାଏ । ତେଣୁ ସିପିଆର ପରେ ତୁରନ୍ତ ରୋଗୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରନ୍ତୁ । ଯାହାଫଳରେ ତାଙ୍କ ଆଞ୍ଜିଓଗ୍ରାଫି କରି ଅଧିକ ଚିକିତ୍ସା ଆରମ୍ଭ କରିଯାଇପାରିବ । ଅନେକ ଥର ରୋଗୀର ଶିରା ବ୍ଲକ ହୋଇଯାଏ, ସେହି କ୍ଷେତ୍ରରେ ତୁରନ୍ତ ଅସ୍ତ୍ରୋପଚାର କରିବା ଜରୁରୀ ହୋଇଥାଏ ।

# ଘରେ କରନ୍ତୁ ରେଷ୍ଟୁରାଣ୍ଟ ଷ୍ଟାଇଲର ମଲାଇ ମସରୁମ ମସାଲା

ଆବଶ୍ୟକ ସାମଗ୍ରୀ: ମସରୁମ, ରିଫାଇନ ତେଲ, ଜିରା,ଗୁଜରାତି, ଡାଲିଚିନି, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ, ଟମାଟୋ, କାଜୁ, ଫ୍ରେଶ୍ ମଲାଇ, କସ୍ତୁରୀ ମେଥି, ଧନିଆ ପତ୍ର



ପ୍ରସ୍ତୁତି ପ୍ରଣାଳୀ: ଏକ ପ୍ୟାନ୍‌ରେ ରିଫାଇନ ତେଲ ଗରମ କରି ଜିରା ପକାନ୍ତୁ । ଏହାପରେ ସେଥିରେ ଗୁଜରାତି, ଡାଲିଚିନି ପକାଇ ପିଆଜ ପକାନ୍ତୁ । ପିଆଜ ଗୋଲଡେନ ଫ୍ରାଏ ହେବା ପରେ ସେଥିରେ ଅଦା ରସୁଣ ଓ କଞ୍ଚାଲଙ୍କା ପେଷ୍ଟ ପକାନ୍ତୁ । ଏହାକୁ ଭଲ ଭାବେ କଷନ୍ତୁ । ଏହାପରେ ସେଥିରେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ ପକାନ୍ତୁ । ଅଳ୍ପ ପାଣି ଦେଇ ମସଲାକୁ ଭଲ ଭାବେ ଘାଣ୍ଟନ୍ତୁ । ଏହାପରେ ସେଥିରେ ଟମାଟୋ କଟା ପକାନ୍ତୁ । ସେଥିରେ ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ । ଟମାଟୋ ଭଲ ଭାବେ ସିଝିଯିବା ପରେ ଗ୍ୟାସ୍‌କୁ ସ୍ଲୋ କରି ସେଥିରେ ଦହି ପକାଇ ଫେଣ୍ଟନ୍ତୁ । ଦହି ଭଲ ଭାବେ ମିଶିଯିବା ପରେ ସେଥିରେ କାଜୁ ପେଷ୍ଟ ଓ ଫ୍ରେଶ୍ ମଲାଇ ପକାନ୍ତୁ । ଏହା ଭଲ ଭାବେ କଷି ଯିବା ପରେ ମସରୁମ୍‌କୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ । ସେଥିରେ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ । ପ୍ରାୟ ୧୦ ମିନିଟ୍ ପରେ ଢାଙ୍କୁଣି କାଢ଼ି ତାହାକୁ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ କସ୍ତୁରୀ ମେଥି, ଧନିଆ ପତ୍ର, ପକାଇ ପ୍ଲେଟରେ ସର୍ଭ କରନ୍ତୁ ମସରୁମ୍ ମସାଲା । ଗରମାଗରମ ରୁଟିଇ ସହ ଏହାର ମଜା ନିଅନ୍ତୁ ।

# ଜୀବନ ପ୍ରତି ବିପଦ ବ୍ଲଡ ସୁଗାରର ଏହି ସ୍ତର: ଜାଣନ୍ତୁ ନିଜକୁ ବଂଚାଇବାର ଉପାୟ

ଆଜିକାଲି ଡାଇବେଟିସ୍ ବା ମଧୁମେହ ରୋଗକୁ ସାଧାରଣ ରୋଗ ଭାବରେ ବିବେଚନା କରାଯାଏ । ବୟସ୍କ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେବେ ଶରୀରରେ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା କମ ବେଶି କାରଣରୁ ଜଣେ ବ୍ୟକ୍ତି ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥାଏ । ଯାହାଫଳରେ ଏହାକୁ ନିୟନ୍ତ୍ରଣରେ ରଖିବା ରୋଗୀ ପାଇଁ ନିତ୍ୟାନ୍ତ ଜରୁରୀ ହୋଇଥାଏ । ନେଚେତ୍ ଏହି ବ୍ଲଡ ସୁଗାରର ସ୍ତର କମ୍ ବେଶି କାରଣରୁ ରୋଗୀର ଜୀବନ ମଧ୍ୟ ଯାଇପାରେ । ତେବେ ଆମେ ଆଜି ଆପଣଙ୍କୁ କହିବୁ ଶରୀରରେ ବ୍ଲଡ ସୁଗାରର କେଉଁ ସ୍ତର ଆପଣଙ୍କ ଜୀବନ ପ୍ରତି ବିପଦ ଆଣିପାରେ । ଯାହାଫଳରେ ଜଣେ ରୋଗୀର ମୃତ୍ୟୁ ମଧ୍ୟ ହେବାରେ ସମ୍ଭାବନା ଥାଏ ।




ବ୍ଲଡସୁଗାର ଏହି ସ୍ତର ଜୀବନ ପ୍ରତି ଆଣିପାରେ ବିପଦ: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶରୀରରେ ବାରମ୍ବାର ବ୍ଲଡସୁଗାରର ସ୍ତର ପରିବର୍ତ୍ତନ ଜଣେ ମଧୁମେହ ରୋଗିର ଜୀବନ ପ୍ରତି ବିପଦ ସୃଷ୍ଟି କରେ । ତେବେ ଶରୀରରେ ଯଦି ବ୍ଲଡସୁଗାରର ସ୍ତର ୧୨୫ mg/ DL ଠାରୁ ଅଧିକ ରୁହେ ତେବେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ଫଳରେ ଜଣେ ରୋଗୀର ଜୀବନ ଯିବାର ମଧ୍ୟ ଭୟ ଥାଏ । କାରଣ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା ବଢିବା ଦ୍ୱାରା ଏହା ଶରୀରରେ ଇନସୁଲିନ୍‌କୁ କମାଇ ଦିଏ । ଫଳରେ ଚିନ୍ତା ବଢିବା ସହ, ହରମୋନାଲ ଚେଞ୍ଜ ଏବଂ ନିଦରେ ଅଭାବ ହୋଇଥାଏ । ଯାହାକି ଜଣେ ଡାଇବେଟିସ ରୋଗୀ ପାଇଁ ବିପଜ୍ଜନକ ହୋଇଥାଏ ।

ସେହିପରି ଯଦି ରକ୍ତରେ ଗ୍ଲୁକୋଜର ସ୍ତର କମିଯାଏ ଏହା ମଧ୍ୟ ଜଣେ ରୋଗୀପାଇଁ କ୍ଷତିକାରକ ହୋଇଥାଏ । ଫଳରେ ରୋଗୀଠାରେ ଚିଡିଚିଡାପଣ, କହିବାରେ ଅସୁବିଧା, ମୁଣ୍ଡ ବୁଲାଇଦେବା ପରି ଲକ୍ଷଣ ଦେଖା ଦେଇଥାଏ । ଯାହାକି ଜଣେ ରୋଗୀକୁ ବିପଦରେ ପକାଇଥାଏ । ତେଣୁ ଶରୀରେର ବ୍ଲଡ ସୁଗାରର ସ୍ତର ୪୦ mg/ DLରୁ କମ୍ ରହିବା ଅନୁଚିତ୍ ।

**କିପରି ବର୍ତ୍ତିବେ:**

୧-ଶରୀରରେ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଜର ଡେଲି ରୁଟିନ୍ ଏବଂ ଖାଦ୍ୟ ପେୟ ଉପରେ ଧ୍ୟାନ ଦିଅନ୍ତୁ । ଏପରି ଖାଦ୍ୟ ସେବନ କରନ୍ତୁ ଯେଉଁଥିରେ କାର୍ବୋହାଇଡ୍ରେଡର ସ୍ତର କେତେ ମାତ୍ରାରେ ରହିଛି ତାହା ଆପଣଙ୍କୁ ଜଣାଥିବ ।

୨- ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସେବନ କରନ୍ତୁ ।

୩- ଯଥେଷ୍ଟ ପରିମାଣର ଶୁଅନ୍ତୁ । କାରଣ ଶୋଇବା ଦ୍ୱାରା ଶରୀର ସୁସ୍ଥ ରୁହେ ଏବଂ ରକ୍ତରେ ଇନସୁଲିନ୍ ସ୍ତର ମଧ୍ୟ ନିୟନ୍ତ୍ରଣରେ ରୁହେ ।

# ଜୀବନ-ମନ୍ତ୍ର: ମନ୍ଦରାଚଳ



ମାର୍କଣ୍ଡେୟ ପୁରାଣ, ମହାଭାରତ, ସ୍କନ୍ଦପୁରାଣ ଆଦିରେ ଯେଉଁ ପାବନ ପର୍ବତର ଉଲ୍ଲେଖ ଅଛି, ସେହି ପର୍ବତର ନାମ ମନ୍ଦରଗିରି । ଏହି ପର୍ବତ ଚନ୍ଦନ, ନାଗେଶ୍ୱର, ଚମ୍ପକ, ବିଲ୍ୱ, ମନ୍ଦାର, କରବୀର ଆଦି ବୃକ୍ଷ ସହିତ ଅଜସ୍ର ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇ ରହିଥିଲା । ଅନେକ ସୁକଣ୍ଠି ପକ୍ଷୀଙ୍କର କଳରବରେ ଏହା ସର୍ବଦା ମୁଖରିତ ହେଉଥିଲା । ବିଭିନ୍ନ ପ୍ରକାରର ପଶୁ, ସରୀସୃପ, ନାଗ ଏବଂ ଅପ୍‌ସରା ଓ ଗନ୍ଧର୍ବମାନେ ଏହି ମନୋହର ପର୍ବତର ସୁଷମା ଉପଭୋଗ କରିବା ସହିତ ନାନା ପ୍ରକାର କ୍ରୀଡ଼ା କୌତୁକରେ ସର୍ବଦା ମାତି ରହୁଥିଲେ ।

ଏକଦା ଅସୁରମାନଙ୍କ ସହିତ ସଂଗ୍ରାମ କରି କରି ଦେବତାମାନେ ଯେତେବେଳେ ଦୁର୍ବଳ ହୋଇପଡ଼ିଲେ, ଭଗବାନ ବିଷ୍ଣୁଙ୍କ ନିର୍ଦ୍ଦେଶରେ ସେମାନେ ରାକ୍ଷସମାନଙ୍କ ସହଯୋଗରେ କ୍ଷୀର ସମୁଦ୍ର ମନ୍ଥନ କରି ଅମୃତ ପ୍ରାପ୍ତି ନିମିତ୍ତ ନିଷ୍ପତ୍ତି କଲେ । ଏହି ମନ୍ଥନ ନିମିତ୍ତ ଏକ ମନ୍ଥନୀ (ଖୁଆଦଣ୍ଡ) ଓ ରଜ୍ଜୁର ଆବଶ୍ୟକତା ପଡ଼ିବାରୁ, ଖୁଆଦଣ୍ଡ ନିମିତ୍ତ ମନ୍ଦର ପର୍ବତ ସର୍ବୋତ୍କୃଷ୍ଟ ଜାଣି, ଇନ୍ଦ୍ରଙ୍କ ସହିତ ଦେବତାମାନେ ଆସି ମନ୍ଦର ପର୍ବତକୁ ଅନୁରୋଧ କଲେ । କିନ୍ତୁ ପୂର୍ବରୁ ଇନ୍ଦ୍ର ତାଙ୍କର ପକ୍ଷଚ୍ଛେଦନ କରିଥିବାରୁ, ମନ୍ଦର କ୍ଷୀର ସମୁଦ୍ର ପର୍ଯ୍ୟନ୍ତ ଯିବାକୁ ନିଜର ଅକ୍ଷମତା ପ୍ରକାଶ କଲେ । ଦେବତାମାନେ ପ୍ରଥମେ ଏହାକୁ ଉତ୍ପାଟନ କରି ନେବାର ପ୍ରଚେଷ୍ଟା କଲେ । କିନ୍ତୁ ଏହା ସମ୍ଭବ ହେଲା ନାହିଁ । ମହାବଳୀ ଦୈତ୍ୟମାନେ ମଧ୍ୟ ଚେଷ୍ଟା କରି ବିଫଳ ହେଲେ । ଶେଷରେ ଦେବ ଓ ଦାନବ ଏକତ୍ର ହୋଇ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁଙ୍କ ନିର୍ଦ୍ଦେଶରେ ଗରୁଡ଼ ଏହାକୁ ନିଜର ପୃଷ୍ଠଦେଶରେ ବହନ କରି ନେଇ କ୍ଷୀର ସମୁଦ୍ର ମଝିରେ ରଖିଦେଲେ । ବାସୁକୀ ନାଗ ମନ୍ଥନୀ ରଜ୍ଜୁ ହୋଇ ଏହାକୁ ବେଷ୍ଟନ କଲେ । ତଥାପି ଏହା ସ୍ଥିର ନହେବାରୁ ସ୍ୱୟଂ ଶ୍ରୀବିଷ୍ଣୁ କୂର୍ମାବତାର ଧାରଣ କରି ମନ୍ଦରକୁ ନିଜ ପୃଷ୍ଠଦେଶରେ ଧାରଣ କରିବାରୁ ମନ୍ଦର ସ୍ଥିର ହେଲା ଏବଂ ସମୁଦ୍ରମନ୍ଥନ କାର୍ଯ୍ୟ ସମାପନ ହେଲା । ଦେବତାମାନେ ଅମୃତ ପ୍ରାପ୍ତ ହେଲେ । ଅମୃତ ପାନ କରି ଦେବତାମାନେ ଅମର ହେଲେ । ସମୁଦ୍ର ମନ୍ଥନ ପରି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିଥିବାରୁ ମନ୍ଦର ଦେବତାମାନଙ୍କର ପୂଜ୍ୟ ହେଲା । ଏକଦା ମଧୁକୈଟଭଙ୍କ ଅତ୍ୟାଚାରରୁ ପୃଥିବୀକୁ ରକ୍ଷା କରିବା ନିମିତ୍ତ ଭଗବାନ ବିଷ୍ଣୁ ମନ୍ଦର ପର୍ବତରେ ଚାପି ସେମାନଙ୍କୁ ବଧ କରିଥିଲେ । କଥିତ ଅଛି, ମୃତ୍ୟୁ ପୂର୍ବରୁ ମଧୁକୈଟଭ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ- ପ୍ରତ୍ୟେକ ମକର ସଂକ୍ରାନ୍ତିରେ ମନ୍ଦର ପର୍ବତକୁ ଆସି ତାଙ୍କୁ ଦର୍ଶନ ଦେବେ । ଏହି କାରଣରୁ ପ୍ରତ୍ୟେକ ବର୍ଷ ମଧୁସୂଦନ ଭଗବାନ ବିଷ୍ଣୁଙ୍କ ପ୍ରତିମା ସେଠାର ବଂଶୀ ନାମକ ସ୍ଥାନରୁ ମନ୍ଦରକୁ ଯାତ୍ରା କରିଥାଏ ; ଯେଉଁଥିରେ ଲକ୍ଷ ଲକ୍ଷ ଭକ୍ତ ସାମିଲ ହୋଇଥାଆନ୍ତି । ସଂପ୍ରତି ମନ୍ଦର ପର୍ବତ ବିହାର ଅନ୍ତର୍ଗତ ଭାଗଲପୁରର ଅନତି ଦୂରରେ ଅବସ୍ଥିତ । ଏହି ପର୍ବତ କଳାମୁଗୁନି ପଥରର ଏବଂ ଏହାର ଚଟାଣ ଉପରେ ବାସୁକୀ ନାଗର ବନ୍ଧନ ଡୋରିର ଚିହ୍ନ ଦେଖାଯାଏ । ଏହାର ଉପରି ଭାଗରେ ଦୁଇଟି ମନ୍ଦିର ଏବଂ ନିମ୍ନରେ ପାପହାରିଣୀ କୁଣ୍ଡ ରହିଛି । ଏହା ଏକ ବିଶେଷ ତୀର୍ଥସ୍ଥଳର ମାନ୍ୟତା ଲାଭ କରିଛି ।

# ଓଜନ କମାଇବାକୁ ଚାହୁଁଛନ୍ତି କି ? : ସପ୍ତାହରେ ଗୋଟେ ଇଞ୍ଜେକ୍ସନ୍ ନେଲେ କମିବ ୧୫ କେଜିରୁ ଅଧିକ ଓଜନ

ଆଧୁନିକ ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ଯୋଗୁଁ ଆଜିର ସମୟରେ ମେଦବହୁଳତା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଶିଶୁଠୁ ନେଇ ବୃଦ୍ଧ ଯାଏ ସମସ୍ତ ବର୍ଗର ଲୋକ ମେଦବହୁଳତା ସହ ସଂଘର୍ଷ କରୁଛନ୍ତି । ଆପଣ ଯେଉଁ ଆଡେ ବି ଦେଖନ୍ତୁ, ସୋସିଆଲ ମିଡିଆ, ୟୁଟ୍ୟୁବ୍, ଟିଭି, ନ୍ୟୁଜ୍ ପେପର, ସବୁଥିରେ ଓଜନ ହ୍ରାସ କରିବାକୁ ବିଭିନ୍ନ ପ୍ରକାରର ଟିପ୍ସ ଦେଖିବାକୁ ମିଳୁଛି । ଜିମ୍, ବ୍ୟାୟାମ, ଯୋଗ, ଡାଏଟ୍, ଫିଟନେସ୍ ବିଷୟରେ ସୋସିଆଲ୍ ମିଡିଆରେ ଅନେକ କଥା ସେୟାର୍ କରାଯାଉଛି ।



ତେବେ ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବେ ଏପରି ଏକ ଇଞ୍ଜେକସନ୍ ଅଛି ଯାହାକୁ ସପ୍ତାହରେ କେବଳ ଗୋଟିଏ ଥର ନେଲେ ଏକାଥରକେ ୧୫ କିଲୋଗ୍ରାମ ଓଜନ ହ୍ରାସ କରିପାରିବେ । ଏହା ବିଶ୍ୱାସ କରିବା କଷ୍ଟକର କିନ୍ତୁ ଏହା ସତ । ନିକଟରେ ଫାର୍ମାସ୍ୟୁଟିକାଲ୍ ଦିଗ୍ଗଜ ଏଲି ଲିଲି ଏଭଳି ଏକ ପ୍ରସଙ୍ଗକୁ ସାମ୍ନାକୁ ଆଣିଛନ୍ତି ଯେ ଯଦି ଏହି ଇଞ୍ଜେକସନ୍ ବଜାରକୁ ଆସେ ତେବେ ଏହା ଓଜନ ହ୍ରାସ କରିବା ପାଇଁ ରାମବାଣ ସଦୃଶ ହେବ ।

ବାସ୍ତବରେ ଏଲି ଲିଲି କହିଛନ୍ତି, 'ଆମେ ନିକଟରେ ଓଜନ ହ୍ରାସ ଔଷଧର ଏକ କ୍ଲିନିକାଲ୍ ପରୀକ୍ଷା କରିଛୁ, ଯାହାର ଫଳାଫଳ ବହୁତ ଭଲ ହୋଇଛି । ଏହି ଔଷଧର ନାମ ହେଉଛି ତିରଜେପାଟାଇଡ୍ । ତିରଜେପାଟାଇଡ୍ ଔଷଧର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଔଷଧର 'ମୋଞ୍ଜାରୋ ବ୍ରାଣ୍ଡ' ନାମକ ଟାଇପ୍-୨ ମଧୁମେହର ଚିକିତ୍ସା ପାଇଁ ବ୍ୟବହୃତ ହୁଏ ।

ବାସ୍ତବରେ, ଟାଇପ୍-୨ ମଧୁମେହ ରୋଗୀମାନେ ଏହି ଔଷଧକୁ ସପ୍ତାହରେ ଥରେ ଇଞ୍ଜେକ୍ସନ ଆକାରରେ ଗ୍ରହଣ କରନ୍ତି । ଏଲି ଲିଲିଙ୍କ ଦାବି ଅନୁଯାୟୀ ଏହି ଔଷଧ ଆମେରିକାର ବଜାରରେ ଓଜନ ହ୍ରାସ କ୍ଷେତ୍ରରେ ଆରମ୍ଭ କରାଯାଉ । ଯାହାଦ୍ୱାରା ଲୋକମାନେ ମେଦବହୁଳତା ଭଳି ରୋଗରୁ ମୁକ୍ତି ପାଇପାରିବେ । କାରଣ ଆଜିକାଲି ମେଦବହୁଳତା ହେଉଛି ସମସ୍ତ ରୋଗର ମୂଳ କାରଣ । ଏଲି ଲିଲିଙ୍କ କହିବାନୁସାରେ, ତିର୍ଜେପାଟାଇଡ୍କୁ ନେଇ ଡାକ୍ତରୀ ପରୀକ୍ଷା କରାଯାଇଥିଲା । ଯେଉଁମାନଙ୍କଠାରେ ଏହି ପରୀକ୍ଷା କରାଯାଇଥିଲା ସେମାନଙ୍କ ଓଜନ ସପ୍ତାହରେ ୧୫ କିଲୋଗ୍ରାମରୁ ଅଧିକ ହ୍ରାସ ପାଇଛି । ଏହି ଔଷଧର ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରୋଗୀଙ୍କଠାରେ ଦେଖିବାକୁ ମିଳିଥିଲା । ଯେପରିକି ଗ୍ୟାସ୍ ?, ବାନ୍ତି, ପେଟ ସମସ୍ୟା । କିନ୍ତୁ ଫଳାଫଳ ବହୁତ ଭଲ ଥିଲା ବୋଲି ସେ କହିଛନ୍ତି । ୨୦୨୩ ଶେଷ ସୁଦ୍ଧା ଏହି ଔଷଧ ବଜାରରେ ଉପଲବ୍ଧ ହୋଇପାରେ ।

# ପ୍ରବଳ ଖରା ହେତୁ ମୁଖ ମଳିନ ଦିଶୁଛି କି ? : ଆପଣାନ୍ତୁ ଏହି ଉପାୟ

ଗ୍ରୀଷ୍ମ ହେତୁ ମୁହଁରେ ବ୍ରଣ ହେବା, କଳାଦାଗ ପଡ଼ିବା ଆଦି ବିଭିନ୍ନ ସମସ୍ୟା ଉପୁଜିବା ଆରମ୍ଭ ହୋଇଗଲାଣି । ମୁହଁରେ ବ୍ରଣ କିମ୍ବା କଳା ଦାଗ ହୋଇଗଲେ ପୂରା ମନଟା ଏକଦମ୍ ଖରାପ ହୋଇଯାଏ । କେଉଁ ବି କାର୍ଯ୍ୟରେ ମନ ଲାଗେ ନାହିଁ । ଦାଗ କିପରି କମ୍ କରାଯାଇ ପାରିବ ସେହି ସବୁ ଭାବନା ମନକୁ ଆସେ । ଆପଣଙ୍କ ମୁହଁରେ ବି ଯଦି କଳାଦାଗ ଅଛି ତେବେ ତାହା ଏକ ଚିନ୍ତା କରିବା ପରି ବିଷୟବସ୍ତୁ ଆଦୌ ବି ନୁହେଁ । ଆପଣ କେତୋଟି ଘରୋଇ ଉପାୟ ଦ୍ୱାରା ତାହାକୁ ଦୂରେଇ ଦେଇ ପାରିବେ । ଚାଲନ୍ତୁ ଜାଣିବା ସେସବୁ କ'ଣ । ରାତିରେ ଶୋଇବା ପୂର୍ବରୁ କାକୁଡ଼ିକୁ ଗୋଲ ଗୋଲ କରି କାଟି କଳାଦାଗ ଅଂଶରେ ଲଗାଇ ଶୋଇ ପଡନ୍ତୁ । ସକାଳକୁ ଉଠି ତାହାକୁ କାଢ଼ନ୍ତୁ । ଏପରି କରିବାର ଦ୍ୱିତୀୟ ଦିନରେ ହିଁ ଆପଣ ପ୍ରଭାବ ଜାଣିପାରିବେ । ବ୍ରଣ ହେଉ କିମ୍ବା ହାଡ଼ଫୁଡ଼ି । ଯେକୌଣସି ବି କାରଣରୁ କଳା ଦାଗ ହୋଇଥିଲେ ଆପଣ ମୁହଁରେ ପଇଡ଼ ପାଣି ଲଗାଇ ତାହାକୁ ଦୂର କରିପାରିବେ । ପଇଡ଼ ପାଣିରୁ ଟିକିଏ ନିଅନ୍ତୁ । କିଛି ତୁଳା ସାହାଯ୍ୟରେ ସେଇ ପଇଡ଼ ପାଣିକୁ ମୁହଁ ଯାକ ଲଗାନ୍ତୁ । ଏହାକୁ ଲଗାଇବାର ୭ ଦିନ ଭିତରେ ଦାଗ କମିଯାଇ ଥାଏ । ଗୋଲାପ ଜଳ ଓ ମହୁ ଦାଗ କମାଇବା ପାଇଁ ଖୁବ୍ ଭଲ । ମୁହଁ ଧୋଇବା ପରେ ଆପଣ ଯଦି ଗୋଲାପ ଜଳ, ମହୁ ମାଲିସ୍ କରି ରାତିରେ ଶୋଉଛନ୍ତି ତେବେ ଖୁବ୍ ଭଲ । ଯଦି ଅଠାଳିଆ ଲାଗିବାରୁ ଟିକେ ବିରକ୍ତ ଲାଗୁଛି ତେବେ ଆପଣ ୧ ଘଣ୍ଟା ପରେ ଏହାକୁ ଧୋଇ ଦେଇପାରିବେ ।



## ଅମୃତ ବଚନ


ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାଧାରଣ ନିର୍ବାଚନ ଓ ସାମାଜିକ ଗଣମାଧ୍ୟମ...

ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ ସମ୍ପ୍ରତି ନିର୍ବାଚନ ପ୍ରଚାର ଓ ନିର୍ବାଚନୀ ଖବର ପ୍ରସାରଣର ମୁଖ୍ୟ ଅଙ୍ଗ ପାଲଟିଯାଇଛି। ଦେଶରେ ସ୍ମାର୍ଟ ଫୋନ୍‌ର ବ୍ୟାବହାରିକ ଚାହିଦା ବୃଦ୍ଧି ସାମାଜିକ ଗଣମାଧ୍ୟମର ପ୍ରାଧାନ୍ୟକୁ ଆହୁରି ବୃଦ୍ଧି କରିଛି। ଯୁବବର୍ଗରୁ ଆରମ୍ଭ କରି ଶିଶୁ, କିଶୋର ଓ ବୟସ୍କ ବର୍ଗ ଏହାର ସୁଯୋଗ ନେଉଛନ୍ତି ଓ ଉପକୃତ ମଧ୍ୟ ହେଉଛନ୍ତି। ଏବେ ମୋବାଇଲ୍ ଫୋନ୍ ଜୀବନର ଏକ ଅଙ୍ଗ ପାଲଟି ଯାଇଛି ଏବଂ ସାମାଜିକ ଗଣମାଧ୍ୟମର ବ୍ୟାବହାରିକ ମୂଲ୍ୟବୋଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହିକ୍ରମରେ ବ୍ୟୟବହୁଳ ନିର୍ବାଚନ ପ୍ରଚାରକୁ ସହଜରେ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଏହି ବ୍ୟବସ୍ଥା ଏକପ୍ରକାର ଶ୍ରେଷ୍ଠବିକଳ୍ପ ପ୍ରମାଣିତ ହୋଇସାରିଲାଣି। ଯେଉଁଠି ମୁଖ୍ୟସ୍ରୋତର ଗଣମାଧ୍ୟମ ଲୋକଙ୍କ ଆସ୍ଥାଭାଜନ ହୋଇପାରୁନାହିଁ, ସେଠାରେ ସାମାଜିକ ଗଣମାଧ୍ୟମ ଲୋକାଦୃତ ହେବା ସ୍ୱାଭାବିକ। ଅବଶ୍ୟ ସାମାଜିକ ଗଣମାଧ୍ୟମ ବିଭ୍ରାନ୍ତିକର ସମ୍ବାଦ ପ୍ରଚାର ପ୍ରସାର କରୁଥିବା ଅଭିଯୋଗ ମଧ୍ୟ ଆସୁଛି। ଅପରପକ୍ଷରେ ରଭିଶ କୁମାର ଓ ପୁଣ୍ୟପ୍ରସୁନ ବାଜପେୟୀଙ୍କ ଭଳି ପେସାଦାର ଓ ପ୍ରବୀଣ ସାମ୍ବାଦିକଙ୍କ ଏ କ୍ଷେତ୍ରରେ ନିଜସ୍ୱ ପାରଦର୍ଶିତା ଓ ପରାକାଷ୍ଠା ବଳରେ ସାମାଜିକ ଗଣମାଧ୍ୟମ ଆସ୍ଥାବାନ ହୋଇପାରୁଛି। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ସୋସିଆଲ ମିଡିଆ ଯେ କେବଳ ନିର୍ବାଚନୀ ପ୍ରଚାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ତାହା ନୁହେଁ, ନିର୍ବାଚନୀ ବ୍ୟୟକୁ ମଧ୍ୟ ବହୁମାତ୍ରାରେ ହ୍ରାସ କରିପାରିଥିଲା। ଆମେରିକା ଭଳି ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ନିର୍ବାଚନରେ ସାମାଜିକ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ୧୯୯୭ରେ ସିକ୍ସଡିଗ୍ରୀଜ୍ ଡଟ୍ କମ୍ ନାମରେ ବିଶ୍ୱରେ ସାମାଜିକ ଗଣମାଧ୍ୟମର ଜନ୍ମ ହୁଏ। ଭାରତରେ ଅରକଟ୍ ନାମରେ ପ୍ରଥମ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଆରମ୍ଭ ହୋଇଥିଲା ୨୦୦୪ ରେ। ବନ୍ଧୁତ୍ୱ ସୃଷ୍ଟି ଓ ନିଜସ୍ୱ ସମ୍ପର୍କିତ ସୂଚନା ପ୍ରଦାନ ଥିଲା ଏହାର ମୂଳ ଲକ୍ଷ୍ୟ। ମାତ୍ର ସ୍ୱଳ୍ପ ଅବଧି ମଧ୍ୟରେ ଅନ୍ୟତମ ବୃହତ ବିଦେଶୀ ଗଣମାଧ୍ୟମ ଫେସବୁକ୍ ଅରକଟ୍‌ର ଲୋକପ୍ରିୟତାକୁ ଅତିକ୍ରମ କରିଯିବାରେ ସଫଳ ହୋଇଥିଲା। ଆଜିର ଦିନରେ ବିଶ୍ୱର ପ୍ରଥମ ପାଞ୍ଚଟି ସାମାଜିକ ଗଣମାଧ୍ୟମ ମଧ୍ୟରେ ଫେସବୁକ୍, ୟୁଟ୍ୟୁବ୍, ହ୍ୱାଟସଆପ୍, ଇନଷ୍ଟାଗ୍ରାମ ଓ ଉଇଗଟ୍ ସ୍ଥାନିତ। ଡିଜିଟାଲ ଜ୍ଞାନକୌଶଳ ମାଧ୍ୟମରେ ଅଗଣିତ ଲୋକଙ୍କ ମଧ୍ୟରେ ସୂଚନା ଓ ମତାମତ ଆଦାନ ପ୍ରଦାନ ଓ ସର୍ବୋପରି ବନ୍ଧୁତ୍ୱ ଏବଂ ସମଭାବାପନ୍ନ ବର୍ଗ ବା ଗୋଷ୍ଠୀ ସୃଷ୍ଟି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସାମାଜିକ ଗଣମାଧ୍ୟମକୁ ବହୁବିଧ ବ୍ୟବହାର ସମାଜରେ ବେଶ୍ ଜନାଦୃତ କରିପାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜିର ଦିନରେ ଉପଲବ୍ଧ ନିର୍ବାଚନ ପ୍ରଚାର ଓ ପ୍ରସାର କ୍ଷେତ୍ରରେ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭୋଟଦାନର ଅଧିକାର ଓ ତତ୍‌ସମ୍ପର୍କିତ ସଚେତନତା ସୃଷ୍ଟି ଅତ୍ୟାଧୁନିକ ଉପାୟରେ ସମ୍ଭବ ସାମାଜିକ ଗଣମାଧ୍ୟମ ଜରିଆରେ। ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ଭୋଟରଙ୍କ ସମ୍ମୁଖରେ ନିଜର କାର୍ଯ୍ୟଶୈଳୀ ଓ ଦକ୍ଷତାକୁ ସଫଳତାର ସହ ଇସ୍ତାହାର ମାଧ୍ୟମରେ ଉପସ୍ଥାପନ କରିପାରୁଛନ୍ତି। ମାତ୍ର ଏ କ୍ଷେତ୍ରରେ ତ୍ରୁଟିପୂର୍ଣ୍ଣ ସୂଚନା ପ୍ରସାରକୁ ପ୍ରତିହତ କରିବା ପାଇଁ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ମାଧ୍ୟମର ସର୍ବଦା ଆବଶ୍ୟତା ରହି ଆସିଛି। ପ୍ରାର୍ଥୀ ଓ ଭୋଟରଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗର ମାଧ୍ୟମ ପାଲଟି ଯାଇଛି ଏବଂ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରତିକ୍ରିୟା ଜାଣିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି। କେଉଁ ବର୍ଗର ଭୋଟରଙ୍କ ପାଇଁ କି ପ୍ରକାର ପ୍ରଚାର ଆବଶ୍ୟକ ତାହା ନିର୍ଣ୍ଣାୟକ ହୋଇପାରୁଛି ସାମାଜିକ ଗଣମାଧ୍ୟମ ମାଧ୍ୟମରେ। ଏହାଦ୍ୱାରା ନିର୍ବାଚନ ପ୍ରଚାର କ୍ଷେତ୍ରରେ ଆବଶ୍ୟକ ସମୟ ଓ ଅର୍ଥର ଅପବ୍ୟୟକୁ ନିୟନ୍ତ୍ରଣ କରାଯାଇପାରୁଛି। ଏହାବ୍ୟତୀତ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ନିଜ ପ୍ରଚାରର ଲକ୍ଷ୍ୟ ଓ କେଉଁ ବର୍ଗକୁ କେଉଁ ସମୟରେ ଭେଟିପାରିବେ ସେ କ୍ଷେତ୍ରରେ ସମୟାନୁମୋଦିତ ପଦକ୍ଷେପ ନେବାରେ ସାମାଜିକ ଗଣମାଧ୍ୟମ ବିଶେଷ ସହାୟକ ହୋଇପାରୁଛି। ଭୋଟଦାତାଙ୍କ ପ୍ରତି ନିଜର ଉତ୍ତରଦାୟିତ୍ୱ କ୍ରମଶଃ ସୁଦୃଢ଼ ହୋଇପାରୁଛି। ସାମାଜିକ ଗଣମାଧ୍ୟମର ସଫଳତା ନିର୍ଭର କରେ ଏକ ନିର୍ଦ୍ଦିଷ୍ଟ ନୀତି, ନିୟମ ଓ ଶୃଙ୍ଖଳିତ ପରିବେଶ ଉପରେ। ଶୃଙ୍ଖଳା ପରିଧି ଅତିକ୍ରମ କଲେ ଏହାର କୁପ୍ରଭାବ ବହୁଗୁଣିତ ହେବାର ଦୃଷ୍ଟାନ୍ତ ରହିଛି। ଏ କ୍ଷେତ୍ରରେ ଥିବା ସରକାରୀ ନୀତି ନିୟମ ଓ କଟକଣା ଉଲ୍ଲଙ୍ଘନ ଯୋଗୁଁ କେତେକ ଗଣମାଧ୍ୟମ ଚ୍ୟାନେଲକୁ ନିଜସ୍ୱ ଅଧିକାର ହରାଇବାକୁ ପଡ଼ିଛି ତ ଆଉ କେତେକ କ୍ଷେତ୍ରରେ ଅଧିକାର ସଂକୁଚିତ ହୋଇଯାଇଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ବାକ୍ ସ୍ୱାଧୀନତା ଓ ତତ୍ ସମ୍ପର୍କିତ ଅଧିକାର ସମସ୍ତଙ୍କ ପାଇଁ ସମାନ। ମାତ୍ର ଅଧିକାରର ଅସତ୍ ବ୍ୟବହାର ଓ ଅଦରକାରୀ ପ୍ରସାର ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷୁଣ୍ଣ କରିଥାଏ। ଉଦାହରଣ ସ୍ୱରୂପ ଗଣତନ୍ତ୍ର ଉତ୍ସବର ଅଂଶ ରୂପେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଏବେ ଦେଶରେ ଜାରି ରହିଛି। ଏହି ପ୍ରକ୍ରିୟାରେ କେଉଁ ଦଳ କେତେ ସଫଳ ହେବେ ତାହା ସ୍ପଷ୍ଟ ହୋଇଯିବ ଆଗାମୀ ଜୁନ ୪ ତାରିଖରେ। ମାତ୍ର ଭ୍ରମାତ୍ମକ ପୂର୍ବାନୁମାନ ପ୍ରସାରଣ ମାଧ୍ୟମରେ ଭୋଟରଙ୍କୁ ପ୍ରଭାବିତ କରିବା ପ୍ରୟାସରୁ ସାମାଜିକ ଗଣମାଧ୍ୟମ ସମ୍ପୂର୍ଣ୍ଣ ଦୂରରେ ରହିବା ଅତି ଆବଶ୍ୟକ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭୂମିକାର ଦ୍ୱାହି ଦେଇ ଏହି ମାଧ୍ୟମ ନକାରାତ୍ମକ ଉପାୟରେ ଆହେତୁକ ସମର୍ଥନ ହାସଲ କରିବା ଏକ ସୁସ୍ଥ ପରମ୍ପରା ହୋଇ ନ ପାରେ। କାରଣ ନକାରାତ୍ମକ ସୂଚନା ଆପେ ଆପେ ବହୁଗୁଣିତ ଓ ପ୍ରସାରିତ ହୋଇଯାଏ।

## ସବୁ କିଛି ଅସ୍ପଷ୍ଟ ଭଳି

### ଗୋପାଳ ମହାପାତ୍ର



ବୁଝାପଡୁ ନାହିଁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୩ୟ ଥର ଶାସନକୁ ଆସିବା ପାଇଁ ବିରୋଧ କରୁଛି କିଏ ଏବଂ ସମର୍ଥନ କରୁଛି କିଏ ? ପ୍ରତ୍ୟକ୍ଷ ଭାବେ ଅନେକେ ବଡବଡ କଥା କହୁଛନ୍ତି ଓ କହିବେ । ସମ୍ବିଧାନ ପ୍ରତି ବିପଦ ଅଛି ବୋଲି କୁହାଯାଉଛି, ଏକଚ୍ଛତ୍ରବାଦୀ ଶାସନର ଡର ଦେଖା ଯାଉଛି, ସରକାରକୁ ଗାଦିରୁ ଫୋପାଡିଦେବେ କୁହାଯାଉଛି କିନ୍ତୁ କ'ଣ ସବୁ ଘଟୁଛି ଯାହାଦ୍ୱାରା ନରେନ୍ଦ୍ର ମୋଦୀ ୩ୟ ଥର ଆସିବାର ବାଟ ସହଜ ହେବାରେ ଲାଗିଛି । ଡର କାରଣରୁ ହେଉ ଅଥବା ଅର୍ଥ ଲୋଭରୁ ହେଉ ଯେଉଁ କାରଣରୁ ବି ହେଉ ନା କାହିଁକି ବିଜେପିରେ ବିରୋଧୀ ଦଳର ନେତାଙ୍କ ସାମିଲ ହେବା ଘଟଣା ବିରୋଧୀ ପକ୍ଷଙ୍କୁ ଦୁର୍ବଳ କରିବାରେ ଲାଗିଛି । ବିଜେପିରେ ଏବେ ଉନ୍ମୁକ୍ତ ଭର୍ତ୍ତି ଯୋଜନା ଚାଲିଛି । ଯେତେ ଭ୍ରଷ୍ଟ ଦୁର୍ନୀତି ଗ୍ରସ୍ତ ହୁଅନ୍ତୁ ନା କାହିଁକି ବିଜେପିରେ ଭର୍ତ୍ତି ହେବା ପରେ ସେମାନଙ୍କ ଦେହରୁ ସବୁ ଧୁଳି ମଳି(ଦୁର୍ନୀତି) ସଫା ହୋଇଯାଉଛି । କେବଳ ଯେ ବିଜେପିକୁ ଅନ୍ୟ ଦଳରୁ ଯାଉଛନ୍ତି ତା ନୁହେଁ ଅନ୍ୟ ଦଳରେ ମଧ୍ୟ ଏଭଳି ଭର୍ତ୍ତି ଯୋଜନା ଚାଲିଛି । ଯେଉଁମାନେ ଯାଉଛନ୍ତି ଓ ଯେଉଁ ଦଳ ନେଉଛି ସେମାନେ ଜନତାଙ୍କ ପାଇଁ ବିଭାଜକ ରାଜନୀତିଜ୍ଞଙ୍କ ଠାରୁ ମଧ୍ୟ ଅଧିକ ବିପଦଜନକ । ସମୟଥିଲା ଯେତେବେଳେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ବିରୋଧୀ ଦଳର ନେତାମାନେ ଏକାଠି ହୋଇଥିଲେ ଏପରିକି ଇନ୍ଦିରା ଗାନ୍ଧୀ ନିର୍ବାଚନରେ ହାରିଥିଲେ ଓ ବିରୋଧୀ ମେଣ୍ଟ ସରକାର ଗଢିଥିଲେ । ଯଦିଓ ଏହି ବିରୋଧୀ ମେଣ୍ଟ ୫ ବର୍ଷ କାଳ ଗାଦିକୁ ସମ୍ଭାଳି ପାରିନଥିଲେ, ସରକାର ଭାଙ୍ଗିଯାଇଥିଲା, କିନ୍ତୁ ଗୋଟିଏ କଥା ପ୍ରମାଣିତ ହୋଇଥିଲା ଯେ ଯଦି କୌଣସି ଶକ୍ତିଶାଳୀ ଶାସକ ସାମ୍ବିଧାନିକ ଅଧିକାର ସହ ଖେଳ ଖେଳନ୍ତି, ରାଜନୈତିକ ବିରୋଧୀଙ୍କ ଦମନ ପାଇଁ ଶାସନର ଅନୁଚିତ ପ୍ରୟୋଗ କରନ୍ତି ତେବେ ଭାରତର ଗଣତାନ୍ତ୍ରିକ ରାଜନୀତିରେ ଅନ୍ତର୍ନିହିତ ଚେତନା ତାକୁ ଗାଦିରୁ ହଟାଇ ଦେଇଥାଏ । ଅର୍ଥାତ ଦେଶର ଭୋଟରମାନେ ସାମ୍ବିଧାନିକ ଅଧିକାର ସହ ଖେଳୁଥିବା ଶାସକଙ୍କୁ ନିର୍ବାଚନରେ ହରାଇ ଦେଇଥାନ୍ତି ।

ଇନ୍ଦିରା ଇଜ୍ ଇଣ୍ଡିଆ ଏବଂ ଇଣ୍ଡିଆ ଇଜ୍ ଇନ୍ଦିରା ବୋଲି ଇନ୍ଦିରା ଗାନ୍ଧୀଙ୍କ ଚାରଣ ଓ ଚେଲା ଚାମୁଣ୍ଡାମାନେ କହୁଥିଲେ । କିନ୍ତୁ ସେ ସବୁ ଦୃଢୋକ୍ତି କୁଆଡେ ଉଭେଇ ଯାଇଥିଲା । ନିଜେ ଇନ୍ଦିରା ଗାନ୍ଧୀ ମଧ୍ୟ ବୁଝିପାରିଲେନି ଯେ ସେ ନିର୍ବାଚନରେ ହାରିଯିବେ ବୋଲି । ଇନ୍ଦିରା ଗାନ୍ଧୀ ନିର୍ବାଚନ ହାରିବା ପରେ କିଛି ଦିନ ମଧ୍ୟ ଚୁପ୍ ହୋଇ ବସିଯାଇଥିଲେ । ସେତେବେଳର ନେତାଙ୍କର ନୈତିକ ଶକ୍ତି ଥିଲା । ସେତେବେଳେ ମୋରାରଜି ଦେସାଇ ଥିଲେ , ଅଟଳ ବିହାରୀ ବାଜପେୟୀ ଥିଲେ, ମଧୁ ଲିମାୟେ ଥିଲେ, ଚନ୍ଦ୍ରଶେଖର ଥିଲେ, ମଧୁ ଦଣ୍ଡବତେ ଥିଲେ, ଚରଣ ସିଂହ ଥିଲେ, ଜର୍ଜ ଫର୍ନାଡିଜ ଥିଲେ ଓ ଆହୁରି ଅନେକ ନେତା ଥିଲେ ଏବଂ ସର୍ବୋପରି ଜୟ ପ୍ରକାଶ ନାରାୟଣଙ୍କର ନେତୃତ୍ୱ ମଧ୍ୟ ଥିଲା । ଜୟ ପ୍ରକାଶ ନାରାୟଣଙ୍କୁ ଏ ଦେଶର ଜନତା ବିକଳ୍ପ ଭାବେ ଗ୍ରହଣ କରି ନେଇଥିଲେ । ନେତାଙ୍କ ନୈତିକ ଆଭାରେ ଜନତା ନେତାଙ୍କ ଆଡକୁ ସ୍ୱତଃ ଆକର୍ଷିତ ହୋଇଥାନ୍ତି ଏବଂ ସେମାନଙ୍କ ଚେତନା ଜାଗି ଉଠିଥାଏ । ଦମନକୁ ଅସ୍ତ୍ର କରିଥିବା ଏବଂ ମନମାନି କରୁଥିବା ଶାସନକୁ ଜନଚେତନା ପ୍ରତିରୋଧ କରିଥାଏ । ଏଣୁ ଇନ୍ଦିରା ଗାନ୍ଧୀ ଯେତେବେଳେ ଦକ୍ଷିଣ ଭାରତରେ ଅଧିକ ଆସନ ଆଣିବାରେ ସକ୍ଷମ ହୋଇଥିଲେ ସେତେବେଳେ ହିନ୍ଦୀ ଭାଷାଭାଷିରାଜ୍ୟମାନଙ୍କରେ ଜନତା ଇନ୍ଦିରାଙ୍କ ବିରୋଧରେ ଭୋଟ ଦେଇଥିଲେ ।

ଏବେ ସେଇ ହିନ୍ଦୀ ଭାଷାଭାଷୀ ଅଞ୍ଚଳ ମୋଦୀଙ୍କ ରାଜନୀତିର ପ୍ରୟୋଗଶାଳା ପାଲଟିଛି । ଦୁଇ ବେଳାର ଖାଦ୍ୟ ଓ ପିଲାଙ୍କ ସ୍କୁଲ ଫି ଭରିବା ପାଇଁ ନିଜ ରକ୍ତକୁ ପାଣି ଫଟାଇ କାମ କରୁଥିବା ଲୋକଙ୍କ ଚେତନା "ମୋଦୀ ମୋଦୀ" ର ପ୍ରାୟୋଜିତ ସ୍ୱରରେ ଲୁପ୍ତ ହେବାକୁ ବସିଲାଣି ବୋଲି ମନେ ହେଉଛି ଏବଂ ଲୋକଙ୍କ ସ୍ୱାର୍ଥ ରକ୍ଷାର କଥା କହୁଥିବା ବିରୋଧୀ ଦଳର ଅନେକ ନେତା ଓ ରାଜନୈତିକ ଦଳ ସେମାନଙ୍କ କାର୍ଯ୍ୟରେ ବ୍ୟସ୍ତ । ସେମାନେ ମୋଦୀଙ୍କ ଠାରୁ ଅଧିକ ଜନବିରୋଧୀ । ଭାରତୀୟ ରାଜନୀତିର ବର୍ତ୍ତମାନ ଅନେକ ନୈତିକ ପତନର ବୋଝକୁ ଉଠାଇ ଉଠାଇଥକି ଗଲାଣି ଏବଂ ଭବିଷ୍ୟତରେ ଏହି କଥାର ବିପଦ ଚାରିଆଡେ ଦେଖାଗଲାଣି । ଏମାନଙ୍କ ମଧ୍ୟରୁ କିଛି ଲୋକ, କିଛି ରାଜନୈତିକ ଦଳ ନିର୍ବାଚନୀ ଭାଷଣରେ ମୋଦୀ ବିରୋଧ, ସମ୍ବିଧାନର ରକ୍ଷା, ଏକଚ୍ଛତ୍ରବାଦର ବିପଦ ଆଦି କଥାକହୁଛନ୍ତି ଏବଂ ନିଜର ମାନସିକ ଏବଂ ରାଜନୈତିକ ଶକ୍ତିରେ ଏଭଳି କିଛି କରୁଛନ୍ତି ଯାହା ମୋଦୀଙ୍କୁ ପୁନଃ ଶାସନ ଗାଦିରେ ବସାଇବା ପାଇଁ ବାଟ ଖୋଲିଦେଉଛି। ଏଣୁ ସବୁ କିଛି ଅସ୍ପଷ୍ଟ ଅସ୍ପଷ୍ଟ ଦେଖାଯାଉଛି ।

ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଗଣମାଧ୍ୟମ ଲୋକଙ୍କ ନିକଟରେ ସତ କଥାକୁ ନ ପହଞ୍ଚାଇବା ପାଇଁ ଠିକା ନେଇଯାଇଛି । ଏଣୁ ଲୋକେ ସତ ଜାଣି ପାରିବେ ନାହିଁ। ବଡ ବଡ ଟିଭି ଚାନେଲ, ବଡବଡ ଆଙ୍କର(ଘୋଷକ) ମିଛକୁ ମହିମା ମଣ୍ଡିତ କରି ତାକୁ ସତ୍ୟରେ ପରିଣତ କରିବା ପାଇଁ ଉଦ୍ୟମରତ । ଏହା ଲୋକଙ୍କ ମନ ମସ୍ତିଷ୍କକୁ ଖରାପ କରିବାରେ ସହାୟକ ହେଉଛି । କିଛି ବର୍ଷ ପରେ ଯେତେବେଳେ ବର୍ତ୍ତମାନର ବିଶଂଗତିକୁ ବିଶ୍ଳେଷଣ କରାଯିବ ସେତେବେଳେ ୩ଟି କଥାର ବିଶ୍ଳେଷଣ ହେବ । ପ୍ରଥମଟି ହେଉଛି ଭାରତର ସହରାଞ୍ଚଳର ମଧ୍ୟ ବର୍ଗଙ୍କ ମାନସିକ ଏବଂ ନୈତିକ ପତନ। ଦ୍ୱିତୀୟଟି ବିରୋଧୀଙ୍କ ରାଜନୀତିର ନୈତିକ ପତନ ଏବଂ ତୃତୀୟଟିମୁଖ୍ୟ ଧାରାର ଗଣ ମାଧ୍ୟମ ଲୋକଙ୍କ ଶତ୍ରୁ ପାଲଟିଯିବା । ନବ ଉଦାରବାଦର ଭାରତୀୟ ସଂସ୍କରଣର ଅଢେଇ ତିନି ଦଶନ୍ଧିର ଯାତ୍ରା ପରେ ଏହିପରି ରାଜନୈତିକ ପରି ଦୃଶ୍ୟ ଦେଖାଯିବାର ଥିଲା । ଯାହା ଏବେ ଦେଖାଯାଉଛି । ଏହି ସଂସ୍କରଣ ରାଜନୀତିରେ ତାର ନୈତିକତାକୁ ଏଡେଇ ଦେବାର ପରିଣାମ ହେଉଛି କର୍ପୋରେଟ ଶକ୍ତିମାନେ ରାଜନୀତିକୁ ତାଙ୍କ ମନ ମର୍ଜି ଅନୁସାରେ ପରିଚାଳନା କଲେ ଏବଂ ଆର୍ଥିକ ଡୋରୀକୁ ନିଜ ହାତ ମୁଠାରେ ରଖିବାରେ ସକ୍ଷମ ହୋଇପାରିଲେ । କର୍ପୋରେଟ ମିଡିଆ ଏତେ ବିଧ୍ୱଂସକଏବଂ ବିଷାକ୍ତ ଭୂମିକା ଗ୍ରହଣ କରି ନଥାଏ ଯାହାକୁ "ନିୟୋ ଲିବରାଲ୍ ଇକୋନୋମି" ଏବଂ ଏଥିରୁ ଉତ୍ପନ୍ନ "ନିୟୋ ଲିବରାଲ୍ ପଲିଟିକ୍ସ" କୁହାଯାଏ । ଏହା ୟୁରୋପ ଏବଂ ଆମେରିକା ଭଳି ସଂପନ୍ନ ଏବଂ ଶିକ୍ଷିତ ସମାଜରେ ତାର ଛାପ ଛାଡିଥାଏ । କିନ୍ତୁ ଭାରତରେ ଏହାଠାରୁ ବହୁ ଆଗକୁ ଯାଇ ନିଜର ଅମାନୁଷିକ ରୂପରେ ଏହା ସାମନାକୁ ଆସିଛି । ଏହି ରୂପକୁ ଭାରତୀୟ ରାଜନୈତିକ ଫଳକ ଉପରେ ଏମିତି ହିଁ ସାମନାକୁ ଆସିବାର ଥିଲା ।


+ରାମଚନ୍ଦ୍ରପୁର

ରଣପୁର

ମୋ-୯୪୩୮୪୮୫୦୯୪


## ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାରେ ଧାଇମା ଭୂମିକାରେ ଭକ୍ତକବିଙ୍କ 'ବର୍ଣ୍ଣବୋଧ'



### ବିପିନ ବିହାରୀ ରାଉତ

'ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ', 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ଆଉ ମଠ ନକର ଆଉ', 'ପଶ୍ଚିମ ଦିଗରେ ବୁଡ଼ଇ ରବି, ଆହାକି ସୁନ୍ଦର ଲୋହିତ ଛବି', 'ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ' - ଏହିପରି ଚମତ୍କାର ଜୀବନ ଆବେଗର ଅତ୍ୟନ୍ତ ବିଲକ୍ଷଣ ପଂକ୍ତି ଗୁଡ଼ିକର ଧାଡ଼ି ଅଗଣିତ କୋଟି କୋଟି ଓଡ଼ିଆଙ୍କ ଜିଭ ଆଗରେ ଏବେ ବି ପ୍ରତିଦିନ ଝଙ୍କୃତ ହେଉଥାଏ। ସମସ୍ତଙ୍କୁ ଏହା ଜଣା ଯେ ଏହି କାଳଜୟୀ ଓ ଶିକ୍ଷା ପ୍ରଦାୟକ ନୈତିକ ଶିକ୍ଷାର ବାର୍ତ୍ତାବହ ତଥା ଜୀବନତତ୍ତ୍ୱର ନୀତିବାଣୀର ମର୍ମସ୍ପର୍ଶୀ ଲେଖନୀ ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଅଦ୍ୱିତୀୟ ସୃଷ୍ଟି 'ବର୍ଣ୍ଣବୋଧ'। ଇତିମଧ୍ୟରେ ଏହାର ପୁର୍ନପ୍ରକାଶ ହେବାକୁ ଯାଉଛି। ପାଖାପାଖି ୧୧୦ ଦଶ ବର୍ଷ ପରେ କୋଟି କୋଟି ଓଡ଼ିଆ ଏହି ହୃଦୟସ୍ପର୍ଶୀ ପୁସ୍ତକକୁ ପୁଣିଥରେ ନୂଆ ରୂପରେ ପଢ଼ିବା ପାଇଁ ଯାଉଛନ୍ତି। ୧୯୦୧ ମସିହାରେ ଏହି ବର୍ଣ୍ଣବୋଧକୁ ଲେଖିଥିଲେ ଭକ୍ତକବି ମଧୁସୂଦନ ରାଓ। ଓଡ଼ିଆ ବର୍ଣ୍ଣବୋଧ ଆମ କେବଳ ସମସାମୟିକ ଜୀବନକୁ ନୁହେଁ ଏପରି କ୍ୱଚିତ ଓଡ଼ିଆ ରହିଥିଲେ ଯେଉଁମାନେ କି ଏହାକୁ କେବଳ ଯେ ନପଢ଼ିଥିବେ ବରଂ ଏହାକୁ ବୁଝି ନଥିବେ। ଓଡ଼ିଆ ମାଟି, ପାଣି, ପବନ, ଓଡ଼ିଆ ଭାବନା, ଜୀବନ ଚେତନା, ପ୍ରାକୃତିକ ନୈସର୍ଗୀକ ସୌନ୍ଦର୍ଯ୍ୟ, ଜୀବନ ନୈତିକ ଶିକ୍ଷା, ନୀତିବାଣୀର ଭାବନା ଏପରି ଅନେକ ଚେତନାରେ ସମ୍ପୂର୍ଣ୍ଣ ଭରପୁର ହୋଇଛି ଏହି ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ।

କୋଟି କୋଟି ଓଡ଼ିଆଙ୍କ ଦେଢ଼ଶହ ବର୍ଷ ଧରି ସେମାନଙ୍କ ଜୀବନ ପ୍ରାଣର ଏକ ପ୍ରକାର ଆବାହନୀ ଓ ସାମଗ୍ରିକ ଶିକ୍ଷାର ଅମାପ ବାର୍ତ୍ତା ଭରି ରହିଥିବା ଏହି ବର୍ଣ୍ଣବୋଧ ପୁନର୍ବାର ଓଡ଼ିଆରେ ପ୍ରକାଶିତ ହୋଇ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି। ଅନେକ ହୁଏତ ଜାଣିନଥିବେ ବଙ୍ଗଳା ସାହିତ୍ୟର ସାରସ୍ୱତ ନାୟକ ଓ ପ୍ରସିଦ୍ଧ ଲେଖକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବଙ୍ଗଳା ଭାଷା ପାଇଁ 'ବର୍ଣ୍ଣ ପରିଚୟ' ପୁସ୍ତକଟି ଲେଖିଥିଲେ। ବର୍ଣ୍ଣବୋଧ ହେଉଛି ଓଡ଼ିଆ ଭାଷା ସାହିତ୍ୟ, ଜୀବନବୋଧର ଏପରି ଏକ ଜୀବନଦସ୍ତାବିଜ ଯାହାର ପ୍ରତିଟି ଧାଡ଼ି ଅମୃତସ୍ପର୍ଶୀ ଓ କାଳଜୟୀ। ଭକ୍ତକବି ମଧୁସୂଦନ ଏହି ପୁସ୍ତକଟି ମାତ୍ର ଗୋଟିଏ ରାତି ଭିତରେ ପ୍ରସ୍ତୁତ କରିପାରିଥିଲେ ମଧ୍ୟ ଏହାକୁ ସମୃଦ୍ଧ ଓ ତଥ୍ୟଭିତ୍ତିକ କରିବା ପାଇଁ ତାଙ୍କର ଦୀର୍ଘ ସମୟର ପରିଶ୍ରମ କିନ୍ତୁ ରହିଥିଲା। ୧୮୮୫ ମସିହାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପୁସ୍ତକ ପ୍ରକାଶନୀ ସଂସ୍ଥା ମ୍ୟାକମିଲନ ଆଣ୍ଡ କମ୍ପାନୀ ଏହାର ପ୍ରକାଶନ ଦାୟିତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ରୂପରେ ଏହି ବହିଟି ଅନେକବାର ବିଭିନ୍ନ ସଂସ୍କରଣ ମାଧ୍ୟମରେ ପ୍ରକାଶିତ ହୋଇଛି। ଆପଣ ଯେ କୌଣସି ବଡ଼ ବହି ଦୋକାନ, ଛୋଟ ବହିଦୋକାନ କିମ୍ବା ରାସ୍ତାକଡ଼ର ବହି ଓ ମାଗାଜିନ ପସରା ମେଲାଇଥିବା ବହି ସପ୍‌ରେ ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ କିନ୍ତୁ ନିଶ୍ଚିନ୍ତ ପାଇବେ । ଏହା ହିଁ ହେଉଛି କୋଟି କୋଟି ଓଡ଼ିଆଙ୍କ ଏହି ଶୀର୍ଣ୍ଣକାୟ ଚଟିବହିଟି ପ୍ରତି ଆବେଗ ଓ ଆକର୍ଷଣର ଡ଼ୋରି। ବର୍ଣ୍ଣବୋଧ ପୁସ୍ତକର ସମସାମୟିକ ଏହି ଭାଷା ବର୍ଣ୍ଣାଳୀର ଅନେକ ସୃଷ୍ଟି ମଧ୍ୟ କୃତବିଦ୍ୟ ଓଡ଼ିଆ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ମଧ୍ୟ ସମ୍ଭବ ହୋଇଥିଲା। ତତ୍କାଳୀନ ଓଡ଼ିଆ ଭାଷା ଓ ତତ୍‌ଜନିତ ସାହିତ୍ୟର ଅଭାବକୁ ଲକ୍ଷ୍ୟ ରଖି ଯେଉଁକିଛି ପୁସ୍ତକ ପ୍ରକାଶ ହୋଇଥିଲା ସେ ଗୁଡ଼ିକ ହେଉଛି 'ବର୍ଣ୍ଣଶିକ୍ଷା', 'ବର୍ଣ୍ଣବୋଧକ', 'ବର୍ଣ୍ଣ ନିୟମ', 'ବର୍ଣ୍ଣ ପରିଚୟ', 'ଶିକ୍ଷା ମଞ୍ଜରୀ', 'ବାଳବୋଧିନୀ', 'ପ୍ରଥମ ପାଠ', 'ବର୍ଣ୍ଣ ବିଜ୍ଞାନ' ପ୍ରମୁଖ। ତେବେ ଏ ସବୁ ଭିତରେ ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ସ୍ୱତନ୍ତ୍ରତା ରହିଥିଲା କାରଣ ଏଥିରେ ଭରି ରହିଥିଲା କେବଳ ଶିଶୁ ମାନଙ୍କ ପାଇଁ ନୁହେଁ ସବୁ ବୟସର ଲୋକମାନଙ୍କ ପାଇଁ ଜୀବନ ଶିକ୍ଷା ହେଉ ବା ନୈତିକ ଶିକ୍ଷା, ଆଧାତ୍ମିକ ଶିକ୍ଷା ହେଉ ବା ଭାବଗତ ଶିକ୍ଷା। ଏସବୁ ପରିପୃଷ୍ଟ ହୋଇଥିଲା ବର୍ଣ୍ଣବୋଧରେ।

ଭକ୍ତକବି ଭାବେ ମଧୁସୂଦନ ରାଓ କୋଟି କୋଟି ଓଡିଆଙ୍କ ପାଖରେ ଏକ ପ୍ରାତଃ ସ୍ମରଣୀୟ ପରିଚିତ ବ୍ୟକ୍ତିତ୍ୱ। ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଶିକ୍ଷକ ଓ ଭାଷାବିତ। ଓଡ଼ିଆ ଭାଷା ପ୍ରତି ତାଙ୍କର ରହିଥିଲା ଅମାପ ଆବେଗ, ଦୁର୍ବଳତା ଓ ଭଲପାଇବା। ବର୍ଣ୍ଣବୋଧ ଏକ ଏପରି ସରଳ ବୋଧଗମ୍ୟ ଓ ଭାଷା ଆବେଗ ତଥା ନୈତିକ ଶିକ୍ଷା ପ୍ରଦାୟକ ପୁସ୍ତିକା ଯାହାକି ବାସ୍ତବିକ ପ୍ରତିଟି ଓଡ଼ିଆଙ୍କ ଘରେ ଏକ ସଂଗ୍ରହଣୀୟ ଭାଷା ଦସ୍ତାବିଜ ଭାବେ ରହିବା କଥା। ଯେତେବେଳେ ଓଡ଼ିଆ ଭାଷାକୁ ବିଶେଷକରି ବଙ୍ଗଳାର ଆହ୍ୱାନକୁ ସାମ୍ନା କରିବାକୁ ପଡୁଥିଲା 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ।' ସେହି ଭାଷା ଆହ୍ୱାନକୁ ନିଜ ଭିତରେ ଶାଣିତ ଓ ତୀବ୍ର କରିଥିଲେ ଭକ୍ତକବି। ଓଡ଼ିଆ ଭାଷା, ବନାନ, ବର୍ଣ୍ଣ, ଶବ୍ଦ, ଯୁକ୍ତାକ୍ଷର ସବୁକିଛିକୁ ତଉଲି ଓ ଏହାର ସାମଞ୍ଜସ୍ୟ ରଖି ପ୍ରସ୍ତୁତ ହୋଇଥିବା ସେ ଦିନର ଭକ୍ତକବିଙ୍କ ଏହି ମହାର୍ଘ ବର୍ଣ୍ଣବୋଧ ଏଯାବତ୍ ତାହା ଆଗ୍ରହ ଓ ଆବେଗକୁ ଅତୁଟ ରଖିଛି। ଏହା କେବଳ ଓଡ଼ିଆ ଭାଷା, ଶିକ୍ଷା ବା ବର୍ଣ୍ଣମାଳା କିମ୍ବା ଯୁକ୍ତାକ୍ଷର ପ୍ରସ୍ତୁତିର ଏକ ଶିକ୍ଷା ପୁସ୍ତିକା ନୁହେଁ ଏହା ହେଉଛି ଭାବପୂର୍ଣ୍ଣ ପ୍ରକୃତି ହେଉ ବା ଜୀବନଚର୍ଯ୍ୟା, ଆଧାତ୍ମକ ହେଉ ବା ଅମୃତ ନିର୍ଝର। ସବୁକିଛିକୁ ଏହା ଆକର୍ଷଣୀୟ ଭାବରେ ଏପରି ମର୍ମସ୍ପର୍ଶୀ ପ୍ରେରଣା ଦେଇଛି ଯାହାକି ସମ୍ଭବତଃ ଆଉ ଏକ ବର୍ଣ୍ଣବୋଧ ସୃଷ୍ଟି ହୋଇନପାରେ। ନିତିଦିନିଆ ଜୀବନରେ ମାମୁଁଘରର ସ୍ମୃତି ରହିଛି ଏହି ବର୍ଣ୍ଣବୋଧରେ - 'ଚକା ଚକା ଭଉଁରୀ, ମାମୁଁଘର ଚଉଁରୀ'। କାଳ ଅନ୍ଧାରର ରାତି ପାହିବା ପରେ ଜଣଙ୍କ ଜୀବନ ଆରମ୍ଭ ହୋଇଥାଏ ସୂର୍ଯ୍ୟୋଦୟରୁ ଆଉ ଏହାକୁ ଆମ ସମସ୍ତଙ୍କ ପାଖରେ କାଉର ରାବ ଦ୍ୱାରା ହିଁ ଜଣାଯାଇଥାଏ ଭକ୍ତକବି ବର୍ଣ୍ଣବୋଧରେ ଲେଖିଛନ୍ତି - 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ'। ଏବେ ତ ପ୍ରଚଣ୍ଡ ଖରାର ନିଦାଘ ରୌଦ୍ରତାପ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଜାଣିଛନ୍ତି ବର୍ଣ୍ଣବୋଧରେ ଏହା ବେଶ ସୁସ୍ପଷ୍ଟ ହୋଇଛି - 'ବୈଶାଖ ମାସେ ବଡ଼ ଖରା, ଅତି ତପତ ହୁଏ ଧରା'। ଜୀବନ ଯାତ୍ରା ପଥରେ ଆମ ମାନଙ୍କ ଉଚିତ କର୍ତ୍ତବ୍ୟର ଶିକ୍ଷଣୀୟ ବାର୍ତ୍ତା ରହିଛି ଏଥିରେ ତାହା ହେଉଛି - 'ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ'। କେବଳ ସେତିକି ନୁହେଁ ପିଲାମାନଙ୍କୁ ଜୀବନ ପ୍ରାରମ୍ଭକୁ ନୈତିକ ଶିକ୍ଷା ଦେଇ ଭକ୍ତକବି ଏଥିରେ ଲେଖିଛନ୍ତି - 'କୁବାକ୍ୟ କେବେ ନକହିବ, ଆଳସ୍ୟ କେବେ ନକରିବ। ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ'। ପ୍ରତିଟି ମୁହୂର୍ତ୍ତ ଭଗବାନଙ୍କ ପାଇଁ ସମର୍ପିତ କରି ଜୀବନରେ ଆଧାତ୍ମିକ ତତ୍ତ୍ୱ ଓ ଭାବଧାରାକୁ ଶିଶୁମନରେ ଉଦ୍ରେକ କରିବା ପାଇଁ କବି ରଚନା କରିଛନ୍ତି - 'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ'।

ଜାତିର ଆତ୍ମା ଭାବେ ଏକ ମାତୃଭାଷା ହେଉଛି ଜାତି ପାଇଁ ସମ୍ମାନ। ଭାଷା ଏକ ଶାସ୍ତ୍ରୀୟ ସ୍ୱୀକୃତି ଯେ ପାଇଥାଏ ଏହା ପଛରେ ରହିଛି ଓଡ଼ିଆ ଭାଷାର ଗୌରବମୟ ଇତିହାସ। ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଅମୃତ ସୃଷ୍ଟି ବର୍ଣ୍ଣବୋଧ ଏ ଜାତିର, ଏ ଜାତିର ଅସ୍ମିତାର ସର୍ବୋପରି ଭାଷାର ମୂଳପିଣ୍ଡ କହିଲେ ଭୁଲ ହେବନାହିଁ। ଏହି ଶୀର୍ଣ୍ଣକାୟ ଚଟି ବହିଟି କେବଳ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏକ ନାମ ବାଚକ ପୁସ୍ତିକା ନୁହେଁ ଏହା ଯେଉଁ ଆବେଗ, ଉନ୍ମେଷ, ଜାତି ଓ ଭାଷା ପ୍ରତି ସମର୍ପଣ ଭାବ ସୃଷ୍ଟି କରେ ତାହା କମ ବଡ଼କଥା ନୁହେଁ। ଓଡ଼ିଆ ଭାଷାର ଶ୍ରେଷ୍ଠ ଓ ଗୌରବମୟ କୃତୀ ଓ ସ୍ୱୀକୃତି ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଏହି ବର୍ଣ୍ଣବୋଧ। ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାରେ ଧାଇମାର ଭୂମିକା ନେଇଥିବା ଭକ୍ତକବିଙ୍କ 'ବର୍ଣ୍ଣବୋଧ' ପ୍ରତିଟି ଓଡ଼ିଆଙ୍କ ଭାଷା ସାହିତ୍ୟର ଜୀବନ ସ୍ପନ୍ଦନ କହିଲେ ଅତ୍ୟୁକ୍ତି ହେବନାହିଁ।


ଶ୍ରୀବିହାର କଲୋନୀ,

କଟକ,

ମୋ : ୯୪୩୭୬୬୬୪୫୩,


## କବିତା କୋଣାର୍କ

### ବରଷା ଓ ମାଟି

### ଡାଃ ମନୋରଞ୍ଜନ ଦାଶ

ବରଷା ଯେବେ ତା ଓଦା ଶରୀରରେ
ମାଟିକୁ ଦିଅଇ ଛୁଇଁ
ପ୍ରୀତି ଅଗଣାରେ ଭରିଯାଏ ମନେ
ଲାଜ ଲାଜ କଢ କଇଁ ।
ବରଷା ବଖାଣେ ମନ କଥା ଯାହା
ମାଟିର ଛାତିରେ ଶୋଇ
ମାଟିକୁ ଚୁମିଲେ ଖୁସି ପାଇଥାଏ
ପ୍ରୀତିର ପୀୟୂଷ ପିଇ
ମାଟି ଖୁସି ହୁଏ ଆତ୍ମିକ ମିଳନେ
ବରଷା ଆବେଗ ପାଇ ।
ବରଷା ଛୁଆଁରେ ସେ ଶସ୍ୟ ଶ୍ୟାମଳା
ଅସରା ଶ୍ରାବଣ ପିଇ
ଖୁସିର ଲହରୀ ଖେଳିଯାଏ ମନେ
ପ୍ରଣୟ ରାଗିଣୀ ଗାଇ
ବରଷା ଭିଜାଏ ତନୁ ମନ ତା'ର
ଭରସାର କୂଳ ଛୁଇଁ ।


ପ୍ରଭାବତୀ ନିଳୟମ୍ ,

ବେଲତଳ, ପଟ୍ଟାମୁଣ୍ଡାଇ

ଜି : କେନ୍ଦ୍ରାପଡ଼ା


ମୋ: ୯୪୩୭୩୧୭୭୨୨


### ସୂର୍ପଣଖାର ପ୍ରତିଶୋଧ

### ଶୁଭେନ୍ଦୁ ମେହେର

ଲଙ୍କା ରାଇଜର ଏକଇ ନନ୍ଦିନୀ
ନାମ ତାର ସୂର୍ପଣଖା
ବିଦ୍ୟୁତଜିହ୍ୱ ଦୈତ୍ୟରାଜକୁ ବରିଣ
କରିଥିଲା ହୃଦ ସଖା ।
ଦିଗବିଜୟ ଆଶେ ଲଙ୍କାର ରାବଣ
ବାହାରିଲା ଯୁଦ୍ଧ କରି
ସୈନ୍ୟ ସାମନ୍ତଙ୍କୁ ସାଙ୍ଗରେ ଧରିଣ
ବୀର ଦର୍ପେ ଲଙ୍କ ଶିରି ।
କାଳକେୟ ମଧ୍ୟେ ଅଶ୍ୱ ନଗର ରେ
ରାବଣ ରଚିଲା ଯୁଦ୍ଧ
ମୁହୂର୍ତ୍ତ ମଧ୍ୟରେ ଚାରି ଶହ ସୈନ୍ୟ
କରି ପକାଇଲା ବଧ ।
ସେ ସୈନ୍ୟ ମଧ୍ୟରେ
ବିଦ୍ୟୁତଜିହ୍ୱ ବୀର
ଅଜାଣତେ ହେଲା ହତ
ରାବଣ ଜାଣିଲା ଭଉଣୀର ଆଜି
ଦୁଃଖ ହେଲା ଦ୍ୱିଗୁଣିତ ।
ଦିଗବିଜୟ ସାରି ଫେରି ଲଙ୍କେଶ୍ୱର
ଯାହା ଦେଖିଲା ନୟନେ
ଭଗ୍ନୀ ସୂର୍ପଣଖା ଭୂମିପରେ ଲୋଟି
ବିହ୍ୱଳିତ ସେ କ୍ରନ୍ଦନେ ।
ଦେଖିଣ ରାବଣ ପ୍ରବୋଧି କହିଲା
ଶୁଣ ମୋ ସୁନା ଭଉଣୀ
ଯୁଦ୍ଧରେ ପ୍ରମତ୍ତ ହୋଇ ମଦମତ୍ତ
ନ ପାରିଲି କିଛି ଜାଣି ।
ଆଶ୍ୱାସନା ଦେଇ କହେ ଲଙ୍କସାଇଁ
କ୍ଷମା କରିଦେବୁ ମୋତେ
ଅଧିକୁ ଅଧିକ ଯତ୍ନର ସହିତ
ସୁଖରେ ରଖିବି ତତେ ।
ଖର ଦୂଷଣ ଓ ତ୍ରିଶୀର ସହିତ
ଚଉଦ ସହସ୍ର ସୈନ୍ୟ
ସେନାଧକ୍ଷ ହୋଇ ରହିବୁ ଭଉଣୀ
ମଧୁ ପଞ୍ଚବଟୀ ବନ ।
ସେଦିନୁ ଅସୁରୀ ଦଣ୍ଡକା ଅରଣ୍ୟେ
ନିଜେ ଅଧିଷ୍ଠାତ୍ରୀ ହେଲା
ଭାଇ ରାବଣକୁ ପ୍ରଥମ ସ୍ଥାନୀୟ
ଶତ୍ରୁ ଭାବରେ ମଣିଲା ।
ସ୍ୱାମୀ ଇହ ପର କାଳର ଦେବତା
ସ୍ୱାମୀ ବିନେ କିଛି ନାହିଁ
ଅନ୍ତରେ ଅନ୍ତରେ ପ୍ରତିହିଂଶାନଳେ
ପ୍ରଜ୍ୱଳିତ ହୁଏ ତହିଁ ।
କୂଟ ଓ କପଟ ମନ୍ତ୍ରଣା କରିଲା
କୁତ୍ସିତ ମନ୍ଥରା ନାରୀ
ବନବାସ ଅର୍ଥେ ଶ୍ରୀରାମ ଲକ୍ଷ୍ମଣ
ସିତୟା ଗଲେ ବାହାରି ।
କିଛି କାଳ ଅନ୍ତେ ଶ୍ରୀରାମ ଲକ୍ଷ୍ମଣ
ଜନକ ନନ୍ଦିନୀ ସୀତା
ପିତୃ ସତ୍ୟ ପାଳି ଦଣ୍ଡକାରଣ୍ୟରେ
ଆସି ହେଲେ ସେ ସ୍ଥପିତା ।
ସୂର୍ପଣଖା ଜଳେ ପ୍ରତିହିଂଶାନଳେ
ଦଣ୍ଡକାରଣ୍ୟରେ ଥାଇ
ରାମ ଲକ୍ଷ୍ମଣଙ୍କ ବଳ ପରାକ୍ରମ
ମନେ ମନେ ନିରେଖଇ ।
ଭାବିଲା ସେମନେ ଯେମନ୍ତ ପ୍ରକାରେ
ରାବଣ ହେଉ ନିହତ
ସୁନ୍ଦରୀ ତରୁଣୀ ବେଶରେ ଅସୁରୀ
ରାମ ଆଗେ ଉପସ୍ଥିତ ।
କାମାର୍ତ୍ତ ଅନଳେ ଅଭିନୟ କରି
ରାମ ଆଗେ ତାମ୍ରକେଶୀ
ପ୍ରେମ ନିବେଦନ ରଖିଲା ପୟରେ
ଧିକ୍କାରିଲେ ରଘୁବଂଶୀ ।
ମୁହିଁ ସପତ୍ନୀକ କହିଣ ଶ୍ରୀରାମ
ପ୍ରେରିଲେ ଲକ୍ଷ୍ମଣ ପାସ
ଧିକ୍କାରି କହନ୍ତି ସେ,ଯେ ଉଗ୍ରମୂର୍ତ୍ତି
ମୁହିଁ ଶ୍ରୀରାମଙ୍କ ଦାସ ।
ଦାସର ଭାରିଜା ନହୋଇ ସୁନ୍ଦରୀ
ପ୍ରଭୁଙ୍କ ପୟରେ ଭଜ
ଲକ୍ଷ୍ମଣଙ୍କ ବ୍ୟଙ୍ଗ ବାକ୍ୟରେ ଅସୁରୀ
ଶ୍ରୀରାମ ଆଗରେ ସଜ ।
ବୃଦ୍ଧା ମାନୁଷିକୁ ଛାଡ଼ିଣ ଶ୍ରୀରାମ
ମୋତେ କର ହେ ବରଣ
ଏମନ୍ତ କହିକି ଜନକ ସୁତାଙ୍କୁ
କରିବାକୁ ସେ ଭକ୍ଷଣ ।
ଉଦ୍ୟତ ହୁଅନ୍ତେ ରାମଙ୍କ ଆଦେଶେ
ଉଠିଲେ ରାମର ସାନ
ବିରୂପ କରିକି ସେ ସୂର୍ପଣଖାକୁ
କାଟିଦେଲେ ନାଶାକର୍ଣ୍ଣ ।
ଭାଇ ଭାଇ ବୋଲି ଅସୁରୀ ଚଳିଲା
ଖର ଦୂଷଣଙ୍କ ପାସ
ତ୍ରିଶୀର ସହିତେ ଚଉଦ ସହସ୍ର
ସୈନ୍ୟଙ୍କୁ କରିଲେ ନାଶ ।
ରାବଣକୁ ଯାଇ ସମସ୍ତ ବୃତ୍ତାନ୍ତ
କାନ୍ଦି କହେ ସୂର୍ପଣଖା
ଦଣ୍ଡକା ଅରଣ୍ୟେ ଜଟାଧାରୀ ବେନି
ହୋଇଗଲେ ଆଜି ଦେଖା ।
ସଙ୍ଗତେ ସୁନ୍ଦରୀ ତରୁଣୀ ମଣି ଏ
ଲକ୍ଷେ ବ୍ରହ୍ମାଣ୍ଡର ଜ୍ୟୋତି
କୋଟିଏ ବ୍ରହ୍ମା କି ସମର୍ଥ ହୋଇବେ
ଗଢିବାକୁ ସେଇ ମୂର୍ତ୍ତି ।
ତାକୁ ଆଣି ତୋତେ
ଦେବି ବୋଲି ଗଲି
କାଟିଲେ ମୋ ନାଶା କର୍ଣ୍ଣ
ଖର ଦୂଷଣ ଓ ତ୍ରିଶିର ମାରିଲେ
ଦେଖାଇ ବୀରତ୍ୱ ପଣ ।
କ୍ରୋଦ୍ଧଭର ହୋଇ ଗର୍ଜିଲା ରାବଣ
କିଏ ସେ ରାମ ଲକ୍ଷ୍ମଣ
ତୁରନ୍ତ ଯିବି ମୁଁ ସୀତା ଆଣିବାକୁ
କରୁଅଛି ଏହି ପଣ ।
ରାଇଲା ମାରିଚ ଶୀଘ୍ର ଘେନ ତୁହି
ହେମ ହରିଣୀର ବେଶ
ଅସୁରୀ ପ୍ରବୀଣା ଜାଣିଲା ଅନ୍ତରେ
ହୋଇବୁ ଅବଶ୍ୟ ନାଶ ।


+ଯାଲୋଏ, ସୁବର୍ଣ୍ଣପୁର







# ଧରିତ୍ରୀ ମାତାଙ୍କ ଆଶୀର୍ବାଦ



**ଶୁଭନାରାୟଣ ଶତପଥୀ**



ସେଦିନ ବିଜ୍ଞାନ ଶିକ୍ଷକ ସ୍ମାର୍ଟ ଶ୍ରେଣୀରେ ପାଠ ପଢାଇଲା ବେଳେ ପ୍ରୋଜେକ୍ଟରରେ ଧରିତ୍ରୀ ଓ ଅନ୍ୟ ଗ୍ରହମାନଙ୍କର ସୁନ୍ଦରତାର ସାଟେଲାଇଟ ଫଟୋ ଓ ଭିଡିଓ ପିଲାମାନଙ୍କୁ ଦେଖାଉଥିଲେ । ସମସ୍ତେ ଦେଖିଲେ ଧରିତ୍ରୀ ସବୁ ଗ୍ରହମାନଙ୍କଠାରୁ ସୁନ୍ଦର ଓ ଏହା କେବଳ ଗୋଟିଏ ଗ୍ରହ ଯେଉଁଠି ଜୀବନଧାରଣ ସମ୍ଭବ । ଶିକ୍ଷକ କହୁଥିଲେ ଆମେମାନେ ଧରିତ୍ରୀର ପ୍ରାକୃତିକ ପରିବେଶକୁ ପ୍ରଦୂଷିତ ବା ନଷ୍ଟ କରୁଥିବାରୁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି, ଗ୍ଲାସିୟର ତରଳୁଛି, ସବୁଜିମା ନଷ୍ଟ ହେଉଛି । ଫଳରେ ଧରିତ୍ରୀ ଦେଉଥିବା ଅମ୍ଳଜାନ, ଜଳ, ଖାଦ୍ୟ ସବୁ ବିଷାକ୍ତ ଓ ଦୂଷିତ ହେଉଛି । ଯାହା ଜୀବନ ପାଇଁ କ୍ଷତିକାରକ ଆଉ ଧରିତ୍ରୀର ଅସ୍ତିତ୍ୱ ପାଇଁ ବି । ଲିଙ୍କନ ସବୁ ଶୁଣୁଥିଲା । ପଚାରିଲା ସାର, ଆମେ ତ ପ୍ଲାଷ୍ଟିକର ବ୍ୟବହାର ଅଭ୍ୟାସ ଏ ଯାଏଁ ଛାଡିପାରିଲୁନି । ପ୍ଲାଷ୍ଟିକ ଦ୍ୱାରା ଖାଲି ଆମର ଶାରିରୀକ ଅସୁସ୍ଥତା ହେଉଛି ତାହା ନୁହେଁ ବରଂ ଆମ ଧରିତ୍ରୀର ମାଟି, ବାୟୁ, ଜଳ ସବୁକୁ ନଷ୍ଟ କରୁଛି ପ୍ଲାଷ୍ଟିକ । ସାରଙ୍କୁ ଲିଙ୍କନ କହିଲା ଆଜି ହେଉଛି ୨୨ ଏପ୍ରିଲ ବିଶ୍ୱ ଧରିତ୍ରୀ ଦିବସ । ଆଜି ଆମେ ସମସ୍ତେ ସଂକଳ୍ପ ନେବା ଯେ ଆଉ ପ୍ଲାଷ୍ଟିକର ବ୍ୟବହାର କରିବା ନାହିଁ । ଅନ୍ତତଃପକ୍ଷେ ଆମେ ସବୁ ପିଲାମାନେ ପ୍ଲାଷ୍ଟିକକୁ ବର୍ଜନ କରିବା । ଆମ ବିଦ୍ୟାଳୟକୁ ପ୍ରଥମେ ପ୍ଲାଷ୍ଟିକମୁକ୍ତ କରିବା । ସମସ୍ତେ ସଂକଳ୍ପ କଲେ । ତାପରଦିନଠାରୁ କେହି ପ୍ଲାଷ୍ଟିକର ଟିଫିନ, ପାଣିବୋତଲ, ପଲିଥିନ, ପ୍ଲାଷ୍ଟିକର ବ୍ୟାଗ ଆଉ ବିଦ୍ୟାଳୟକୁ ଆଣିଲେ ନାହିଁ । ଏଥିପାଇଁ ପ୍ରଧାନଶିକ୍ଷକ ସବୁ ସହଯୋଗ ଯୋଗାଇଦେଲେ । ସବୁ ପିଲାମାନେ ଏହାକୁ ମାନିବାରୁ ଅଳ୍ପଦିନ ମଧ୍ୟରେ ବିଦ୍ୟାଳୟ ସଂପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ ହୋଇଗଲା । ସେହି ବିଦ୍ୟାଳୟକୁ ଦେଖି ଅନ୍ୟ ବିଦ୍ୟାଳୟର ପିଲାମାନେ ମଧ୍ୟ ନିଜ ନିଜ ବିଦ୍ୟାଳୟକୁ ପ୍ଲାଷ୍ଟିକମୁକ୍ତ କଲେ । ବିଦ୍ୟାଳୟରେ ସବୁଛାତ୍ରଛାତ୍ରୀ ପ୍ରାୟ ୬ଘଂଟା ରହୁଥିବାରୁ ବିନା ପ୍ଲାଷ୍ଟିକର ଚଳଣୀରେ ଅଭ୍ୟସ୍ତ ହୋଇଗଲେ । ପିଲାମାନେ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ପ୍ଲାଷ୍ଟିକର ବିକଳ୍ପଭାବେ କପଡା, କାଗଜ, ଧାତବ ଜିନିଷର ବ୍ୟବହାର କଲେ। ବିଜ୍ଞାନ ଶିକ୍ଷକଙ୍କ ସହାୟତାରେ ବିଭିନ୍ନ ଅଭିନବ ପ୍ରକଳ୍ପ ପ୍ରସ୍ତୁତ କରି ପ୍ଲାଷ୍ଟିକକୁ ନିଜଠାରୁ ଦୂରେଇଦେଲେ।

ଲିଙ୍କନ ଘରକୁ ଫେରି ତାର ଜେଜେମାଆଙ୍କୁ ପୁରା ଘଟଣା କହିଲା ଓ ରାତିରେ ଶୋଇବାକୁ ଗଲା। ଧରିତ୍ରୀମାତା ଆସି ଲିଙ୍କନର ମୁଣ୍ଡ ଆଉଁସି ଦେଇ କହିଲେ ପିଲାଟିଦିନରୁ ମୋର ସୁରକ୍ଷା ପାଇଁ ତୁ ଯେଉଁ କାର୍ଯ୍ୟ କଲୁ ତାହା ସାରା ବିଶ୍ୱ ମନେରଖିବେ । ଏହି ସମୟରେ ଧରିତ୍ରୀମାତାଙ୍କ ଆଶୀର୍ବାଦ ମିଳିଲା ବୋଲି ଲିଙ୍କନ ଖୁବ ଜୋରରେ ପାଟିକରି ଉଠିଲା । ଲିଙ୍କନର ପାଟି ଶୁଣି ମାଆ ତା ପାଖକୁ ଧାଇଁ ଆସିଲେ । କହିଲେ ଆରେ ଲିଙ୍କନ ତୁ କଣ ଶୋଇକି ବାଉଳା ହେଉଛୁ ? ଲିଙ୍କନ ଉଠିପଡି କହିଲା । ମାଆ ବିଦ୍ୟାଳୟରେ ଆମେ ଯେଉଁ ପଦକ୍ଷେପ ନେଇଛୁ ସେଥିପାଇଁ ଧରିତ୍ରୀମାତା ସ୍ୱପ୍ନରେ ଆସି ମୋତେ ଆଶୀର୍ବାଦ କଲେ । ମାଆ ହସିଦେଇ କହିଲେ ଭଲ କାମ କଲେ ଆଶୀର୍ବାଦ ମିଳେ ।


+ବିଜିପୁର, ବ୍ରହ୍ମଗିରି, ପୁରୀ

ମୋ-୯୪୩୮୪୩୨୦୨୩


# କୁଆ, ବିଲୁଆ ଓ ସୂର୍ଯ୍ୟ

**ରମେଶ ଚନ୍ଦ୍ର ଦାଶ**



ଦିନେ କୁଆ ସକାଳୁ ସକାଳୁ 'କା' 'କା' ଡାକି ଡାକି ଯିବା ବେଳକୁ ବିଲୁଆ ହାବୁଡ଼ରେ ପଡ଼ିଗଲା । ସେ ଖୁବ୍ ଜୋର୍‌ରେ ଦୌଡୁଥାଏ । କୁଆ କହିଲା, "ବିଲୁଆ ଭାଇ ବିଲୁଆ ଭାଇ, ତୁ ଦୌଡୁଛୁ କାହିଁ ପାଇଁ ?" ବିଲୁଆ ଉତ୍ତର ଦେଲା- ମୁଁ ଦୌଡୁଛି ଯେଉଁଥିପାଇଁ, ତୁହି ତ ଅଟୁ କାରଣ ତା' ପାଇଁ ।"

କୁଆ କହିଲା, "ଭଲ ଗୋଟେ ପ୍ରାଣୀ ଭେଟିଲି ଆଜ, ତା' ଲାଗି ମୋର ନୋହିବ କାର୍ଯ୍ୟ ।"

କୁଆର କଥା ଶୁଣି ବିଲୁଆ ରାଗିଗଲା । ସେ କହିଲା, "ପୋଡ଼ାମୁହଁ ନୁହେଁ ମୋରଟି ଜାଣ, ସର୍ବକୁଶଳରେ ସଦା ମୋ ପ୍ରାଣ ।" ଦୁହିଁଙ୍କର କଥା କଟାକଟି ହେଉ ହେଉ ସୂର୍ଯ୍ୟ ଚାଲିଆସିଲେ । ସେ କହିଲେ, "ଆସିଗଲି ଏବେ ଦେଖ ମୋ ତେଜ, ତୁଚ୍ଛାଟାରେ କାହିଁ ବଢ଼ିମା ହେଜ ।"

କୁଆ କହିଲା, "ବିଲୁଆ ଭାଇ, ମୁଁ ଯାଉଛି । ସୂର୍ଯ୍ୟ ଆସିଲେଣି ।" ବିଲୁଆ କହିଲା, "ତୁ ଯାଉନୁ । ତୋତେ କ'ଣ ମୁଁ ଅଟକାଇଛି ? ତୁ ତ ମୋତେ ଅଟକାଇ ଓଲଟି ଗାଳି କରୁଛୁ ।"

କୁଆ କହିଲା, "ମୁଁ ଗାଳି କଲି କେଉଠି ? ତୁମେ ଦଉଡୁଥିବାର ଦେଖି ଟିକେ ପଚାରିଲି କାହିଁକି ଏମିତି ଦୌଡୁଛ ବୋଲି ।" ବିଲୁଆ କହିଲା, "ମୁଁ ତ ତାର ଉତ୍ତର ଦେଲି । ତାହା କ'ଣ ତୁ ଜାଣିପାରିଲୁ ନାହିଁ ?" କୁଆ କହିଲା, "ତୁମେ ମୋ ପ୍ରଶ୍ନର ଉତ୍ତର ଦେଲ କେତେବେଳେ ? ତୁମେ ତ ମୋତେ ଗାଳି କଲ । ମୋରି ପାଇଁ ଦୌଡୁଛ ବୋଲି କହିଲ ଯେତେବେଳେ ମୋତେ ଗାଳି କରିବା ଭଳି କଥାଟା ହେଲା ନା ନାହିଁ ?" ବିଲୁଆ କହିଲା, "ନାଁ ତ ଜମା ନୁହେଁ । ମୁଁ ଯାହା କହିଛି ତାହା ସଂପୂର୍ଣ୍ଣ ରୂପେ ସତ ।" ବିଲୁଆର ଏପରି ଦୃଢ଼ୋକ୍ତି ଶୁଣି କୁଆ ପୁଣି ଗର୍ଜନ କରି କହିଲା, "ଏଠି ତ ଆଉ କେହି ନାହିଁ । କେବଳ ସୂର୍ଯ୍ୟ ଅଛନ୍ତି । ଚାଲ ତାଙ୍କୁ ପଚାରିବା । ସବୁ କଳିର ସମାଧାନ ହୋଇଯିବ ।" ବିଲୁଆ କହିଲା, "ତେବେ ସୂର୍ଯ୍ୟଙ୍କୁ ପଚାର ।" ସୂର୍ଯ୍ୟ ତ ସବୁ ଶୁଣୁଥିଲେ । ତଥାପି ସେ ମୁରୁକିହସା ଦେଇ କହିଲେ । ଉଭୟଙ୍କ କଥା ଠିକ୍ । ତୁମ ଦୁହିଁଙ୍କ ବିବାଦର କାରଣ ମୁଁ । ମୁଁ ନଥିଲେ ତୁମମାନଙ୍କର ବିବାଦ ହୋଇନଥାନ୍ତା ।" ସୂର୍ଯ୍ୟଙ୍କ କଥା ଶୁଣି ଦୁହେଁ ତାଙ୍କ ମୁହଁଙ୍କୁ ଚାହିଁଲେ । ସେମାନେ ଭାବିଲେ- ଦୁହିଁଙ୍କ କଳି ତୁଟାଇବାକୁ ସୂର୍ଯ୍ୟ ବୋଧହୁଏ ସବୁ ଦୋଷ ନିଜ ମୁଣ୍ଡକୁ ନେଉଛନ୍ତି । ଏମିତି ସମସ୍ୟାର ସମାଧାନ ପାଇଁ ବଡ଼ଲୋକମାନେ ନିଜ ମୁଣ୍ଡକୁ ଦୋଷ ନେଇଥାଆନ୍ତି ।

ସୂର୍ଯ୍ୟ ପୁଣି ହସି କହିଲେ, "ମୋର ପୃଥିବୀକୁ ଆସିବା ପ୍ରସ୍ତୁତି ଦେଖି କୁଆ ଉଠି ରାବିଲା । କୁଆ ଉଠି ରାବିବାରୁ ବିଲୁଆ ଜାଣିଲା ଯେ ଦିନ ହେଲାଣି । ସେ ତେଣୁ ତରତର ହୋଇ ନିଜ ବସାଆଡ଼େ ଦୌଡ଼ିଲା । ସେଥିପାଇଁ ପ୍ରକୃତରେ କାହା ଯୋଗୁଁ କଳି କରୁଛ ଏବେ ଜାଣିଲ । ବିଲୁଆ ସେହି କଥା କହିଲା, "ତୋ'ରି ପାଇଁ ମୁଁ ଦୌଡୁଛି । ତେଣୁ ସେ ମିଛ କହିଲା କେଉଁଠି ?" ସୂର୍ଯ୍ୟ ବୁଝାଇଦେବାରୁ ଦୁହେଁ ବୁଝିଗଲେ । ସେମାନେ କହିଲେ, "ତୁମ ପାଇଁ ଆମେ ବଂଚିଗଲୁ । ନହେଲେ ଆହୁରି କେତେ କଳି ହୋଇଥାଆନ୍ତା । ସେଇଥିପାଇଁ ତୁମକୁ ଏ ସଂସାରରେ ଶ୍ରେଷ୍ଠ ବୋଲି ସମସ୍ତେ କହୁଛନ୍ତି ।" ତାପରେ କୁଆ ଓ ବିଲୁଆ ନିଜ ନିଜ ବାଟରେ ଗଲେ । ସୂର୍ଯ୍ୟ ଏକୁଟିଆ ହସି ହସି ଆଗକୁ ଆଗକୁ ବଢ଼ିଲେ ନିଜର ତେଜକୁ ବଢ଼େଇ ।


+ ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ

(ମୋ) ୯୭୭୬୨୩୮୫୨୨


## କବିତା ତୁମ ପାଇଁ

### ହେବନାହିଁ ଅଂଶୁଘାତ

**ପ୍ରଶାନ୍ତ କୁମାର ଦାଶ**

ପାରିଛି ଯାହା କରିଛି ତାହା
ଝଡ଼ ବରଷା ସହି
ଅହିତ ଜମା କରିନି କାର
ମାଟିଛାତିରେ ରହି ।

ବାଟୋଇ ପାଇଁ ଦେଇଛି ଛାଇ
ଖରାର ଦାଉ ସହି
କାଟି ନିଅନା ଜାଳି ଦିଅନା
ସଭିଙ୍କୁ ଅଛି କହି ।

କଳା ଭଅଁର ପରଜାପତି
ବସନ୍ତି ମୋର ଡାଳେ
ଫୁଲଟି ଫୁଟେ ମୁଁ ଯଦି ଥାଏ
ବଣ ଓ ତୋଟାମାଳେ ।

ଫୁଲକୁ ତୋଳି ନିଅଇ ମାଳି
ଗୁନ୍ଥେ ସୁନ୍ଦର ହାର
ବିଭୁ ଗଳାରେ ଝୁଲାଇଦେଇ
ଢାଳେ ଲୁହର ଧାର ।

ମାନିଲନାହିଁ କଥାଟି ମୋର
କାଟିତ ନେଲ ମତେ
ଦେଖ ଧରାକୁ ବାଧା ବିପଦ
ମାଡି ଆସୁଛି କେତେ ।

ନାହିଁ ବରଷା ଅବା ଦୋରସା
ହୋଇବ କାହୁଁ ମାଟି
ନ ହେଲେ ଜଳ କେମିତି ଚାଷୀ
ଫସଲ ନେବ କାଟି ।

କହୁଚି ମୋତେ ଲଗେଇଦିଅ
ଢାଳି ମୋ ମୂଳେ ପାଣି
ଜଗତ ହିତେ ଦେବି ମୁଁ ଜଳ
ଅମଳଜାନ ଛାଣି ।

ବାଧିବନାହିଁ ଖରାର ଦାଉ
ହେବନି ଅଂଶୁଘାତ
କାଟନା ମୋର ନିଅ ଯତନ
ଲଗାଇ ଦୁଇହାତ ।


+କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ

ମୋ: ୯୬୬୮୮୨୨୧୯୦


### ସକାଳୁଆ ସ୍କୁଲ

**ଧ୍ରୁବ ଚରଣ ଘିବେଲା**

ଯାଇନି ଚଇତ ସରିନି ବସନ୍ତ
ଚାଲିଛି ବସନ୍ତ କାଳ
ଋତୁରାଜ ଆଜି ହରାଉଛି ଶିରୀ
ବସନ୍ତେ କି ଖରା ଖର ।
ବସନ୍ତ ସଂକେତ ଦିଅନ୍ତି ଦି' ମାସ
ଫାଲଗୁନକୁ ଚଇତ୍ର
ବସନ୍ତ ସାଥିରେ ବସିଛି ଯେମିତି
ମନ୍ଦ ମଳୟ ମଇତ୍ର ।
ବସନ୍ତର କଥା କହେ ପିକ ଯଥା
ବେତାଳିଆ କୁହୁତାନ
ଖରା ବଢ଼ି ଯାଇ ରହେ ତୁନି ହୋଇ
କରି ଧିରେ କୁହୁ ଗାନ ।
ପଳାଶ ଶିମିଳି ଥାନ୍ତି ମନ ମାରି
ଖରା କେତେ ବଢ଼ିବାରୁ
କୃଷ୍ଣଚୂଡ଼ା ମୁହଁ ଶୁଖାଇ ରହିଛି
ସେଇ ଖରା କାରଣରୁ ।
ମଳୟ ବାଆ ବି ଦେଉ ନାହିଁ ସୁଖ
ଦେହରେ ବାଜିଲେ ମଧ୍ୟ
ଖରା ଅମାନିଆ ହୋଇ ଢାଳେ ନିଆଁ
ହୋଇଛି ଆଜି ଅବାଧ ।
ଜନଜୀବନରେ କେତେ ବ୍ୟତିକ୍ରମ
ଦିନ ବେଳେ ଅନୁଭୂତ
ଯାନବାହାନ ବି ଗଡୁ ନାହିଁ ଏତେ
ଖରା ହେଲାରୁ ଅତ୍ୟନ୍ତ ।
ଦିନ ବେଳ ସ୍କୁଲ ହେବ ନାହିଁ ଆଉ
ଖରା ହେଉଥିବା ଯାକେ
ଦିନ ବଦଳରେ ସକାଳୁଆ ସ୍କୁଲ
ଚାଲିବ ନିୟମ ମତେ ।
ବେଗାବେଗି ଉଠି ବ୍ୟାଗକୁ ସାଉଁଟି
ଧାଆଁନ୍ତି ସ୍କୁଲକୁ ପିଲେ
ମୁହଁ ହାତ ଧୋଇ ଯାହାକିଛି ଖାଇ
ସ୍କୁଲକୁ ଯା'ନ୍ତି ସକାଳେ ।
ବହି ବ୍ୟାଗ ସହ ପାଣି ବୋତଲ ବି
ପିଲେ ନେଇଥାନ୍ତି ସାଥେ
ସ୍କୁଲ ଛୁଟି ପରେ ଖରା ହେଉଥିଲେ
ଛତା ଧରିଥାନ୍ତି ହାତେ।
ଖରାଦିନରେ ହିଁ ସକାଳୁଆ ସ୍କୁଲ
ହୁଏ ପୁଣି ପଢ଼ା ଦିନ
ସ୍କୁଲରୁ ଫେରିଲେ ଗାଧୋଇ ସାରିଲେ
ପଖାଳରେ ବଳେ ମନ ।


ବଉଦରାଜ, ଜି. ବୌଦ୍ଧ

ପିନ -୭୬୨୦୧୪

ମୋ.୯୪୩୭୪୭୮୪୬୬


### ଆସିଲା ଖରା ତାତିଲା ଧରା...

**ରାମଚନ୍ଦ୍ର ବେହେରା**

ଆସିଲା ଖରା ତାତିଲା ଧରା
ଶୁଖିଲା ନଈ ନାଳ
ଗଛର ଛାଇ ମିଳୁନି କାହିଁ
ଶୁଖୁନି ଦେହୁ ଝାଳ।
ବଣକୁ କାଟି ଗଢେ ମଣିଷ
କଳ ଓ କାରଖାନା
ଯାନ ବାହନ ଧୂଆଁ କାରଣେ
ତାପ ଦିଏ ଯାତନା।
ଗ୍ରୀଷମ ସିନା ଦିଏ କଷଣ
କରଇ ଚାଷୀ ହିତ
ଜୀବାଣୁ କୀଟ ତାପେ ମରନ୍ତି
ହସେ ଗହୀର କ୍ଷେତ।
ଯେ ଦିଏ କଷ୍ଟ ସେ କରେ ହିତ
ରଖିବା ଏହା ମନେ
ଖରା ତାପକୁ ମାନି ଚଳିଲେ
ଦୁଃଖ ନଆସେ ପ୍ରାଣେ।
ଗ୍ରୀଷମ କାଳେ ପଖାଳ ଭାତ
ଶରୀର ପାଇଁ ହିତ
ଦହି ତୋରାଣୀ ପିଇଲେ ଭରି
ନହୁଏ ଅଂଶୁଘାତ।
ଆଖୁର ରସ ପାଚିଲା ବେଲ
ଶୀତଳ ରଖେ ଦେହ
ମାଠିଆ ପାଣି ଯିଏ ପିଅଇ
ନରୁହେ କାଶ ଭୟ।
ଖରା ଦିନରେ ତରଭୁଜକୁ
ନିଇତି ଯିଏ ଖାଏ
ଜଳୀୟ ଅଂଶ ବଢଇ ତା'ର
ଶରୀର ଥଣ୍ଡା ରୁହେ।
ଖରା ନକରେ ଅହିତ କେବେ
ସେ ପରା ଧରା ମିତ
ଗ୍ରୀଷମ ପରେ ବରଷା ଆସେ
କରେ ଜଗତ ହିତ।


ତେନ୍ତୁଳିପଦା,ଜଗତସିଂହପୁର


ମୋ-୭୩୫୫୬୭୩୫୩୪୬




# କୁକୁର-ବିଲେଇ ମିତ ବସିଲେ



**ନଗେନ୍ଦ୍ର ନାଥ ପଟ୍ଟନାୟକ**



ରୋହଣ ତା' ବାପା-ବୋଉର ଏକମାତ୍ର ପୁଅ । ସେଥିପାଇଁ ଘରେ ସମସ୍ତେ ତାକୁ ଖୁବ୍ ଭଲ ପାଆନ୍ତି । ଗେଲ କରନ୍ତି । ରୋହଣ ଉପରେ ଭଉଣୀ । ନାଁ ତା'ର ଶାଳିନୀ । ରୋହଣ ତା' ବଡ ଭଉଣୀଠୁ ଭଲକଥା ସବୁ ଶିଖେ । ମଜାଦାର ଗପ କାହାଣୀ ମଧ୍ୟ ଶୁଣିଥାଏ।

ଥରକର କଥା, ରୋହଣ ସ୍କୁଲରୁ ଘରକୁ ଫେରୁଥାଏ । ଠିକ୍ ସେତିକିବେଳେ ସେ ବାଟରେ ଦେଖିଲା

କୌତୁକିଆ ବିଲେଇ ଛୁଆଟେ ବୁଲା କୁକୁରଟି ଦେଖି ଡରରେ ପଳେଇ ଯାଉଛି । ଆଉ ଉଚ୍ଛୁର ନକରି ରୋହଣ ରାସ୍ତାରେ ଛୋଟ ପଥର ଖଣ୍ଡେ ହାତରେ ଧରି କୁକୁରକୁ ମାରି ଗୋଡାଇଲା । ଫଳରେ ସେ ପ୍ରାଣ ବିକଳରେ ସେଠୁ ଚମ୍ପଟ ମାରିଲା । ରୋହଣ ସେ ବିଲେଇ ଛୁଆଟିକୁ ଟେକିନେଇ ଘରଆଡେ ମୁହାଁଇବାକୁ ଲାଗିଲା । ଘରେ ପାଦ ଥାପୁ ଥାପୁ ସେ ସବୁକଥା ମାମା ଆଗରେ ଟିକିନିଖି ବଖାଣିଲା । ବିଚରା କୁକୁର ଛୁଆଟିକୁ ଘରେ ରଖିବା ପାଇଁ ମାମାଙ୍କୁ ଅନୁରୋଧ କଲା । ମାମା ବି ତା' କଥାରେ ରାଜି ହୋଇଗଲେ ।

ଟିକିଏ ପରେ ଘର ଦୁଆରମୁହଁର ଘଂଟିଟି ବାଜି ଉଠିଲା । ରୋହଣ ଭିତର ପଟୁ ଦରଜା ଫିଟେଇଲା ।

ଦେଖିଲା, ସାମନାରେ ଦିଦି ଛିଡା ହୋଇଚି । ଡଉଲଡାଉଲ କୁକୁର ଛୁଆଟେ ସାଥିରେ ଧରି ଆସିଚି । କୁରୁର ଛୁଆଟି ଦେଖି ରୋହଣ ତାକୁ ଖୁବ୍ ପସନ୍ଦ କଲା । ଶାଳିନୀ ଛାତିରେ କୁକୁର ଛୁଆଟିକୁ ଜଡେଇ ଧରିଥିବା ଦେଖି ମାମା କହିଲେ -ଦୁଇଟି ଅଲଗା ଅଲଗା ଜନ୍ତୁ ଘରେ କ'ଣ ରହିପାରିବେ ? ତେବେ ଝିଅ ଶାଳିନୀ ଜିଦ୍ ଆଗରେ ମୁଣ୍ଡ ନୁଆଁଇ ଘରେ ସେ କୁକୁର ଛୁଆଟିକୁ ରଖିବାକୁ ହଁ ଭରିଲେ । ରୋହଣ ତା' ବିଲେଇ

ଛୁଆଟିର ନାଁ ରଖିଲା ପୁଷି ଆଉ ଶାଳିନୀ ତା' କୁକୁର ଛୁଆର ନାଁ ଦେଲା ଟମି ।

ଧୀରେ ଧୀରେ ପଶୁ ଯୋଡିକ ବଡ ହେବାରେ ଲାଗିଲେ । ପିଲାଦିନୁ ଦୁହେଁଯାକ ଏକସାଥିରେ ରହିଥିବା ହେତୁ ଦୁହିଁଙ୍କ ଭିତରେ ବନ୍ଧୁତା ଗାଢ ହେବାରେ ଲାଗିଲା । ସେମାନେ ଏକାସଙ୍ଗରେ ଆହାର କରନ୍ତି । ସାଥିହୋଇ ଖେଳାବୁଲା କରନ୍ତି ।

ଏମିତି କିଛିଦିନ ବିତିଗଲା । ଥରେ ସ୍କୁଲରେ ରୋହଣ ସହିତ ତା'ଶ୍ରେଣୀର ଗୋଲୁ ବୋଇଲେ ଆଉଜଣେ ବାଳକର ପାଟିତୁଣ୍ଡ ହେଲା । କଥା କଟାକଟିଠୁ ଆରମ୍ଭ ହୋଇ ମାରପିଟ ପର୍ଯ୍ୟନ୍ତ କଥା ଗଲା ।

ରାଗ ତମ୍‌ତମ୍ ହୋଇ ରୋହଣ ଗୋଲୁ ଗାଲରେ ଶକ୍ତ ଚାପୁଡାଟେ କଷିଦେଲା । ଘରେ ପହଁଚିଲା ବେଳକୁ ରୋହଣ ଦେଖିଲା ଗୋଲୁ ବାପା ଆଗରେ ତା' ବିରୁଦ୍ଧରେ ଫେରାଦ ହେଉଛି । ରୋହଣର ପିଳେହିପାଣି।

ଡରିମରି ଛାନିଆରେ ଗୋଟାପଣେ ଥରିବାକୁ ଲାଗିଲା । ଗୋଲୁକୁ ମାଫି ମାଗିବା ପାଇଁ ରୋହଣର ମାମା ତାକୁ କହିଲେ । ରୋହଣ ଗୋଲୁ କାନରେ ଧୀର ସ୍ୱରରେ 'ସରି' ବୋଲି କହିଲା । ଗୋଲୁ ଆଉ ତା' ବାପା ଏକଥା ଜାଣିବା ପରେ ଦିଦି ଶାଳିନୀ ତାକୁ ସିନିହଭିଜା ସ୍ୱରରେ ବୋଧଦେଇ କହିଲା, ଯେତେବେଳେ ପିଲାବେଳୁ ସାଥିହୋଇ ରହିବା ଯୋଗୁ ପଶୁ ଯୋଡିକ ଦୋସ୍ତ୍ ହୋଇପାରିଛନ୍ତି ତୁମେ ଦୁହେଁ ଘନିଷ୍ଠ ମିତ୍ର ହୋଇପାରନି କାଇଁକି ? ରୋହଣ ତା' ଭୁଲଟିକୁ ବୁଝିପାରିଲା । ପୁଣି ଦୁହେଁଯାକ ସାଙ୍ଗ ବନିଗଲେ ।

ଶିକ୍ଷା-'ପିଲାଏ ! ବିପରୀତ ସ୍ୱଭାବର ଲୋକେ ମଧ୍ୟ ଏକାସଙ୍ଗରେ ରହିଲେ ଧୀରେ ଧୀରେ ସେମାନେ ପରସ୍ପର ସହିତ ତାଳମେଳ ରକ୍ଷାକରି ଏକାଠି ବସବାସ କରନ୍ତି । ସେମାନେ ପରସ୍ପରର ଅନ୍ତରଙ୍ଗ ମିତ୍ର ବନିଯାଆନ୍ତି । ସେଥିପାଇଁ ଆମେ ସଭିଏଁ ଏକତ୍ର ମିଳିମିଶି ରହିବା ଦରକାର ।


+ଲକ୍ଷ୍ମୀ ସାଗର କେନାଲ ରୋଡ ,

ଲେନ୍ ନଂ-୦୯

ପ୍ଲଟ ନଂ-୪୫୬, ଭୁବନେଶ୍ୱର ,

ମୋ:ଂ-୯୪୩୮୩୩୨୧୩୮

# ସୁନା ଚୋରି ମାମଲାରେ ୫ ଜଣଙ୍କୁ କାବୁ କଲା ପୋଲିସ

ଜୟପୁର, ୧୯/୪ (ନି.ପ୍ର): ସୁନା ଚୋରି ମାମଲାରେ ୫ ଜଣଙ୍କୁ କାବୁ କଲା ଜୟପୁର ଟାଉନ ପୋଲିସ । ୫ ଜଣଙ୍କ ମଧ୍ୟରୁ ୩ ଜଣ ନାବାଳକ ରହିଛନ୍ତି । ପୋଲିସର ସୂଚନା ଅନୁଯାୟୀ, ଘରେ କେହି ନଥିବା ସମୟରେ ପ୍ରସାଦରାଓପେଟାରେ ଘରେ କେହି ନଥିବା ସମୟରେ ଦୁର୍ବୃତମାନେ ଚୋରି କରିଥିଲେ । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ୫ ଅଭିଯୁକ୍ତଙ୍କୁ କାବୁ କରିଥିଲା । ଅଭିଯୁକ୍ତ କୁମ୍ଭାର ସାହିର କୃଷ୍ଣ ମୁଦୁଲି (୨୭) ଓ ଚୋରି ସୁନା କ୍ରୟ କରିଥିବା ସୁନାରି ଡଙ୍ଗାଗୁଡାର ଏମ ପରିଚିତ ରାଓ (୫୦) । ୩୦ ଗ୍ରାମ ଚୋରି ସୁନା ଜବତ କରିଛି । ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ୩ ଜଣ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପାଇଁ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା

କନ୍ଧମାଳ, ୧୯/୪ (ନି.ପ୍ର): ଜିଲ୍ଲା ନିର୍ବାଚନ ଅଧିକାରୀ -ତଥା- ଜିଲ୍ଲାପାଳ, କନ୍ଧମାଳ ଆଶିଷ ଇଶ୍ୱର ପାଟିଲ୍ ଆଜି ସଭାବନା ସଭାଗୃହରେ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପାଇଁ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ଚଳିତ ବର୍ଷର ସାଧାରଣ ନିର୍ବାଚନର ସୁପରିଚାଳନା ପାଇଁ ଆବଶ୍ୟକ ଗାଡ଼ି ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ଭିତରୁ ଏବଂ ଜିଲ୍ଲା ବାହାରୁ କେତେ ସଂଖ୍ୟକ ଗାଡ଼ି ଅଣାଯିବ ଏବଂ ସେଥିପାଇଁ ଆବଶ୍ୟକ ଇନ୍ଧନ ଶୁଳ୍କ, ପୋଲିସ ବିଭାଗ ଓ ଗଠନ କରାଯାଇଥିବା ବିଭିନ୍ନ ସ୍କ୍ୱାର୍ଡ, ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷକ, ସାଧାରଣ ପର୍ଯ୍ୟବେକ୍ଷକ, ଆରକ୍ଷୀ ପର୍ଯ୍ୟବେକ୍ଷକ ସମେତ ନିର୍ବାଚନ କାର୍ଯ୍ୟରେ ନିଯୁକ୍ତ ସମସ୍ତ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ପାଇଁ ଆବଶ୍ୟକ ଗାଡ଼ି ସଂଖ୍ୟା ଉପରେ ଆଲୋଚନା କରାଯାଇଥିଲା । ଦୁର୍ଗମ ଅଞ୍ଚଳକୁ ପଠାଯାଉଥିବା ଗାଡ଼ିରେ ଆବଶ୍ୟକ ଇନ୍ଧନ ସହିତ ଅତିରିକ୍ତ ୨୦ଲିଟର ଇନ୍ଧନ ଯୋଗାଇଦେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ । କ୍ଲଷ୍ଟର ବୁଥ୍, ଓ କ୍ରିଟିକାଲ୍ ବୁଥ୍ ଉପରେ ଆଲୋଚନା କରାଯାଇଥିଲା । କାଉଂଟିଙ୍ଗ ହଲ୍ ଏବଂ ପୋଷ୍ଟାଲ୍ ବାଲାଟ୍ କାଉଂଟିଙ୍ଗ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ସେହିପରି, ଉଭୟ ଲୋକସଭା ଓ ବିଧାନସଭା ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକ ଆକାଉଂଟିଙ୍ଗ ଟିମ୍ ପାଇଁ ଆବଶ୍ୟକ ଆସବାବପତ୍ର, କମ୍ପ୍ୟୁଟର ଏବଂ ତା''ର ଉପକରଣ ଯୋଗାଇଦେବାପାଇଁ ପରାମର୍ଶ ଦେଇଥିଲେ । ଚେକ୍ ପୋଷ୍ଟ ମାନଙ୍କରେ ସିସିଟିଭି ସଂଯୋଗ କରିବାକୁ କୁହାଯାଇଥିଲା । ଶୃଙ୍ଖଳିତ ଭୋଟର ଶିକ୍ଷା ଏବଂ ନିର୍ବାଚନୀ ଅଂଶ ଗ୍ରହଣ କାର୍ଯ୍ୟକଳାପକୁ ବ୍ୟାପକ କରିବାକୁ ମଧ୍ୟ ଜିଲ୍ଲା ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ । ଜିଲ୍ଲା ସ୍ତରୀୟ ଏମ୍.ସି.ଏମ୍.ସି.ର କାର୍ଯ୍ୟ ଆଲୋଚନା ବେଳେ ଆନେକ୍ସର୍- ବି ୧୬ରେ ପ୍ରତିଦିନ ରାଜନୈତିକ ବିଜ୍ଞାପନ ଓ ପେଡ୍ ନ୍ୟୁଜ୍ ତଥ୍ୟ ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ । କନ୍ଧମାଳ ଜିଲ୍ଲା ଏମ୍.ସି.ଏମ୍.ସି.ର ସୋସିଆଲ୍ ମିଡିଆ ଆକାଉଣ୍ଟ ଏମ୍.ସି.ଏମ୍.ସି.,କନ୍ଧମାଳ ନାମରେ ରଖାଯାଇଛି । ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ୮୨-ବାଲିଗୁଡ଼ା ବିଧାନସଭା, ୮୩-ଘୁ.ଉଦୟଗିରି ବିଧାନସଭା, ୮୪-ଫୁଲବାଣୀ ବିଧାନସଭା ଓ ୧୩ -କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଆଦର୍ଶ ଆଚରଣ ବିଧି ସମ୍ପର୍କୀତ ଅଭିଯୋଗ ଏହି ସୋସିଆଲ୍ ମିଡିଆ ଆକାଉଣ୍ଟ ଗୁଡ଼ିକରେ ପୋଷ୍ଟ କରିପାରିବେ । ସେହିପରି ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ପ୍ରାର୍ଥୀମାନେ ସେମାନଙ୍କର ସୋସିଆଲ୍ ମିଡିଆ ଆକାଉଂଟ ଉଲ୍ଲେଖ କରିବା ଆବଶ୍ୟକ । ଉକ୍ତ ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ (ନିର୍ବାଚନ) ରମେଶ ଚନ୍ଦ୍ର ଜେନା, ଉପ-ଜିଲ୍ଲାପାଳ ବାଲିଗୁଡ଼ା ଡା.ରୀନା ପ୍ରଧାନ, ଉପ-ଜିଲ୍ଲାପାଳ, କନ୍ଧମାଳ ଚିରଞ୍ଜନ ମହାନ୍ତ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ସୁଶ୍ରୀ ଦେବାଯାନୀ ଭୂୟାଁ, ଡେପୁଟି କଲେକ୍ଟର, ନିର୍ବାଚନ ଡି. ମାଲେଶ୍ୱର ପାତ୍ରଙ୍କ ସମେତ ନିର୍ବାଚନ ସହିତ ସଂଶ୍ଳିଷ୍ଟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ହୃଦଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

କୋରେଇ, ୧୯/୪ (ନି.ପ୍ର): ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳଆନ୍ଦପୁର ପଂଚାୟତ ଅନ୍ତର୍ଗତ ରୁଢ଼ିଆ ଗ୍ରାମର ପ୍ରତିଷ୍ଠିତ ବ୍ୟବସାୟୀ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ହୃଦଘାତରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିବା ବେଳେ କଟକ ବଡ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପ୍ରକାଶଯେ ସ୍ୱର୍ଗତ ପ୍ରଫୁଲ୍ଲ ମିଶ୍ର ଜଣେ ସଫଳ ବ୍ୟବସାୟୀ ସହ ସ୍ଥାନୀୟ ଅଂଚଳରେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ଭାବେ ତାଙ୍କର ସୁନାମ ରହିଥିଲା । କିଛି ଦନି ହେବ ସେ କିଡିନ୍ ରୋଗରେ ପିଡିତ ଥିଲେ । ହେଲେ ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିଲା । ତାଙ୍କ ମରଶରୀରକୁ ଆଣି ଗାଁ ଶସ୍ମାନରେ ଶୋକାକୂଳ ପରିବେଷରେ ଶେଷକୃତ ସମ୍ପନ୍ନ କରାଯାଇଥିଲା । ବଡ ପୁଅ ଅଜୟ ମୁଖାଗ୍ନି ଦେଇଥିବା ବେଳେ ଅନ୍ୟ ପୁତ୍ର ଅମର, ଗଜେନ୍ଦ୍ର, ରାଜେନ୍ଦ୍ର ସହ ପରିବାର ଜନ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ସ୍ଥାନୀୟ ଅଂଚଳରେ ଶୋକକୂଳ ପରିବେଷ ସୃଷ୍ଟି ହେବା ସହ ବହୁ ଜନପ୍ରତିନିଧି, ରାଜନେତା, ବୁଦ୍ଧିଜିବୀ, ଶିକ୍ଷାବିତ୍ ଓ ଗ୍ରାମବାସୀ ପହଂଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସ୍ୱାନ୍ତନା ପ୍ରଦାନ କରିଥିଲେ ।

# ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ ତ ଭୋଟ ନାହିଁ

ଚମ୍ପୁଆ, ୧୯/୪ (ନି.ପ୍ର): ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ନ ହେଲେ ଭୋଟ ନାହିଁ, ଆଜି ଏପରି ଏକ ଦୃଢ ନିଷ୍ପତି ନେଇ ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଛନ୍ତି ଚମ୍ପୁଆବାସୀ। ଏଥିରେ ଚମ୍ପୁଆ ଅଂଚଳର ସମସ୍ତ ସଂଘ ତଥା ବହୁ ଅନୁଷ୍ଠାନର ସଭାପତି, ସମ୍ପାଦକ, କାର୍ଯ୍ୟକର୍ତାଙ୍କ ସମେତ ଜନସାଧାରଣ ମିଳିତ ଭାବରେ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବ ଭୁବନେଶ୍ୱରଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚମ୍ପୁଆରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ୨୦୧୬ ମସିହାରୁ ଅନୁମୋଦନ ହୋଇ ଅସ୍ଥାୟୀ ବିଦ୍ୟାଳୟ ପାଇଁ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ଶ୍ରେଣୀଗୃହ ଓ ଜମି ହସ୍ତାନ୍ତର ହୋଇଥିଲେ ମଧ ସ୍କୁଲ ଖୋଲିବା ଓ ଶିକ୍ଷା ପ୍ରାପ୍ତିରୁ ଚମ୍ପୁଆ ବାସୀ ଏ ପର୍ଯ୍ୟନ୍ତ ବଂଚିତ ହୋଇ ଆସୁଛନ୍ତି। ଏ ସମ୍ପର୍କରେ ଗଣତାନ୍ତ୍ରିକ ପଦ୍ଧତିରେ ଜମି ଅଧିଗ୍ରହଣ ପାଇଁ ଚମ୍ପୁଆ ତହସିଲଦାର ଓ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହିତ କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀର ବାରମ୍ବାର ଦ୍ୱାରସ୍ଥ ହୋଇଥିଲେ ମଧ ଏପର୍ଯ୍ୟନ୍ତ ସରକାର ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଆଜି ଚମ୍ପୁଆବାସୀ ଭୋଟ ବର୍ଜନ ପରି ଦୃଢ଼ ନିଷ୍ପତି ନେବା ପାଇଁ ବାଧ ହୋଇଛନ୍ତି। ଏହି ଅଭିଯୋଗ ପତ୍ରର ଏକକିତା ନକଲ ଉପଜିଲ୍ଲାପାଳ ଚମ୍ପୁଆ, ଜିଲ୍ଲାପାଳ କେନ୍ଦୁଝର, ରାଜ୍ୟପାଳ ଓଡିଶା ଓ ନିର୍ବାଚନ କମିଶନ ଓଡିଶାଙ୍କ ଅବଗତି କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଯାଇଥିବା ଜଣାପଡିଛି।

# ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି

ଜୟପୁର, ୧୯/୪ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲା ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯାଇପାରିବ। ନାମାଙ୍କନ ପତ୍ର ଯାଂଚ କାର୍ଯ୍ୟ ନିମନ୍ତେ ଏପ୍ରିଲ ୨୬ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଏପ୍ରିଲ ୨୭ ତାରିଖ ସମୟ ଧାର୍ଯ୍ୟ କରାଯାଇଛି । ଏହି ପର୍ଯ୍ୟାୟ ପାଇଁ ଆସନ୍ତା ୧୩ ତାରିଖରେ ମତଦାନ ହେବ । ଏହି ପର୍ଯ୍ୟାୟରେ ଅବିଭକ୍ତ କୋରାପୁଟ ଜିଲାର ୨ ଟି ଲୋକସଭା ଆସନ ସମେତ ୧୪ ଟି ବିଧାନସଭା ଆସନ ନିମନ୍ତେ ନିବାଚନ ହେବ । କୋରାପୁଟ ଓ ନବରଙ୍ଗପୁର ଲୋକସଭା ଆସନ ପାଇ ନବାଚନ ହେବ । ସେହିପରି ସେହି ବିଧାନସଭା ଆସନଗୁଡିକ ହେଉଛି ନବରଙ୍ଗପୁର ଜିଲାର ଉମରକୋଟ, ଝରୀଗାଁ, ନବରଙ୍ଗପୁର, ଡାବୁଗାଁ । ରାୟଗଡା ଜିଲାର ଗୁଣୁପୁର, ବିଷମକଟକ, ରାୟଗଡା । କୋରାପୁଟ ଜିଲା ର ଲକ୍ଷ୍ମୀପୁର,କୋଟପାଡ଼, ଜୟପୁର,କୋରାପୁଟ, ଓ ପଟାଙ୍ଗି । ସେହିପରି ମାଲକାନଗିରି ଜିଲାର ମାଲକାନଗିରି ଓ ଚିତ୍ରକୋଣ୍ଡା । ଆଜି ଠାରୁ ନାମାଙ୍କନ ପ୍ରଦାନ କରାଯାଛି । ବିଧାନସଭା ପ୍ରାର୍ଥି ପାଇ ମାଗଣା ଫର୍ମ ପ୍ରଦାନ କରାଯାଇଛି । ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ କୋଟପାଡ ଓ ଜୟପୁର ନିର୍ବାଚନ ମଣ୍ଡଳି ପାଇ ମାଗଣା ଫର୍ମ ଦିଆଯାଇଛି । ଆଜି ପ୍ରଥମ ଦିନରେ ୧୦ଟି ଫର୍ମ ପ୍ରାର୍ଥି ମାନେ ନେଇଥିବା ବିଷୟ ଜୟପୁର ଉପଖଣ୍ଡ ନିର୍ବାଚନ ଅଧିକାରି ପ୍ରଭାତ କୁମାର ପରିଡା ସୁଚନା ଦେଇଛନ୍ତି । ଆବେଦନ ପାଇ ସାଧାରଣ ବର୍ଗ ୧୦ ହଜାର ଟଙ୍କା ଦେବାକୁ ଥିବା ବେଳେ, ଏସସି ଓ ଏସଟି ପାଇ ୫ ହଜାର ଟଙ୍କା ରହିଥିବା ଜଣାଯାଇଛି।

# ସାନ୍ତସାହି ଶିରିଡିସାଇ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ

କେନ୍ଦ୍ରାପଡ଼ା, ୧୯/୪ (ନି.ପ୍ର): କେନ୍ଦ୍ରାପଡ଼ା ସହରର ସାନ୍ତସାହିସ୍ଥିତ ଶିରିଡି ସାଇ ମନ୍ଦିରରେ ଶିରିଡିସାଇ ସେବାସଂସ୍ଥା ଆନୁକୂଲ୍ୟରେ ଶ୍ରୀରାମ ନବମୀ ଓ ବାବାଙ୍କ ଚବାଡ଼ି ଶୋଭାଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୬ଟାରେ ମଙ୍ଗଳ ଆରତୀ କରାଯାଇ ବାବାଙ୍କୁ ସ୍ନାନ କରାଯିବା ପରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ କଳସ ଶୋଭାଯାତ୍ରା ଓ ପାରାୟଣ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶିରିଡି ସାଇବାବାଙ୍କ ଫଟୋଚିତ୍ରକୁ ଏକ ସୁଶୋଭିତ ବିମାନରେ ବସାଇ ଚବାଡି ଶୋଭାଯାତ୍ରାରେ ସାନ୍ତସାହିସ୍ଥିତ ବାବାଙ୍କ ମନ୍ଦିରରୁ ବାହାରି ସହର ମଧଦେଇ ମଢ଼ିଆଳ, ପୁରୁଣା ବସ୍ଷ୍ଟାଣ୍ଡ, ବଡ଼ହାଟ, କାକଟ, ନୂଆ ବସ୍ଷ୍ଟାଣ୍ଡ ଦେଇ ପୁନର୍ବାର କାକଟ, ମୀରପାଟଣା, ନସଡିପୁର ଓ ସାନ୍ତସାହି ପୋଲଦେଇ ସହର ପରିକ୍ରମା ପୂର୍ବକ ବାବାଙ୍କ ମନ୍ଦିରରେ ପହଂଚିଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ।

# ଗଙ୍ଗାମାଙ୍କ ଘଟ ଯାତ୍ରା ଆରମ୍ଭ

ଜୟପୁର, ୧୯/୪ (ନି.ପ୍ର): କୋରାପୁଟ ଜିଲା ଜୟପୁର ଗଙ୍ଗାନଗରେ ଥିବା ଗଙ୍ଗା ମା ଙ୍କ ଘଟ ଯାତ୍ରା ଗୁରୁବାର ଆରମ୍ଭ ହୋଇଛି । ସବୁ ବର୍ଷ ପରି ଚଳିତ ବର୍ଷ ମଧ ଧୁମ ଧାମରେ ଯାତ୍ରା ଆରମ୍ଭ ହୋଇଛି । ରିତି ନିତି ଅନୁଯାଇ ପ୍ରଥମେ ବାଜା ବଜାଇ ସ୍ଥାନୀୟ ଅଧିଷ୍ଠାତ୍ରି ଦେବି ମା ଭଗବତୀ ଙ୍କ ନିକଟକୁ ଯାଇ ପୁଜା ପାଠ କରାଯାଇ ଆଜ୍ଞାମାଳ ଅଣାଯାଇଥାଏ । ପରେ ନୁତନ କଳସ ଆଣାଯାଇ ପୁଜା ପାଠ କରାଯାଇ ଥାଏ । ଚୈତ ଦଶମିରେ ଯାତ୍ରା ଆରମ୍ଭ ହୋଇ ୫ ଦିନ ଏହି ଯାତ୍ରା ଚାଲିଥାଏ । ମନ୍ଦିର ସମୁଖରେ ଆକର୍ଷଣୀୟ ତୋରଣ ସହ ଲିଚୁ ଲାଇଟରେ ମନ୍ଦିରକୁ ସାଜସଜ୍ଜା କରାଯାଇଛି । ଏହି ୫ ଦିନ ବାଜା ବଜାଇ ମାଙ୍କ ପ୍ରତିକ ଘଂଟ ହାଣ୍ଡି ଓ ଫୁଲ ଚାଙ୍ଗୁଡି ମୁଣ୍ଡରେ ଧରି ଭକ୍ତ ମାନେ ସାହି ସାହି ପରିକ୍ରମା କରନ୍ତି । ରାଷ୍ଟ୍ର ମଙ୍ଗଳ ପାଇଁ ମା ସାହି ସାହି ଘର ଘର ବୁଲନ୍ତି । ଏହି ସମୟରେ ଭକ୍ତ ମାନେ ଘର ସମ୍ମୁଖରେ ଲିପା ପୋଛା କରି ଭୋଗ ରାଗ ଲାଗି କରିଥାନ୍ତି । ପରେ ବିଳମ୍ବିତ ରାତ୍ରରେ ମା ଙ୍କ ପ୍ରିତକ ଘଂଟ ହାଣ୍ଡି ମନ୍ଦିରକୁ ଫେରିଥାଏ । ସେହି ସମୟରେ ଘଂଟକୁ ଧରିଥିବା ଭକ୍ତ କୁ ଖଣ୍ଡାରେ ଝୁଲାଯାଇ ଶାନ୍ତି କରାଯାଇ ମନ୍ଦିରକୁ ନିଆଯାଏ ।

# କେନ୍ଦୁଝର : ନାବାଳିକା ଦୁଷ୍କର୍ମକାରୀକୁ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ

କେନ୍ଦୁଝର, ୧୯/୪ (ନି.ପ୍ର): କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ସରାସ ଗ୍ରାମର ଅଂଶୁମାନ ମହାପାତ୍ର (୨୯) କୁ ଆଇପିସି ଦଫା ୩୭୬ (ଏବି)/ ୩୭୬ (୨)(ଏଫ୍) ଓ ପୋକ୍ସ ଦଫା ୬ ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ୧ବର୍ଷ ଅଧିକ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଧାରା ୩(୨)(ଭି) ଏସ୍‌ସି ଆଣ୍ଡ ଏସ୍‌ଟି ପିଏ ଆକ୍ଟ ରେ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ନାବାଳିକାର ମା'ର ମୃତ୍ୟୁ ପରେ ତା'ର ବାପା ଆଉ ଜଣଙ୍କୁ ବାହା ହେବା ପରେ ନାବାଳିକାକୁ ଆସାମୀ ର ସ୍ତ୍ରୀ ପାଠ ପଢାଇବ କହି ଏକ ସ୍କୁଲରେ ନାମ ଲେଖାଇଥିଲା ଏବଂ ଘରେ ରଖି ଘର କାମ କରାଉଥିଲା। ଆସାମୀର ସ୍ତ୍ରୀ ଙ୍କ ଅନୁପସ୍ଥିତିରେ ଆସାମୀ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଆସାମୀଙ୍କ ନାମରେ ଏକ ଦେୱାନୀ ମକଦ୍ଦମା ଥିବାରୁ ଟାଉନ ପୋଲିସ ଆସାମୀ ଘରକୁ ଚଢାଉ କରିବା ସମୟରେ ନାବାଳିକାକୁ ସେଠାରୁ ପାଇ ତାକୁ ଉଦ୍ଧାର କରି ଓପନ ସେଲଟରରେ ଛାଡିଥିଲା। ସେଠାରେ ତା'ର ପେଟ ବଢିବା ଦେଖି ତାକୁ ସକ୍ଷୀ ୱାନ ଷ୍ଟପ୍ ମାଧ୍ୟମରେ ଡାକ୍ତରଖାନାରେ ପରୀକ୍ଷା ନିମନ୍ତେ ନେବାରୁ ସେଠାରେ ସେ ଗର୍ଭବତୀ ଥିବା କଥା ଜଣାପଡିବା ପରେ ତା'କୁ ପଚରାଉଚୁରା କରିବାରୁ ଆସାମୀ ଅଂଶୁମାନ ତା'କୁ ତାଙ୍କ ସ୍ତ୍ରୀଙ୍କ ଅନୁପସ୍ଥିତିରେ ଜୋରଜବରଦସ୍ତ ଦୁଷ୍କର୍ମ କରି ଗର୍ଭବତୀ କରିଥିବା କଥା ସେ ପ୍ରକାଶ କରିଥିଲା। ତା'ପରେ ମୋନିକା ସାହୁ, ସମାଜସେବୀ, ଓପନ ସେଲଟର ହୋମ ପ୍ରକଳ୍ପ, କେନ୍ଦୁଝର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରୁ ଟାଉନ ପୋଲିସ ଥାନା କେଶ ସଂଖ୍ୟା ୨୨୭ ତା ୨୩/୬/ ୨୦୨୧ ରେ ଏକ ମାମଲା ରୁଜୁ କରିଥିଲା। ନାବାଳିକା ଏକ ମୃତ ଝିଅ ଜନ୍ମ କରିବା ସହ କିଛିଦିନ ପରେ ମୃତ୍ୟୁବରଣ କରିଥିଲା। ପୋଲିସ ଅନୁସନ୍ଧାନ କରି ଆସାମୀକୁ ଜେଲ ପଠାଇଥିଲା। ଗୁରୁବାର ଦିନ ଫାଷ୍ଟ ଟ୍ରାକ୍ କୋର୍ଟ ର ବିଚାରପତି ବିଜୟ କୁମାର ମିଶ୍ର ୧୬ ଜଣ ସାକ୍ଷୀଙ୍କ ବୟାନ ଓ କେମିକାଲ ରିପୋର୍ଟ କୁ ଭିତି କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

# ବାଲିପଶିରେ ଭାଗବତ ଆସର ଅନୁଷ୍ଠିତ

ଚମ୍ପୁଆ, ୧୯/୪ (ନି.ପ୍ର): ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ବାଲିପଶି ଗ୍ରାମ ବୁଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଭାଗବତ ଆସରର ବାର୍ଷିକ ସ୍ମୃତି ଦିବସ ସଭାପତି ପୁରୁଷୋତମ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପାଲାଗାୟକ ତଥା ଶିକ୍ଷକ ତୁଳସୀ ରାମ ମହାନ୍ତ, ମୁଖ୍ୟବକ୍ତା ଭାବେ ଭାଗବତ ପ୍ରେମୀ ଅଭିମନ୍ୟୁ ମହାନ୍ତ ପ୍ରମୁଖ ଯୋଗ ଦେଇ ଭାଗବତ ପଠନ, ଚିନ୍ତନ, ମନ୍ଥନ ଓ ସତସଙ୍ଗ ଉପରେ ଆଲୋକପାତ କରିଥିଲେ କ୍ଷ ସମ୍ପାଦକ ମୋତିଲାଲ ବାରିକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଆସରର କାର୍ଯ୍ୟକର୍ତା ଶରତ ଚନ୍ଦ୍ର ଆଚାର୍ଯ୍ୟ, ଅନାଦି ଚରଣ ମହାନ୍ତ, ବ୍ରଜବନ୍ଧୁ ମହାନ୍ତ, ସୁଦର୍ଶନ ମହାନ୍ତ, ନାକଫୋଡି ମହାନ୍ତ, ପ୍ରଫୁଲ୍ଲ ଚନ୍ଦ୍ର ବାରିକ, କୀର୍ତନ ବିହାରୀ ମହାନ୍ତ, ଆଦିକନ୍ଦ ମହାନ୍ତ, ଲକ୍ଷ୍ମୀ ଦେଇ, ହେମ ମହାନ୍ତ, ମୀନାରାଣୀ ବାରିକ, କ୍ଷୀରମଣି ମହାନ୍ତ ପ୍ରମୁଖ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ଅନୁମତି ନନେଇ ରାସ୍ତା ନିର୍ମାଣ କରିବା ମହଙ୍ଗା ପଡ଼ିଲା: ଠିକାଦାରଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କଲେ ବନ ଅଧିକାରୀ

କୋରେଇ, ୧୯/୪ (ନି.ପ୍ର): ସମସ୍ତ ନିୟମକୁ ଜଳାଂଜଳୀ ଦେଇ ରାସ୍ତା ନିର୍ମାଣ କରୁଥିଲେ ଠିକାଦାର। ତେବେ ବନବିଭାଗର ଅଧିକାରୀ ମାନେ ପହଂଚି ଥାନାରେ ଅଭିଯୋଗ ପରେ ବନ୍ଦ ରହିଲା କାର୍ଯ୍ୟ। ପ୍ରକାଶଯେ ପାଣିକୋଇଲି ଅମୃତିଆ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ରାସ୍ତାର ଜବାହାର ନବୋଦୟ ବିଦ୍ୟାଳୟ ନିକଟରୁ ଏକ ରାସ୍ତା ବାହାରି ପଥରପଦା ପଂଚାୟତର କାଜିବାଟଣା ଓ ନୁଆଗାଁ ଦେଇ ବଡ଼ବରୁଣାଇପଦା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲୁଅଛି। ଏହା ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବ । ତେବେ ନିୟମାନୁସାରେ ଗ୍ରାମ ଉନ୍ନୟନ ବିଭାଗର ଯେ କୌଣସି ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ଦେବା ପୁର୍ବରୁ ରାଜସ୍ୱ ବିଭାଗ ଓ ବନ ବିଭାଗ ଠାରୁ ଅନୁମତି ନେବା କଥା। ଏଥି ନିମନ୍ତେ ରାଜସ୍ୱ ବିଭାଗର ତହସିଲଦାର ,ବନ ଅଧିକାରୀ ଓ ଗ୍ରାମ ଉନ୍ନୟନ ବିଭାଗର ପଦସ୍ଥ ଅଧିକାରୀ, ସ୍ଥାନୀୟ ସରପଂଚ ସଂପୃକ୍ତ ଅଂଚଳରେ ପଲ୍ଲୀସଭା ମାଧ୍ୟମରେ ଜନ ଶୁଣାଣୀ କରିବା ପରେ ଆବଶ୍ୟକୀୟ ଅନୁମତି ପ୍ରଦାନ କରିବେ । ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଏ ନେଇ କୌଣସି ଅନୁମତି ନନେଇ ମନଇଚ୍ଛା ଟେଣ୍ଡର ଦେଇ ରାସ୍ତା କାର୍ଯ୍ୟ କରାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଚାଲିଥିବା ଏହି ରାସ୍ତା କାର୍ଯ୍ୟ ନିମନ୍ତେ ୩ କୋଟି ୫୫ ଲକ୍ଷ ୧୨ ହଜାର ଟଙ୍କା ବ୍ୟୟ ବରାଦ ହୋଇଅଛି। ଗତ ୨୦୨୩ ମସିହା ଡ଼ିସେମ୍ବର ମାସ ୬ ତାରିଖରୁ ଉକ୍ତ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଜୁନ ମାସରେ ଉକ୍ତ କାର୍ଯ୍ୟ ସାରିବା ଲାଗି ବିଭାଗୀୟ ନିର୍ଦ୍ଦେଶ ରହିଅଛି। ତେବେ ଉଭୟ ବିଭାଗର ଅନୁମତି ନନେଇ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିବା ଲାଗି ସଂପୃକ୍ତ ଠିକାଦାରଙ୍କୁ ଅନୁମତି ଦେଇଛି ଗ୍ରାମ ଉନ୍ନୟନ ବିଭାଗ । ଯାହାକୁ ନେଇ ବିବାଦ ଉପୁଜୁଛି। ଉକ୍ତ ରାସ୍ତାଟି ରାଜସ୍ୱ ଜଙ୍ଗଲ ବିଭାଗର ଅଧିନରେ ଆସୁଥିବାରୁ ଘଟଣା ଜାଣିବା ପରେ ଯାଜପୁର ରୋଡ଼ ବନ ବିଭାଗର ରେଂଜ ଅଧିକାରୀ ଜ୍ୟୋତି ରଂଜନ ମହାପାତ୍ର ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଥିଲେ। ଏଥି ସହିତ ଅନୁମତି ନ ଆଣିବା ପର୍ଯ୍ୟନ୍ତି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପରେ ସଂପୃକ୍ତ ଠିକାଦାର ଉଭୟ ବିଭାଗ ଠାରୁ ଅନୁମତି ପାଇବା ପରେ ରାସ୍ତା କାର୍ଯ୍ୟ ଆରମ୍ଭ କରିବେ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ।

# ଜଗନ୍ନାଥପୁର ମା' ବାସନ୍ତୀ ଦୂର୍ଗାଦେବୀଙ୍କ ପୂଜା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୯/୪ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅଧିନ ଭରତପୁର ଗ୍ରାମପଂଚାୟତର ଜଗନ୍ନାଥପୁରସ୍ଥିତ ମା'ବାସନ୍ତୀ ଦୂର୍ଗାଦେବୀଙ୍କ ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ଷଷ୍ଠୀରେ ବିଲ୍ୱବରଣ, ବିହିତ ପୂଜା ଓ ଦେବୀ ବୋଧନ କରାଯାଇଥିବାବେଳେ ସୋମବାର ମା'ଙ୍କ ମହାସପ୍ତମୀରେ ଅଷ୍ଟୋତର ଶତ କଳସ ଯାତ୍ରା, ଘଟନିମର୍ଜନ, ଜଳାଭିଷେକ, ନବପତ୍ରିକା ଦୋଳାରୋହଣ ଶୋଭାଯାତ୍ରା ଓ ନଗର ପରିକ୍ରମା କରାଯାଇ ସହସ୍ରାଧାର ସ୍ନାନ କରାଯିବା ସହ ଦେବୀଙ୍କର ସପ୍ତମୀ ଜନିତ ବିହିତ ପୂଜାରମ୍ଭ, ଚକ୍ଷୁଦାନ ଓ ଚଣ୍ଡୀପାଠ କରାଯାଇଥିଲା। ମଙ୍ଗଳବାର ମହାଅଷ୍ଟମୀ ତିଥିରେ ଚଣ୍ଡୀପାଠ, ଘୃତହୃତି ଓ ପୁଷ୍ପାଞ୍ଜଳି, ଝୁଣାଦାହ ଓ ସନ୍ଧିବଳି ଦିଆଯାଇଥିଲା। ବୁଧବାର ମହାନବମୀରେ ବିହିତ ପୂଜା, ଚଣ୍ଡୀପାଠ, ନବକୁମାରୀ ପୂଜା, ଅଷ୍ଟୋତର ଶତଦୀପ ଉତ୍ସର୍ଗ, ଗୀତାହୃତି, ଚଣ୍ଡୀଆହୂତି, ପୂର୍ଣ୍ଣାହୂତି ଓ ପୁଷ୍ପାଞ୍ଜଳି ଦିଆଯିବା ସହିତ ମହିଷାସୁର ପୋଡ଼ି ଅନୁଷ୍ଠିତ ହୋଇଥିଲା। ଗୁରୁବାର ବିଜୟାଦଶମୀ ଅବସରରେ ଚଣ୍ଡୀପାଠ, ଅପରାଜିତା ପୂଜା, ସନ୍ଧ୍ୟାରେ ବିଷର୍ଜନ ପୂଜା, ସମୁହ ପୁଷ୍ପାଞ୍ଜଳି, ଅପରାଜିତା ଧାରଣ, ଅଳତା ସିନ୍ଦୁର ଲାଗି, ସପ୍ତଦୀପ ବନ୍ଦାପନା, ଦେବୀଙ୍କ ପୁନଃ ଆଗମନ ପାଇଁ ମେଲାଣି, ଘଟକଳସ ଓ ନବପତ୍ରିକା ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିସହିତ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ସଂଗୀତ ପ୍ରତିଯୋଗିତା, ପ୍ରବଚକ ସତ୍ୟଚୈତନ ଦାସ(ସୁନିଲ ବାବା)ଙ୍କ ପ୍ରବଚନ, ରୟାଲ ଡ୍ୟାନ୍ସ ଗ୍ରୁପର ନୃତ୍ୟ ଆସର, "ମା' ବାସନ୍ତୀଜ୍ୟୋତି ସମ୍ମାନ" ପ୍ରଦାନ କାର୍ଯ୍ୟକ୍ରମ ଓ ଅପେରା ସାଇରୁଦ୍ର ପକ୍ଷରୁ ଅପେରା ପରିବେଷଣ କରାଯାଇଥିବା କମିଟି ସଭାପତି ଦୀପକ ରଞ୍ଜନ ସ୍ୱାଇଁ ଓ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ଜଣାଇଛନ୍ତି।

# ସର୍ବ ପୁରାତନ ବଲାଙ୍ଗୀର ରାମଲୀଳା ଆରମ୍ଭ : ରାମଲାଲାଙ୍କ ଅଭିନୟ ଶିଶୁ କଳାକାର 'ଶୋଭା' ପାଇଲା

ବଲାଙ୍ଗୀର, ୧୯/୪ (ନି.ପ୍ର): ରାମ ନବମୀ ଅବସରରେ ରାମଜୀ ନାଟ୍ୟ ସଂସଦ, ବଲାଙ୍ଗିର ତରଫରୁ ରାମଜୀ ମନ୍ଦିର, ରାମଜୀପଡା ଠାରେ ପୂଜା, ହୋମ ସହିତ ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ସଦାଶିବ ବିରଚିତ ରାମଲୀଳା ବହିକୁ ଆରମ୍ଭ କରି ଶ୍ରୀରାମ ଜନ୍ମୋତ୍ସବ ପାଳନ କରାଯାଇଥିଲା। ନାଟ୍ୟ ସଂସଦର ସଭ୍ୟମାନଙ୍କ ସହିତ ଅନ୍ୟାନ୍ୟ ଶ୍ରଦ୍ଧାଳୁ ରାମଜୀ ମନ୍ଦିରରେ ଉପସ୍ଥିତ ଥିଲେ। ରାମ ନବମୀ ଉତ୍ସବ ରେ ଜଗନ୍ନାଥ ପଡା ଜଗନ୍ନାଥ ମନ୍ଦିରରୁ ଏକ ଭବ୍ୟ ବିଶାଳ ଶୋଭାଯାତ୍ରା ବାହାରି ଶିଶୁ କଳାକାର ରାମଲାଲାଙ୍କ ବେଶରେ ବେଶ ଆକର୍ଷିତ ହେଇଥିବା ଋଷି ନାଏକ, ମଡମଡା କିର୍ତନ ମଣ୍ଡଳି, ଜନକପୁରର କିର୍ତନ ମଣ୍ଡଳି ବିମାନରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର, ମାତା ସୀତା ଓ ସଙ୍କଟମୋଚନ ହନୁମାନଙ୍କୁ ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରା ଇସ୍କନ ମନ୍ଦିର ସମିତି ଭାଗ ନେଇଥିଲେ। ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଉକ୍ତ ଯାତ୍ରାରେ ନିଜକକୁ ସମ୍ମିଳିତ କରି ଥିବାର ଦେଖାଯାଇଥିଲା। ଏହି ଶୋଭାଯାତ୍ରା ଅନେକ ପ୍ରକାର ମେଢ ସହିତ ରାମଲୀଳା ରେ ଭାଗ ନେଉଥିବା ଅନେକ କଳାକାର ଭାଗ ନେଇଥିଲେ। ଭଗବାନ ଶ୍ରୀରାମଙ୍କ ବିଗ୍ରହକୁ ଜଗନ୍ନାଥପଡା ଜଗନ୍ନାଥ ମନ୍ଦିରକୁ ଆଣି ଆସନ୍ତା ୨୧ ଦିନ ପର୍ଯ୍ୟନ୍ତ ଭଗବାନ ଶ୍ରଦ୍ଧାଳୁ ଙ୍କ ପାଖରେ ରହିବେ। ଶେଷରେ ଅନ୍ନ ପ୍ରସାଦର ସୁବନ୍ଦୋବସ୍ତ ହୋଇଥିଲା।

# ଫୁଲବାଣୀ ଜେଲ ବିଚାରଧିନ କଏଦୀ ମୃତ୍ୟୁ ଘଟଣା: କ୍ଷତି ପୂରଣ ଦାବିରେ ରାସ୍ତା ରୋକ

କନ୍ଧମାଳ, ୧୯/୪ (ନି.ପ୍ର): ଫୁଲବାଣୀ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ପ୍ରତିବାଦରେ ଓ ଏହାର କ୍ଷତି ପୂରଣ ଦାବିରେ ମୃତକର ପରିବାର ଲୋକେ ଏବଂ ଗ୍ରାମବାସୀ ଆଜି ମେଡ଼ିକାଲ ଛକ ଠାରେ ରାସ୍ତାରୋକ କରିଥିଲେ। ଶତାଧିକ ଲୋକ ମେଡ଼ିକାଲ ସମ୍ମୁଖରେ ମୂଖ୍ୟ ରାସ୍ତା ଉପରେ ବସି ରହିବା ଫଳରେ ଏହି ରାସ୍ତା ଦେଇ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଯୋଗ୍ୟ, ମଙ୍ଗଳବାର ସ୍ଥାନୀୟ ମଣ୍ଡଳ କାରାଗାରରେ ଥିବା ବିଚାରାଧୀନ କଏଦୀ ଫିରିଙ୍ଗିଆ ଥାନା ଅନ୍ତର୍ଗତ ଡିମିରିଗୁଡା ଗ୍ରାମର ଅଭିରାମ ଦିଗାଲଙ୍କୁ ଅସୁସ୍ଥ ଅବସ୍ଥାରେ ଜେଲ କର୍ତୃପକ୍ଷ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ତେବେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜେଲରେ ଶାରୀରିକ ନିର୍ଯାତନା ଦିଆଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ମୃତକର ଭାଇ ଫୁଲବାଣୀ ଟାଉନ ଥାନାରେ ଏକ ଅଭିଯୋଗ ମଧ୍ୟ କରିଛନ୍ତି। ଆଜି ଜେଲ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତି ପୂରଣ ଦାବୀ କରିଥିଲେ। ଏହି ଅବସରରେ ବିଜେପିର ଫୁଲବାଣୀ ବିଧାନସଭା ପ୍ରାର୍ଥୀ ଉମାଚରଣ ମଲ୍ଲିକ, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ପ୍ରମୂଖ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଫୁଲବାଣୀ ଏସଡିପିଓ ସୁପ୍ରସନ୍ନ ମଲ୍ଲିକ ଏବଂ ଟାଉନ୍ ଥାନା ଅଧିକାରୀ କନକ କୁମାର ମାଝୀ ପହଂଚି ଉକ୍ତ ଲୋକଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ଫୁଲବାଣୀ ଉପ ଜିଲ୍ଲାପାଳ ଚିତରଞ୍ଜନ ମୋହାନ୍ତ, ପହଂଚି, ମୃତକଙ୍କ ପରିବାରକୁ ଜିଲ୍ଲା ରେଡ କ୍ରସ ପକ୍ଷ୍ୟରୁ ୨୦ ହଜାର ଟଙ୍କା ଓ ଲେବର କାର୍ଡ ଜରିଆରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବା ନେଇ ସୁଚନା ଦେବା ସହ ବୁଝାସୁଝା କରିବା ପରେ ଉତ୍ତ୍ୟକ୍ତ ଲୋକେ, ଶବ ବ୍ୟବଚ୍ଛେଦ ପାଇଁ ଛାଡିଥିଲେ ଓ ପରେ ପରେ ଦିର୍ଘ ସମୟ ଧରି ଚାଲିଥିବା ରାସ୍ତା ରୋକ ହଟିଥିଲା।

# ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ମୟୂରଭଞ୍ଜର କୃତି ଆକାଂକ୍ଷୀମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ସମ୍ବର୍ଦ୍ଧନା



ବାରିପଦା, ୧୯/୪ (ନି.ପ୍ର): ଚଳିତ ବର୍ଷ ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମୟୂରଭଞ୍ଜର ତିନି ଜଣ କୃତୀ ଆକାଂକ୍ଷୀ ମାନଙ୍କୁ ଜିଲ୍ଲା ପ୍ରଶାସନ ଶୁକ୍ରବାର ଦିନ ସମ୍ମାନିତ କରିଛନ୍ତି। ସେମାନେ ହେଲେ ୨୪ ତମ ରାଙ୍କ ରେ ଥିବା ପ୍ରଜ୍ଞା ନନ୍ଦନ ଗିରି, ୩୪୩ ରାଙ୍କରେ ଥିବା ବିଶ୍ୱଜିତ ପଣ୍ଡା ଏବଂ ୪୬୬ ରାଙ୍କ ରେ ଥିବା ସୌରଭ ଦାସ । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଏହି ସମ୍ମାନିତ ସଭାରେ ଅଧକ୍ଷତା କରି ସମସ୍ତ କୃତି ଅଧିକାରୀ ମାନଙ୍କୁ ସମ୍ମାନିତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରିଥିଲେ । ଏହି ସଭାର ସ୍ୱାଗତ ଭାଷଣ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଦେଇ କହିଥିଲେ ଯେ ପରିଶ୍ରମ ଏବଂ କଠିନ ଅଧବୟସାୟ ର ପରିଣତି ହେଉଛନ୍ତି ଏହି କୃତି ପରୀକ୍ଷାର୍ଥୀ ଏବଂ ଆମ ଦେଶ ତଥା ରାଜ୍ୟର ଭବିଷ୍ୟତ। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତିଭୂଷଣ ନାୟକ ସର୍ବ ଭାରତୀୟ ପ୍ରଶାସନିକ ସେବାରେ ନିଜର କଠିନ ପରିଶ୍ରମ, ବାସ୍ତବଧର୍ମୀ ଏବଂ ଅଙ୍ଗେ ନିଭେଇଥିବା ସଂଘର୍ଷ ବିଷୟରେ କହି ସମସ୍ତଙ୍କୁ ଭାବ ବିହ୍ୱଳିତ କରି ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ସିନ୍ଧେ କହିଥିଲେ ଯେ, ସେ ଓଡିଶା ସ୍ତରରେ ହେଉ କିମ୍ବା ସର୍ବ ଭାରତୀୟ ସ୍ତରରେ ହେଉ ପ୍ରତ୍ୟେକ ପ୍ରତିଯୋଗିତା ମୂଳକ ପରୀକ୍ଷାର ନିଷ୍କର୍ଷରେ ଥାଏ କଠିନ ପରିଶ୍ରମ ଏବଂ ସମର୍ପଣ। ସେ କହିଥିଲେ ଯେ ଏଠାରେ ବସିଥିବା ସମସ୍ତ ଅଧିକାରୀ ମାନେ ମଧ ସେହି ସଂଘର୍ଷ ଦେଇ ଆସିଛନ୍ତି କାରଣ ଏହି ସିଭିଲ ସର୍ଭିସ ପରୀକ୍ଷା କେଉଁ ପ୍ରଶ୍ନ ଉତ୍ତରର ପରୀକ୍ଷା ନୁହେ ଏହା ଆପଣ ମାନଙ୍କର ଧର୍ଯ୍ୟର ପରୀକ୍ଷା। ନିଜ ନିଜ ବକ୍ତବ୍ୟରେ ଶ୍ରୀ ପଣ୍ଡା, ଶ୍ରୀ ଦାସ ଏବଂ ଶ୍ରୀ ଗିରି ଏହି ସଫଳତାର ଶ୍ରେୟ ନିଜ ପରିବାରକୁ ଦେବା ସହିତ କଠିନ ପରିଶ୍ରମ ଏବଂ ଅହେତୁକ ଇଚ୍ଛା ଶକ୍ତିକୁ ଦେଇଥିଲେ । ସୂଚନା ଥାଉକି, ଏହି ତିନି ଜଣ କୃତି ପରୀକ୍ଷାର୍ଥୀ, ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ବିଗତ ବର୍ଷରେ କୃତିତ୍ୱ ପାଇଲା ପରେ ନିଜ ନିଜ ଚାଇଁକିରୀର ଅବସ୍ଥାପିତ ହୋଇ ମଧ କଠିନ ପରିଶ୍ରମ କରି ଆଜି ଭାରତର ସର୍ବ ବୃହତ ସେବା କରିବାର ସୁଯୋଗ ପାଇଛନ୍ତି। ଏଥିପାଇଁ ଜିଲ୍ଲାପ୍ରଶାସନ ସେମାନଙ୍କୁ ସାଧୁବାଦ ଦେବା ସହିତ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଏହି ସମ୍ବର୍ଦ୍ଧନା ସଭାରେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ପ୍ରତିନିଧି ଜିଲ୍ଲାପାଳ ସୁଶ୍ରୀ ଶ୍ରଦ୍ଧା ସୁମନ, ପ୍ରତିନିଧି ଜିଲ୍ଲାପାଳ ଡଃ ଶୁଭଙ୍କରୀ ଦାଶ, ପ୍ରତିନିଧି ଜିଲ୍ଲାପାଳ ସୁଶ୍ରୀ ବସୁନ୍ଧରା ଭିତିରିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ, ଗଣମାଧମ ପ୍ରତିନିଧି ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିବାର ସୂଚନା ପ୍ରାପ୍ତ।

## ଗୁପ୍ତକ୍ଷେତ୍ର ସଖୀବଟରେ ବିଶ୍ୱ ଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡ଼ା, ୧୯/୪ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରର ଶ୍ରୀ ବଳଦେବ ସଂସ୍କୃତି ଅନ୍ତର୍ଗତ ପ୍ରସିଦ୍ଧ ଗୁପ୍ତକ୍ଷେତ୍ର ସଖୀବଟରେ ବିଶ୍ୱ ଶାନ୍ତି ମହାଯଜ୍ଞ ଭବ୍ୟ ପରିବେଶ ଆରମ୍ଭ ହୋଇଛି । ଶ୍ରୀ ରାମ ନବମୀ ଅବସରରେ ଆଶ୍ରମର ଅଧକ୍ଷ ସ୍ୱାମୀ ଦିବ୍ୟ ସ୍ୱରୂପା ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯଜ୍ଞର ଶୁଭାରମ୍ଭ କରିଥିଲେ । ପ୍ରଜ୍ଞାନ ମିଶନର ସହ ସଂପାଦକ ଅନିର୍ବାଣା ନନ୍ଦ ଗିରି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାଂପ୍ରତିକ ସମାଜରେ ନୈତିକ ଅବକ୍ଷୟ ରୋକିବାକୁ ହେଲେ ଆଧାତ୍ମିକତା ର ବ୍ୟାପକ ପରିପ୍ରସାର ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱାମୀ ବିଶ୍ୱରୂପା ନନ୍ଦ ଗିରି ଓ ଯଜ୍ଞ କମିଟିର ଉପଦେଷ୍ଟା ରଶ୍ମିରଞ୍ଜନ ରାଉତ ଯୋଗ ଦେଇଥିଲେ । କମିଟିର ସଦସ୍ୟ ଇଂ. ଅକ୍ଷୟ କୁମାର ପାଣିଙ୍କ ସଂପାଦନା ରେ ପ୍ରସ୍ତୁତ ହୋଇଥିବା ଯଜ୍ଞ ସ୍ମରଣିକା "ମୁକ୍ତଗାଥା" ଉନ୍ମୋଚନ କରାଯାଇଥିଲା । ସଂଯୋଜକ ଇଂ ତୀର୍ଥବାସୀ ପଣ୍ଡା, ସଭାରେ ଅଧକ୍ଷତା କରିଥିବା ବେଳେ ସହ ସଂପାଦକ ଅଭୟ ପତ୍ରୀ, ବୈଷ୍ଣବ ସ୍ୱାଇଁ ସହଯୋଗ କରିଥିଲେ । କୋଷାଧକ୍ଷ ପଣ୍ଡିତ ନରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମି ରଞ୍ଜନ ରାଉତ ଅତିଥି ଭାବେ ଯୋଗ ଦେଇଥିବାବେଳେ ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ ଓ ବିଷ୍ଣୁପ୍ରିୟା ସାମଲ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଯଜ୍ଞ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ମିଳିଛି ।

## ୯ମ ବୈଶାଖୀ ମହୋତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୧୯/୪ (ନି.ପ୍ର): ଦୀର୍ଘ ତିନିଦଶନ୍ଧିରୁ ଉର୍ଦ୍ଧ୍ୱକାଳ ପାଳନ ହୋଇଆସୁଥିବା ଇଶାଣୀ ହାଟପଡ଼ିଆ ଉଡ଼ାଯାତ୍ରା ସାର୍ବଜନୀନ ବାସନ୍ତୀପୂଜାର ରଜତଜୟନ୍ତୀ ଏବଂ ସପ୍ତାହବ୍ୟାପୀ ରଙ୍ଗାରଙ୍ଗ ସନ୍ଧ୍ୟାରେ ସୁସଜ୍ଜିତ 'ନବମ ବୈଶାଖୀ ମହୋତ୍ସବ'ର ଉଦ୍‌ଯାପନୀ ବାଲେଶ୍ୱର ଉପକଣ୍ଠ 'ଇଶାଣୀ ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟେଡିୟମ୍' ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଶାଖୀ ମହୋତ୍ସବର କର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ବରେଣ୍ୟ ଅତିଥିଭାବରେ ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ ଜେନା, ଯୁବସମାଜସେବୀ ସୁବକ୍ତା ବିକ୍ରମ ପଣ୍ଡା ଏବଂ ଯୁବଉଦ୍ୟୋଗପତି ମୌସୁମ କୁମାର ସିଂ (ଶାନୁ) ପ୍ରମୁଖଙ୍କ ଉଦ୍‌ଯାପନୀ ଅଭିଭାଷଣରେ ସମବେତ ଉତ୍ତର ପିଢ଼ିର ତରୁଣ ଯୁବକଯୁବତୀମାନଙ୍କୁ ଆମ ଗାଁ, ଜିଲ୍ଲା, ରାଜ୍ୟ ତଥା ଦେଶଗଠନ କରିବା ପାଇଁ ସମକାଳର ଅଭିଭାବକ ଆତ୍ମନିର୍ଭରଶୀଳ ହେବାରେ ତାଙ୍କର ଉତ୍ତର ପିଢ଼ି ପୁଅଝିଅମାନଙ୍କୁ ଉପଯୁକ୍ତ ଅବଲମ୍ବନରେ ସହାୟ ହେବାପାଇଁ ଉତ୍ସାହିତ କରାଇଥିଲେ। ସର୍ବପ୍ରଥମେ ଅନୁଷ୍ଠାନ ସଭାପତି ଆଡ୍‌ ଅଶୋକ କୁମାର ସେନାପତି ଓ ସାଧାରଣ ସଂପାଦକ ଭାଗବତ ସାହୁ ନିଜନିଜର ଉଦ୍‌ଯାପନୀ ଅଭିବ୍ୟକ୍ତି ରଖିଥିଲାବେଳେ ବାସନ୍ତୀ ପାତ୍ରଙ୍କ ପ୍ରକାଶିତ 'ବୈଶାଖୀ' ସ୍ମରଣିକାକୁ ସମସ୍ତ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଅବକାଶରେ ପ୍ରତିବର୍ଷ ପରି ସ୍ଥାନୀୟ ପ୍ରତିଭାବାନ ଉତ୍ସର୍ଗୀକୃତ ବ୍ୟକ୍ତି ନବକୁମାର ବାରିକ ଓ ମଧୁସୂଦନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ସ୍ୱାଗତ ସମ୍ଭାଷଣ ଗୀତିକବି ରମେଶ ବେହେରା ରଖିଥିଲାବେଳେ ଡମ୍ବରୁଧର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଉଡ଼ାଯାତ୍ରା ପାଇଁ ୪୦/୫୦ହଜାର ଶ୍ରଦ୍ଧାଳୁଙ୍କ ସମବେତ ପରିବେଶକୁ ବରେଣ୍ୟ ଅତିଥି ବ୍ରିଟ୍ ଅଧକ୍ଷ ଆଲୋକ କୁମାର ସାହୁ, ପ୍ରାକ୍ତନ ବ୍ରିଟ୍ ଅଧକ୍ଷ ଗୌରୀ କୁମାର ରାଉତ, କବି-ସଂଗ୍ରାହକ ସର୍ବେଶ୍ୱର ଦାସଙ୍କ ଦ୍ୱାରା ଏବଂ କମିଟିର ଉପଦେଷ୍ଟା ଆଇନଜୀବୀ ରବୀନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସମାପନ ହୋଇଥିଲା। ବରିଷ୍ଠ ଉପସଭାପତି ପ୍ରାକ୍ତନ ସରପଞ୍ଚ ନରେନ୍ଦ୍ର ଦାସଙ୍କ ଦ୍ୱାରା ସ୍ୱାଗତ ସମ୍ଭାଷଣ ପରେ ଏ ସନ୍ଧ୍ୟାର ଉତ୍ତର ବାଲେଶ୍ୱର ଯାତ୍ରା କଳାକାରଙ୍କ ଦ୍ୱାରା ଏକ ଆକର୍ଷଣୀୟ ନାଟକ ମଞ୍ଚସ୍ଥ କରାଯାଇଥିଲା। ତୃତୀୟ ସନ୍ଧ୍ୟାରେ ନୀଳଗିରିର ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟନ କରାଯାଇ ସମବେତ ଜନତାଙ୍କୁ ଏ ମାଟିର ଐତିହ୍ୟ ଓ ସମ୍ଭାବନା ପ୍ରସଙ୍ଗରେ ଡ. ରାଧାରଂଜନ ପଟ୍ଟନାୟକ, ସାରଗାଁ ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ମନ୍ମଥ ମାଝୀ ନିଜନିଜର ବକ୍ତବ୍ୟ ରଖିଥିବାବେଳେ ବୈଶାଖୀ ମହୋତ୍ସବର ଉପସଭାପତି ସୁରେଶ ଚନ୍ଦ୍ର ମାଝୀଙ୍କ ପୌରୋହିତ୍ୟରେ ଏବଂ ଶ୍ରୀକାନ୍ତ ଦାସଙ୍କ ସ୍ୱାଗତ ସମ୍ଭାଷଣ ତଥା ବରିଷ୍ଠ ସଦସ୍ୟ ଦୀନବନ୍ଧୁ ଦାସଙ୍କ କୃତଜ୍ଞତା ଜ୍ଞାପନରେ ସଭାକାର୍ଯ୍ୟ ଶେଷ ହୋଇଥିଲା। ଏ ସନ୍ଧ୍ୟାରେ ଷ୍ଟାର କଳାକାର ଅଭିଜିତ୍ ମଜୁମ୍‌ଦାର ହିଁ ଥିଲେ ଅଗଣିତ ଜନସମାଗମର ଆକର୍ଷଣ। ଚତୁର୍ଥ ସନ୍ଧ୍ୟାର ମଞ୍ଚ ଆକର୍ଷଣ ସବୁବର୍ଷ ପରି ନାରୀମାନଙ୍କୁ ଉତ୍ସର୍ଗୀକୃତ କରାଯାଇ ଉପସଭାନେତ୍ରୀ ସାରିକା କରଙ୍କ ପୌରୋହିତ୍ୟରେ ବାଲେଶ୍ୱର ପୌରାଧକ୍ଷା ସବିତା ସାହୁଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବା ସଙ୍ଗେସଙ୍ଗେ ବାଲେଶ୍ୱର ସଦର ବ୍ଲକ୍ ଅଧକ୍ଷା ସୁନିତା ବେହେରାଙ୍କ ମୁଖ୍ୟ ବକ୍ତବ୍ୟରେ ସଭାକାର୍ଯ୍ୟ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟା ମମତା ଦାସ ସ୍ୱାଗତ ସମ୍ଭାଷଣ କରିଥିବାବେଳେ ଅନ୍ୟତମ ସଦସ୍ୟ ଜୟନ୍ତୀ ପାଣିଗ୍ରାହୀ କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ପଞ୍ଚମ ସନ୍ଧ୍ୟାରେ ଶ୍ରୀ ବାସ୍ତବ ସାହୁ ସ୍ୱାଗତ ସମ୍ଭାଷଣ ରଖିଥିବାବେଳେ ବୈଶାଖୀ ମହୋତ୍ସବର କୋଷାଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ପ୍ରାକ୍ତନ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇ ଷ୍ଟାର ସଂଗୀତଜ୍ଞ ବିଷ୍ଣୁମୋହନ କବିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୁନିକୁନି ପିଲାମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ବୈଶାଖୀ ମହୋତ୍ସବର ବରିଷ୍ଠ ସଦସ୍ୟ ମହେନ୍ଦ୍ର ମହାଳିକଙ୍କ ଦ୍ୱାରା କୃତଜ୍ଞତା ଜ୍ଞାପନ କରାଯାଇ ସଭାସାଙ୍ଗ କରାଯାଇଥିଲା। ପ୍ରୋକ୍ତ କାର୍ଯ୍ୟକ୍ରମରେ ଲକ୍ଷାଧିକ ଜନସମାଗମ ଓ ପଡ଼ିଆରେ ଷ୍ଟଲ୍ ଲଗାଇଥିବା ଶତାଧିକ ଦୋକାନୀ ଭାଇମାନଙ୍କୁ ପୋଲିସ୍ ଅଧିକାରୀ, ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଅତ୍ୟଧିକ ଗ୍ରୀଷ୍ମତାପରେ ଆବଶ୍ୟକୀୟ ପାନୀୟ, ପଣା ଆଦି ଯୋଗାଇଦେବାର ସହାୟତା ରଖିଥିଲେ।

## ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ପୂଜ୍ୟପୂଜା ସମ୍ମାନ ସମାରୋହ

କେନ୍ଦ୍ରାପଡ଼ା, ୧୯/୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବସୁପୁର ସ୍ଥିତ ମା' ବାସନ୍ତୀ ଦୁର୍ଗା ପୂଜା ମଣ୍ଡପ ପ୍ରାଙ୍ଗଣରେ ରାଜ୍ୟର ଅଗ୍ରଣୀ ସାମାଜିକ ସାଂସ୍କୃତିକ ତଥା ସେବା ଅନୁଷ୍ଠାନ 'ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ'ର ୪୫ତମ ବାର୍ଷିକ ଉତ୍ସବ ତଥା ପୂଜ୍ୟପୂଜା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧାପକ ଅଜୟ କୁମାର ସାମଲ ମୁଖ୍ୟ ଅତିଥି ଓ ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ଶ୍ରୀ ବିଶ୍ୱାଳଙ୍କ ମାନବବାଦୀ ଚିନ୍ତାଧାରାକୁ ଶତ ପ୍ରଶଂସା କରି ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ। ଟ୍ରଷ୍ଟର ଅଧକ୍ଷ ସମାଜସେବୀ ଭଗବାନ ବିଶ୍ୱାଳ ନିଜ ବକ୍ତବ୍ୟରେ ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ସାମାଜିକ ଓ ସେବା କାର୍ଯ୍ୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକପାତ କରି କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବାକୁ ବଜ୍ର ଶପଥ ନେଇଥିଲେ ଏବଂ ଗ୍ରାମର ସମସ୍ତ ଝିଅ ଓ ବିବାହିତା ଝିଆଣି ମାନଙ୍କୁ ଏକତ୍ରିତ କରି ଭଉଣୀଚାରାର ଉତ୍ସର୍ବ ପାଳନ କରାଯାଇଥିଲା । ପ୍ରତିବର୍ଷ ଭଳି ଟ୍ରଷ୍ଟ ଦିବ୍ୟାଙ୍ଗମାନଙ୍କ ନିରନ୍ତର ସେବା ନିମନ୍ତେ କେନ୍ଦ୍ରାପଡ଼ାର ଅଗ୍ରଣୀ ସେବା ଅନୁଷ୍ଠାନ ପୁର୍ନବାସକୁ 'କେନ୍ଦ୍ରାପଡା ରତ୍ନ' ସମ୍ମାନରେ ସମ୍ମାନିତ କରିବା ସହିତ ମାନପତ୍ର, ଟ୍ରଫି ଓ ଦଶହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଆଇନଜିବୀ ବିଚିତ୍ରାନନ୍ଦ ମହାନ୍ତି ଓ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କୁ 'କେନ୍ଦ୍ରାପଡା ବରପୁତ୍ର' ସମ୍ମାନ ପ୍ରଦାନ କରାଯାଇଥିଲା। 'କେନ୍ଦ୍ରାପଡା ଗୌରବ' ଭାବେ ପ୍ରାକ୍ତନ ପ୍ରାଧାପକ ତଥା ଗବେଷକ ଡ. ନିଳମଣୀ ଲେଙ୍କା, ବିଶିଷ୍ଟ କବି ତଥା ଶିକ୍ଷାବିତ ଡ. ଆଲୋକ କୁମାର ରାୟ, ପ୍ରଦାର୍ଥ ବିଜ୍ଞାନ ଗବେଷକ ପ୍ରାଧାପକ ଡ଼. ପ୍ରଭାତ ରଞ୍ଜନ ଲେଙ୍କା, କବୟିତ୍ରୀ ତୁହିନା ମିଶ୍ର, ସମାଜ ସେବା ଓ ମହିଳା ସଶକ୍ତିକରଣ ନିମନ୍ତେ ଉପମା କୁମାରୀ ବିଶ୍ୱାଳ, ସାମ୍ବାଦିକତା କ୍ଷେତ୍ରରେ ପରେଶ ଚନ୍ଦ୍ର ଦାସ, କ୍ରୀଡାବିତ ଏବଂ ଯୋଗ ଗୁରୁ ଭରତ କୁମାର ସାହୁଙ୍କୁ ଉପଢୌକନ, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ସୁରେଶ ଚନ୍ଦ୍ର ଦାସଙ୍କୁ 'କେନ୍ଦ୍ରାପଡା ଶିଳ୍ପୀକଳା' ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ସତ୍ୟବାନ ବିଶ୍ୱାଳ, ଦୀପ୍ତି ରଞ୍ଜନ ବିଶ୍ୱାଳ, ବୈଲୋଚନ ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ ଓ ଅଶୋକ ବିଶ୍ୱାଳ ପ୍ରଭୃତି ସହଯୋଗ କରିଥିଲେ । ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ସଂଯୋଜକ ଅଧାପକ ଡ. ହିମାଂଶୁ ପରିଡା ସଭା ସଂଯୋଜନା କରିଥିବା ବେଳେ କେଶବ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କେବଳ ଜାତି ନୁହେଁ, ଯୋଗ୍ୟତାକୁ ମଧ ବିଚାରକୁ ନେଉଛି ବାଥୁଡ଼ି ଜନଜାତି : ସାଲାଏ ମାର୍ଣ୍ଡି

ଉଦଳା, ୧୯/୪ (ନି.ପ୍ର): ଆଗକୁ ଆସୁଛି ନିର୍ବାଚନ । ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳି ଆସନଟି ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବାରୁ ଏଠାରେ ପ୍ରାର୍ଥି ହେବା ପାଇଁ ବିଭିନ୍ନ ଜନଜାତିଙ୍କ ମଧରେ ପ୍ରତିଥର ପରି ଏଥର ମଧ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି । ତେବେ ଏଠାରେ କେବଳ ବାଥୁଡ଼ି ଜନଜାତିର ଭୋଟ ୪୫ ପ୍ରତିଶତ ଥିବାରୁ ଉକ୍ତ ଜନଜାତିର ଲୋକେ କ୍ଷମତା ଦଖଲ ପାଇଁ ଆଶା ବାନ୍ଧିଛନ୍ତି । ଏଥର କିନ୍ତୁ ରାଜନୀତି ପାଣିପାଗରେ ବାଥୁଡ଼ି ଜନଜାତି ମଧରେ ଭିନ୍ନ ପ୍ରକାର ଉଷ୍ମତା ବାରିହୋଇ ପଡୁଥିବାର କଥା ସାମ୍ବାଦିକ ସାଲାଏ ମାର୍ଣ୍ଡି ଜଣାଇଛନ୍ତି । କେବଳ ଜାତି ଦେଖି ଅନ୍ଧ ଭାବେ ଭୋଟ ଦେବାକୁ ଲୋକେ ପସନ୍ଦ କରୁନଥିବାର କଥା ଚର୍ଚ୍ଚା ହେଉଛି । ଜାତି ସହିତ ଯୋଗ୍ୟତା ଯଥା- ଶିକ୍ଷାଗତ ଯୋଗ୍ୟତା ଓ କାମ କରିବାର ଦକ୍ଷତା ସବୁକିଛିକୁ ବିଚାରକୁ ନେଉଥିବାର କଥା ଶୁଣିବାକୁ ମିଳୁଛି । ବାଥୁଡ଼ି ଜନଜାତିର ବହୁ ଉଚ୍ଚ ଶିକ୍ଷିତ ଓ ଦକ୍ଷତା ସମ୍ପନ୍ନ ବ୍ୟକ୍ତି ଏଥର ପ୍ରାର୍ଥି ହେବାକୁ ଚାହୁଁଛନ୍ତି । ଯଦି କୌଣସି ରାଜନୈତିକ ଦଳ ତରଫରୁ ଏହିଭଳି ପ୍ରାର୍ଥିଙ୍କୁ ଟିକଟ ନ ମିଳେ ତେବେ ସ୍ୱାଧିନ ପ୍ରାର୍ଥି ଭାବରେ ସମସ୍ତେ ମିଳିମିଶି ତାଙ୍କୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ପ୍ରସ୍ତାବ ଦେବେ ବୋଲି ଶୁଣାଯାଉଛି । ବାଥୁଡ଼ି ଜନଜାତିର ଏଭଳି ନିଷ୍ପତିକୁ ସାଲାଏ ପ୍ରଶଂସା କରିବା ସହିତ ଏହା ଅନ୍ୟ ଜନଜାତିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ମତ ଦେଇଛନ୍ତି । ଯେଉଁଠି କେବଳ ଜାତି ଦେଖି ଭୋଟ ଦିଆଯାଏ, ଯୋଗ୍ୟତାକୁ ଆଦୌ ବିଚାରକୁ ନିଆଯାଏ ନାହିଁ, ସ୍ଥାନୀୟ ଭାଷାରେ ଏହାକୁ 'ମୁର୍ଖଙ୍କ ବିଚାର' ବୋଲି କୁହାଯାଇଥାଏ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପ୍ରଥମ ପର୍ଯ୍ୟାୟ ଭୋଟିଂ...

୩୧ ବିଧାନସଭା ପାଇଁ ଏକା ସହ ମତଦାନ ହୋଇଛି । ଦେଶର ୨୧ ରାଜ୍ୟରେ ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଜାରି ରହିଛି । ଏହି ସମୟରେ ଭୋଟିଂ ବେଳେ ଛତିଶଗଡ ବସ୍ତରରେ ହୋଇଛି ଆଇଡି ବିସ୍ଫୋରଣ । ଏହି ଘଟଣାରେ ସିଆରପିଏଫ୍ ସୂଚନା ମିଳିଛି । ସେପଟେ ମଣିପୁରରେ ମଧ ହିଂସା ଦେଖାଦେଇଛି । ଏଠାରେ ମତଦାନ ଚାଲିଥିବାବେଳେ ଏକ ବୁଥ ବାହାରେ ଗୁଳିମାଡ ହୋଇଥିବା ଖବର ରହିଛି ।

### ଆକ୍ସନ ମୋଡ୍‌ରେ ସୁରକ୍ଷା....

ମୁପ୍ପାଲା ଲକ୍ଷ୍ମଣ ଓ ନମ୍ବଲା କେଶବ ରାଓ, ଛତିଶଗଡ଼ ସୀମାନ୍ତରେ କେ. ସତ୍ୟନାରାୟଣ ରେଡ୍ଡି, ଝାଡ଼ଖଣ୍ଡର ମିଶିର ବେଶ୍ରା ଓ ସୁଧାକର, ଛତିଶଗଡ଼ ଓ ମହାରାଷ୍ଟ୍ର ଜଙ୍ଗଲରେ ସକ୍ରିୟ ଏମ୍. ବେଣୁଗୋପାଳ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଜଙ୍ଗଲରେ ସକ୍ରିୟ ଚନ୍ଦ୍ରୀ ଯାଦବ, ଛତିଶତଗଡ଼ ଓ ତେଲେଙ୍ଗାନାରେ ସକ୍ରିୟ ପାଲୁରି ପ୍ରସାଦ ରାଓ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଅସୀମ ମଣ୍ଡଳ। କେବଳ ଏମାନେ ନୁହଁନ୍ତି, ଓଡ଼ିଶାରେ ସକ୍ରିୟ ଥିବା ୩ ନକ୍ସଲ ମଧ ଅଛନ୍ତି ସୁରକ୍ଷା କର୍ମୀଙ୍କ ସୁଟ୍-ଆଟ୍-ସାଇଟ୍ ତାଲିକାରେ। ଓଡ଼ିଶାରେ ସକ୍ରିୟ ମଡେମ୍ ବାଲାକ୍ରିଷ୍ଣା, ଆନ୍ଧ୍ର-ଓଡ଼ିଶା ସୀମାରେ ସକ୍ରିୟ ଅକ୍କି ରାଜ୍ ଓରଫ୍ ହରଗୋପାଳ ଓ ଆନ୍ଧ୍ରପ୍ରଦେଶ-ଓଡ଼ିଶା-ଛତିଶଗଡ଼ ଟ୍ରାଇଜଙ୍କସନରେ ଅପରେଟ୍ କରୁଥିବା ମଲ୍ଲରାଜି ରେଡ୍ଡି। ବାକି ଜଣେ ଜଣେ ନକ୍ସଲ ପରଭେଜର ଏଯାଏଁ ପତ୍ତା ମିଳିନଥିଲେ ମଧ ତାକୁ ଟ୍ରାକ କରି ନିପାତ କରିବାକୁ ଚେଷ୍ଟା ଚାଲିଛି। ଜାତୀୟ ଗଣମାଧମରେ ପ୍ରକାଶିତ ଖବର ଅନୁସାରେ, ଲାଲବାହିନୀର ଗଡ଼ କୁହାଯାଉଥିବା ବସ୍ତର ଡିଭିଜନରେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଟଳିଲେଣି ୭୯ ନକ୍ସଲ। ଗତ ୧୫ ଦିନ ଭିତରେ ୨ଟି ବଡ଼ ଅପରେସନରେ ମରିଛନ୍ତି ୪୨ ନକ୍ସଲ। ଦୁଇ ଦିନ ତଳେ କାଙ୍କେରରେ ଶଙ୍କର ରାଓ ସମେତ ୨୯ ସକ୍ସଲ ସଫା ହେବା ପରେ ବଢ଼ିଛି ସୁରକ୍ଷାକର୍ମୀଙ୍କ ମନୋବଳ। ନକ୍ସଲମାନେ ଯେଉଁଠି ଆଡ୍ଡା କରିଥିଲେ, କୁହାଯାଉଛି ଠିକ୍ ସେହି ସ୍ଥାନର ପିନ୍-ପଏଣ୍ଟ ଲୋକେସନ ଡାଟା ଓ ଗ୍ରୀଡ ମ୍ୟାପ ଦେଇଥିଲା କେନ୍ଦ୍ର ଗୃହ ମନ୍ତ୍ରାଳୟ। ବସ୍ତର ଆଇଜି ସୁନ୍ଦରରାଜ.ପି ମଧ କହିଛନ୍ତି ଯେ, ନକ୍ସଲ ବିରୋଧୀ ଅପରେସନ ଏବେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଏହାକୁ ଆହୁରି ଜୋରଦାର କରାଯିବ। ଖୁବଶୀଘ୍ର ଦେଶରୁ ନକ୍ସଲବାଦ ଖତମ ହୋଇଯିବ ବୋଲି ଦୃଢ଼ୋକ୍ତ ପ୍ରକାଶ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ।

### ଚଳିତ ବର୍ଷ ପ୍ରଥମ ଥର ପାଇଁ ...

୪୨.୪, ଚାନ୍ଦବାଲିରେ ୪୨.୨, ପାରଳାଖେମୁଣ୍ଡିରେ ୪୨.୨, କେନ୍ଦୁଝରରେ ୪୨.୨, ହୀରାକୁଦରେ ୪୨.୧ ଓ ଢେଙ୍କାନାଳରେ ୪୨.୫ ଡିଗ୍ରୀ ରହିଛି। କେନ୍ଦ୍ରାପଡ଼ାରେ ତାପମାତ୍ରା ୪୧.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୋନପୁରରେ ୪୧.୮, ଭଦ୍ରକରେ ୪୧.୭, ରାୟଗଡ଼ାରେ ୪୧.୬, ଯାଜପୁରରେ ୪୧.୫, ଖୋର୍ଦ୍ଧାରେ ୪୧.୫, ନବରଙ୍ଗପୁରରେ ୪୧.୫, ଫୁଲବାଣୀରେ ୪୧.୫, ଭୁବନେଶ୍ୱରରେ ୪୧.୪, ଜଗତସିଂହପୁରରେ ୪୦.୮, ଛତ୍ରପୁରରେ ୪୦.୫ ଓ ବରଗଡ଼ରେ ୪୦.୪ ଡିଗ୍ରୀ ରହିଛି। ବାଲେଶ୍ୱରରେ ୩୯.୪ ଡିଗ୍ରୀ ରହିଥିବା ବେଳେ ଦେବଗଡ଼ରେ ୩୯, କୋରାପୁଟରେ ୩୮.୬, ଦାରିଙ୍ଗବାଡ଼ିରେ ୩୮ ଓ ପାରାଦୀପରେ ୩୪.୮ ଡିଗ୍ରୀ ରେକର୍ଡ ହୋଇଛି। ଚଳିତ ଏପ୍ରିଲ ମାସରେ ଏଯାବତ୍ ୬ ଦିନ ଅନୁଭୂତ ହେଲାଣି ହିଟୱେଭ୍। ଚଳିତ ମାସ ଆହୁରି ୩ ଦିନ ଅନୁଭୂତ ହେବ ହିଟୱେଭ୍। କାଲି ପାଇଁ ଗ୍ରୀଷ୍ମ ପ୍ରବାହରୁ ଅତି ଗ୍ରୀଷ୍ମ ପ୍ରବାହ ନେଇ ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି। ଏହି ଜିଲ୍ଲା ଗୁଡ଼ିକ ହେଉଛି- ନୟାଗଡ଼, ମୟୂରଭଞ୍ଜ, ଅନୁଗୋଳ ଓ ବୌଦ୍ଧ। ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହରୁ ଅତି ଗ୍ରୀଷ୍ମ ପ୍ରବାହ ସ୍ଥିତି ଦେଖାଦେଇପାରେ। ସେହିଭଳି ଗ୍ରୀଷ୍ମ ପ୍ରବାହ ନେଇ କେନ୍ଦୁଝର, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କନାଳ, ମାଲକାନଗିରି, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣି ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଦେଖାଦେଇପାରେ। ଏପ୍ରିଲରେ ସାଧାରଣତଃ ୧ରୁ ୩ ଦିନ ଯାଏଁ ହିଟୱେଭ୍ ଅନୁଭୂତ ହୁଏ। ଗତବର୍ଷ ଏପ୍ରିଲରେ ୫ ଦିନ ହିଟୱେଭ ଅନୁଭୂତ ହୋଇଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ପ୍ରାୟ ୫ ଦିନ ହେଲାଣି ରାଜ୍ୟରେ ସତେ ଯେପରି ଅଗ୍ନି ବର୍ଷା ହେଉଛି। ଦିନକୁ ଦିନ ଅଧିକରୁ ଅଧିକ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରୁଛି। ଆସନ୍ତାକାଲି ପର୍ଯ୍ୟନ୍ତ ସ୍ଥିତି ଏଭଳି ରହିବା ପରେ ୨୧ରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। କାଳବୈଶାଖୀ ପ୍ରଭାବରୁ ତାପମାତ୍ରା ଟିକେ ହ୍ରାସ ପାଇପାରେ। କିନ୍ତୁ ୨୫ ତାରିଖରୁ ପୁଣି ବଢ଼ିବ ପାରଦ। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ପକ୍ଷରୁ 'ଏକ୍ସ'ରେ ଏକ ପୋଷ୍ଟ ଜରିଆରେ ଦିଆଯାଇଛି ଏହି ସୂଚନା। ଏଥିରେ ଲେଖାଯାଇଛି, ୨୧ ଓ ୨୨ ତାରିଖରେ କାଳବୈଶାଖୀ ପ୍ରଭାବ ହେତୁ ୨୧ରୁ ୨୪ ମଧରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ହ୍ରାସ ପାଇବ ତଥା ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ନିସ୍ତାର ମିଳିବ। କିନ୍ତୁ ୨୫ ତାରିଖଠାରୁ ପୁଣି ତାପମାତ୍ରାରେ ବୃଦ୍ଧି ସମ୍ଭାବନା ରହିଛି। ତେଣୁ ୨୬ ଏପ୍ରିଲରୁ ମେ' ୨ ତାରିଖ ମଧରେ ରାଜ୍ୟରେ ପୁଣି ଉଷ୍ମ-ଆଦ୍ର ପାଣିପାଗ ରହିବା ସହ କିଛି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସମ୍ଭାନା ରହିଛି।

### ବୁଡ଼ିଗଲା ୫୦ ଯାତ୍ରୀଙ୍କୁ ....

ଡଙ୍ଗାଟି କେମିତି ବୁଡ଼ିଲା, ତାହା ଜଣାପଡ଼ି ନାହିଁ। ତେବେ ଡଙ୍ଗାରେ କ୍ଷମତାଠାରୁ ଅଧିକ ଲୋକ ବସିଥିଲେ ବୋଲି କୁହାଯାଉଛି। ସେହିପରି ତାହା ଏକ ପୁରୁଣା ଡଙ୍ଗା ଥିଲା ଓ ସେଥିରେ ଲାଇଫ ଜ୍ୟାକେଟ ବ୍ୟବସ୍ଥା ମଧ ନଥିଲା। ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ପୁଲିସ୍ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ପାଇଁ ଭୁବନେଶ୍ୱରରୁ ବିମାନ ଯୋଗେ ଝାରସୁଗୁଡ଼ାକୁ ୨ଟି ସର୍ଚ୍ଚ କ୍ୟାମେରା ପଠାଯାଇଛି। ତା'ସହିତ ୫ ଜଣ ସ୍କୁବା ଡାଇଭରଙ୍କୁ ମଧ ସେଠାକୁ ପଠାଯାଇଛି। ୨ ମୃତକଙ୍କ ପରିବାରକୁ ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ସହିତ ଉଦ୍ଧାର ପାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ବିଜେଡି ଛାଡ଼ିବେ ପୂର୍ବତନ ....

ହୋଇଯିବା ପରେ ସେ ବିଜେଡି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଛି। ପାଟ୍ଟଶାଣୀ ବିଜେପି ସହ ଆଲୋଚନା କରିଥିବା କୁହାଯାଉଛି। ତେବେ ଏହି ଚର୍ଚ୍ଚାକୁ ନେଇ ପାଟଶାଣୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହି। ପାଟ୍ଟଶାଣୀ ଭୁବନେଶ୍ୱରରୁ ୫ ଥର ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ନିକଟରେ ସାଂସଦ ପ୍ରସନ୍ନ ପାଟ୍ଟଶାଣୀଙ୍କ ଜ୍ୱାଇଁ ତଥା ଭୁବନେଶ୍ୱର-ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିଲେ। ପ୍ରିୟଦର୍ଶୀ ଟିକେଟ ପାଇଁ ଆଶାୟୀ ଥିଲେ। ହେଲେ ଟିକେଟ ନ ମିଳିବାରୁ ସେ ବିଜେଡି ଛାଡ଼ିଥିଲେ। ବିଜେପି ତାଙ୍କୁ ଭୁବନେଶ୍ୱର-ଉତ୍ତରରୁ ପ୍ରାର୍ଥୀ କରିଛି।

### ବରଗଡ଼ରୁ ଦୁଇ ଦିନରେ ଜବତ ....

ବରଗଡ ଜିଲ୍ଲା ହଲଦୀପାଲି ଛକଠାରେ ଟାଉନ୍ ଥାନା ପୁଲିସ୍ ଚେକିଂ ବେଳେ ଏକ ପିକ୍‌ଅପ୍ ଭ୍ୟାନରୁ ୧୦ ଲକ୍ଷ ନଗଦ ଟଙ୍କା ଜବତ କରିଥିଲା। ନୋଟ୍ ଗୁଡ଼ିକୁ ଛୋଟ ଛୋଟ ପ୍ୟାକେଟ୍‌ରେ ପ୍ୟାକିଂ ହୋଇଥିଲା।ଏହା ପୂର୍ବରୁ ସୁବର୍ଣ୍ଣପୁରରୁ ପର୍ଯ୍ୟାପ୍ତ ପରିମାଣର ଟଙ୍କା ଜବତ ହୋଇଥିଲା। ଆନ୍ଧ୍ରପ୍ରଦେଶର କିଛି ବ୍ୟକ୍ତି ଏକ କାରରେ ଟଙ୍କା ନେଇ ଯାଉଥିବା ବେଳେ ପୁଲିସ୍ ଧରିଥିଲା।

### ମଧପ୍ରାଚ୍ୟରେ ଘନେଇଲା....

ନେବାକୁ ଯାଇ ଇସ୍ରାଏଲ ୧୮ ତାରିଖ ରାତିରେ ଇରାନର ୩ଟି ସହରରେ ମିସାଇଲ ମାଡ଼ କରିଥିବା ଜଣାପଡିଛି । ଗୋଟେ ପଟେ ଚାଲିଛି ରୁଷ-ୟୁକ୍ରେନ ଯୁଦ୍ଧ । ଅନ୍ୟପଟେ ଗାଜାରେ ହମାସକୁ ଟାର୍ଗେଟ କରି ନରସଂହାର କରୁଛି ଇସ୍ରାଏଲ । ପ୍ରତିରକ୍ଷା ବିଶେଷଜ୍ଞଙ୍କ ଆଶଙ୍କା କରୁଛନ୍ତି ଯେ ଇସ୍ରାଏଲ-ଇରାନ ଯୁଦ୍ଧ କେବଳ ମଧପ୍ରାଚ୍ୟ ନୁହେଁ ବଂର ସମଗ୍ର ଆରବ କ୍ଷେତ୍ରର ପାଇଁ ବଡ ବିପଦ ଆଣିବ । ଗୋଟେ ପଟେ ଇସ୍ରାଏଲ ହମାସକୁ ଟାର୍ଗେଟ କରି ପାଲେଷ୍ଟାଇନ ଉପରେ ଆକ୍ରମଣ ଜାରି ରଖିଛି । ଏହା ଭିତରେ ଇରାନ ସହ ତିକ୍ତତା ଘନେଇବା ଯୋଗୁଁ ଚିନ୍ତାରେ ସାରା ବିଶ୍ୱ ।

### ଗାନ୍ଧିନଗରରୁ ନାମାଙ୍କନ ....

ପଟେଲଙ୍କ ସମେତ ବହୁ ସଂଖ୍ୟାରେ ବିଜେପି ନେତା ଆଜି ଶାହଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହାପରେ ସେ ଗାନ୍ଧିନଗରରେ ଏକ ବିଶାଳ ରାଲି କରି ଯାଇ ନିଜ ସମର୍ଥକଙ୍କ ଉପସ୍ଥିତିରେ ନୋମିନେସନ୍ ଦାଖଲ କରିଛନ୍ତି। ଏହି ଆସନରେ ଶାହଙ୍କର ସୋନଲ ପଟେଲଙ୍କ ସହ ଲଢ଼େଇ ହେବ । କଂଗ୍ରେସର ପାର୍ଟି ସେକ୍ରେଟେରୀ ସୋନଲ ପଟେଲ ଗାନ୍ଧିନଗର ସିଟ୍‌ରୁ ନାମାଙ୍କନ ଦାଖଲ କରିଛନ୍ତି। ଗୁଜରାଟରେ ମେ' ୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ଓ ଜୁନ୍ ୪ ତାରିଖରେ ଫଳାଫଳ ଘୋଷିତ ହେବ । ୨୦୧୭ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଅମିତ ଶାହ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ରୁ ସେ ପ୍ରଥମ ଥର ସେ ଗାନ୍ଧିନଗରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ଚଳିତ ଥର ଦ୍ୱିତୀୟ ଥର ପାଇଁ ସେ ଗାନ୍ଧିନଗରରୁ ନାମାଙ୍କନ ଦାଖଲ କରିଛନ୍ତି। ୧୯୯୧ ମସିହାରୁ ଗାନ୍ଧିନଗର ସିଟ୍ ବିଜେପି ପାଖରେ ରହିଛି। ଏଠାରୁ ୬ ଥର ସାଂସଦ ଭାବେ ନିର୍ବାଚିତ ହୋଇ ସାରିଛନ୍ତି ବିଜେପିର ବରିଷ୍ଠ ନେତା ଏଲ.କେ ଆଡ଼ଭାଣୀ । ୧୯୯୬ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ବିଶ୍ୱର ସବୁଠୁ ବଡ଼ ଗଣତାନ୍ତ୍ରିକ ଦେଶ ଭାରତରେ ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଛି। ୧୭ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଆସନ ପାଇଁ ମତଦାନ ଚାଲିଛି।

ଶନିବାର, ଏପ୍ରିଲ ୨୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କଂଗ୍ରେସକୁ ଭୋଟ ନ ଦେବା ପାଇଁ ଲୋକଙ୍କୁ କହିଲେ ମମତା ବାନାର୍ଜୀ

କୋଲକାତା, ୧୯/୪: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ବିରୋଧୀ ଇଣ୍ଡିଆ ମେଣ୍ଟରେ ଥିବା ସିପିଆଇ(ଏମ) ଓ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଉଭୟ ଦଳ ବେଙ୍ଗଲରେ ବିଜେପି ସହ ହାତ ମିଳାଇଛନ୍ତି। କଂଗ୍ରେସ ଓ ସିପିଆଇଏମ ସପକ୍ଷରେ ଭୋଟ ନ ଦେବାକୁ ମଧ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି । ମୁର୍ଶିଦାବାଦରେ ଗୋଟିଏ ନିର୍ବାଚନ ରାଲିକୁ ସମ୍ବୋଧନ କରି ଦିଦି କହିଛନ୍ତି, "ପଶ୍ଚିମବଙ୍ଗରେ କୌଣସି ପ୍ରକାରର ଇଣ୍ଡିଆ ମେଣ୍ଟ ନାହିଁ। ବିରୋଧୀ ମେଣ୍ଟ ଇଣ୍ଡିଆ ଗଠନ କରିବାରେ ମୁଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲି। ଏପରି କି ମେଣ୍ଟର ନାଁ ମୁଁ ଦେଇଥିଲି। କିନ୍ତୁ ପଶ୍ଚିମବଙ୍ଗରେ ସିପିଆଇଏମ ଓ କଂଗ୍ରେସ ମିଳିତ ଭାବେ ବିଜେପି ପାଇଁ କାମ କରୁଛନ୍ତି । ଯଦି ଆପଣମାନେ ବିଜେପିକୁ ହରାଇବା ପାଇଁ ଚାହୁଁଛନ୍ତି, ତା'ହେଲେ କେବେ ହେଲେ କଂଗ୍ରେସ ଓ ସିପିଆଇଏମକୁ ଭୋଟ ଦିଅନ୍ତୁ ନାହିଁ। ସେମାନଙ୍କୁ ଭୋଟ ଦେଇ ନିଜର ଭୋଟରଙ୍କୁ ଅଯଥା ନଷ୍ଟ କରନ୍ତୁ ନାହିଁ।" କଂଗ୍ରେସ ଓ ଟିଏମସି ଇଣ୍ଡିଆ ମେଣ୍ଟରେ ଥିଲେ ହେଁ ପଶ୍ଚିମବଙ୍ଗରେଆ ଦୁଇ ଦଳ ମଧରେ ସିଟ୍ ବୁଝାମଣା ଡିଲ୍ ଫାଇନାଲ ହୋଇ ପାରି ନଥିଲା। ତେଣୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ତାଙ୍କ ଦଳ ଟିଏମସି ଏକାକୀ ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଥିଲେ।



# ଆଇ.ଏ.ଏସ୍ ପ୍ରାପ୍ତ ସୌରଭଙ୍କୁ ସମ୍ବର୍ଦ୍ଧନା ଜଣାଇଲା ସିଭିଲ ସୋସାଇଟି



ବଡ଼ସାହି , ୧୯/୪ (ନି.ପ୍ର): ସର୍ବଭାରତୀୟ ପ୍ରଓଶାସନିକ ସେବା (ସିଭିଲ ସର୍ଭିସ) ପରୀକ୍ଷାରେ ଯୋଗ୍ୟ ବିବେଚିତ ବେତନଟୀ ମାଟିର ଗର୍ବ ଓ ଗୌରବ ସୌରଭ ଦାସଙ୍କୁ ସିଭିଲ ସୋସାଇଟି, ବେତନଟୀ ତରଫରୁ ଉଚ୍ଛସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି। ଏଥି ନିମନ୍ତେ ତାଙ୍କ ବାସଭବନଠାରେ ସୋସାଇଟିର ସଭାପତି ଚୂଡ଼ାମଣି ମହାପାତ୍ର ଓ ସଂପାଦକ ସଚିଦାନନ୍ଦ ମହାନ୍ତି ଏବଂ ମିଡିଆସେଲର ଅରୁଣ କୁମାର ଓତାଙ୍କ ନେତୃତ୍ୱରେ ସିଭିଲିଆନଗଣ ଏକତ୍ରିତ ହୋଇ ଫୁଲତୋଡ଼ା ଦେବାସହ କେକ୍ କାଟି ଶୁଭାର୍ଶୀବାଦ ଜ୍ଞାପନ କରିଥିଲେ ।ଏହି ନେତୃମଣ୍ଡଳୀରେ ବାସୁଦେବ ନାପିତ , ବିଜୟ କୁମାର ଦ୍ୱିବେଦୀ, ଯତିନ୍ଦ୍ରନାଥ ସାହୁ, ସହଦେବ ଗିରି, ଶ୍ରୀକୃଷ୍ଣ ମହାନ୍ତ, ରବିନ୍ଦ୍ର ନାଥ ପ୍ରଧାନ, କମଳ ଲୋଚନ କର ଓ ଜୟଚନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରିଥିଲେ । ସମ୍ବର୍ଦ୍ଧନା ପରେ ଆଲୋଚନାକ୍ରମେ ସୌରଭ ଦାସ କଠିନ ପରିଶ୍ରମ ଓ ଅଧ୍ୟବସାୟ, ଲକ୍ଷ୍ୟ ହାସଲ ନିମନ୍ତେ ଏକଗ୍ରତା ଏବଂ ପିତାମାତା, ଗୁରୁଜନ ତଥା ଶିକ୍ଷକମାନଙ୍କ ଶୁଭାଶିଷ ହିଁ ତାଙ୍କ ସଫଳତାର ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ କ୍ଷ ସୌରଭ ଜଣେ ଇଞ୍ଜିନିଅର ଏବଂ ପିତା ମୀନକେତନ ଦାସ ଅବସରପ୍ରାପ୍ତ ଡାଏଟ୍ ପ୍ରିନସପାଲ ଓ ମାତା ଅବସରପ୍ରାପ୍ତା ବେତନଟୀ ମହାବିଦ୍ୟାଳୟର ଅଧକ୍ଷା ଅଟନ୍ତି । ତାଙ୍କ ଘର ବେତନଟୀବ ବ୍ଲକର ନଡପୁର-ନୂଆଗାଁ ଗ୍ରାମରେ ଏବଂ ବେତନଟୀରେ ସପରିବାର ଅବସ୍ଥାନ କରୁଛନ୍ତି ।

# ନିର୍ବାଚନ ସମୟରେ ଧାରା ୧୪୪ ଲାଗୁ କରିବାକୁ ସୁପ୍ରିମକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୯/୪ (ନି.ପ୍ର): ନିର୍ବାଚନ ସମୟରେ ଧାରା ୧୪୪ ଲାଗୁ କରିବା ପରେ ସୁପ୍ରିମକୋର୍ଟ ମଧ୍ୟବର୍ତୀକାଳୀନ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ବି.ଆର ଗାୱାଇଙ୍କ ନେତୃତ୍ୱରେ ଏକ ବେଂଚ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ଭୋଟରଙ୍କୁ ନିର୍ବାଚନ ବିଷୟରେ ଶିକ୍ଷା ଦେବା ପାଇଁ ଏକ ଯାତ୍ରା ଆୟୋଜନ ପାଇଁ ଅନୁମତି ମାଗନ୍ତି, ତେବେ ସମ୍ପୃକ୍ତ କର୍ତୃପକ୍ଷ ତିନି ଦିନ ମଧ୍ୟରେ ନିଷ୍ପତି ନେବା ଉଚିତ । ଜିଲ୍ଲା ମାଜିଷ୍ଟ୍ରେଟ୍ ମାନେ ନିୟମିତ ନିର୍ବାଚନ ପୂର୍ବରୁ ଧାରା ୧୪୪ ଆହ୍ୱାନ କରିପାରିବେ କି ନାହିଁ ତାହା ବିଚାର କରିବାକୁ ରାଜି ହୋଇଥିଲେ । ଦୁଇ ସପ୍ତାହ ପରେ କୋର୍ଟ ଏହି ମାମଲାର ଶୁଣାଣି କରିବେ । ଆବେଦନକାରୀଙ୍କ ପାଇଁ ହାଜର ହୋଇଥିବା ଆଡ଼ଭୋକେଟ୍ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ଯଦି ଶାନ୍ତି ଭଙ୍ଗ ହେବାର ସମ୍ଭାବନା ନଥାଏ, ତେବେ ଆପଣ ଧାରା ୧୪୪ ଅନୁଯାୟୀ ନିର୍ଦ୍ଦେଶ ଜାରି କରିପାରିବେ ନାହିଁ । ନିର୍ବାଚନ ପୂର୍ବରୁ ଏହା କରାଯାଉଛି ଏବଂ ସମସ୍ତ ରାଲି ଇତ୍ୟାଦି ବନ୍ଦ କରାଯାଇଛି । ସେ କହିଛନ୍ତି ଯେ, ସାମାଜିକ କାର୍ଯ୍ୟକର୍ତା ଅରୁଣା ରାୟ ଗଣତାନ୍ତ୍ରିକ ଯାତ୍ରା ସମ୍ବନ୍ଧରେ ଅନୁମତି ପାଇଁ ବାଡ଼ମେର ଜି୍ଲାରେ ଆବେଦନ କରିଥିଲେ ଯାହା ଦ୍ୱାରା ଭୋଟରମାନେ ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ବ୍ୟବହାର କରିପାରିବେ କିନ୍ତୁ ବାଡ଼ମେର ଜିଲ୍ଲା ପ୍ରଶାସନ ତାଙ୍କୁ ଧାରା ୧୪୪ ଦର୍ଶାଇ ଯାତ୍ରା କରିବାକୁ ଅନୁମତି ଦେଇନାହିଁ ।

# ମୟୁରଭଞ୍ଜ ବାଲିମେଳା ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ




ବାରିପଦା, ୧୯/୪ (ନି.ପ୍ର): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଠାରୁ ବାରିପଦା ଠାରେ ଆରମ୍ଭ ହୋଇଥିବା ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇ ଯାଇଛି । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, ବିଶିଷ୍ଟ ଅତିଥି ଭାବରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ସଂଜୀବ କୁମାର ମହାନ୍ତି, ସାମ୍ବାଦିକ ସୌରଭ ପଟ୍ଟନାୟକ, ସମାଜସେବୀ ରଜତ କୁମାର ପଣ୍ଡା, ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ବଳାଙ୍ଗୀ ମହୋତ୍ସବର ଅଧକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତିର ଅବକ୍ଷୟକୁ ନରୋକିଲେ ସାମାଜିକ ଏବକ୍ଷୟ ଅବଶ୍ୟମ୍ଭାବି ବୋଲି କହିବା ସହିତ ବାରିପଦା ଠାରେ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୨ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଏକ ସାଂସ୍କୃତିକ ଆନ୍ଦୋଳନ ଭାବରେ ପ୍ରତିଷ୍ଠିତ ହୋଇ ପାରିଛି ବୋଲି କହିଥିଲେ। ସହ ସମ୍ପାଦକ ଡ଼. ଶଶୀ ଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ବିଭିନ୍ନ କ୍ଷେତ୍ର ରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅତୀଶ କୁମାର ବେହେରା, ପ୍ରଶାନ୍ତ କୁମାର ପରୀକ୍ଷା, ଜନାର୍ଦ୍ଦନ ମହାନ୍ତ, ରଂଜନ କୁମାର ଦାଶ, ନରେନ୍ଦ୍ର ମୋହନ ସେନାପତି, ବଳରାମ ବେହେରା, ସନ୍ଦୀପ କୁମାର ନାୟକ, ସଞ୍ଜୟ କୁମାର ନାୟକ, ରାଜୀବ ଲୋଚନ ସେନାପତି, ସାଗରିକା ସେନାପତି, ରଜତ କୁମାର ପଣ୍ଡା, ପ୍ରକାଶ କାଣ୍ଡି, ଡ଼. ଶଶୀଧର ବିଶ୍ୱାଳ, ଡ଼. ଭାଗବତ ଲେଙ୍କା, ସମ୍ବିଧାନ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବଳାଙ୍ଗୀ ଟେଲେଣ୍ଟ ହଣ୍ଟର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବର ଶେଷ ଦିନରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞର ପୂର୍ଣ୍ଣାହୁତି ସହିତ ବିଭିନ୍ନ ବର୍ଗର ସ୍ଥାନୀୟ ନୃତ୍ୟ କଳାକାର ମାନଙ୍କର ନୃତ୍ୟ ପ୍ରତିଯୋଗିତା ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିବା ବେଳେ ମୟୁରଭଞ୍ଜର ପରମ୍ପରିକ ଝୁମର ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ବଳାଙ୍ଗୀ ସେନାର ଅଧକ୍ଷ କୁମରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ ପ୍ରମୁଖ ଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।

# ଅବକାରୀ ବିଭାଗର ଚଢ଼ାଉ: ଜଣେ ଗିରଫ

ବେତନଟୀ , ୧୯/୪ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନ ବେତନଟୀ ଅଞ୍ଚଳ ରେ ଆଜି ଅବକାରୀ ବିଭାଗ ଚଢାଉ କରି ଦେଶୀ ମଦ ଜବତ କରି ଜଣଙ୍କୁ ଗିରଫ କରିଛି ଅବକାରୀ ପୁଲିସ। ଅଭିଯୁକ୍ତ ଜଣଙ୍କ ହେଲେ ବେତନଟୀ ଥାନା ଅଧୀନ ଏସ ଏସ ମହୁଲିଆ ଗ୍ରାମର ଦୂର୍ଗା ଚରଣ ମହାନ୍ତ(୪୦) ବୋଲି ଜଣାପଡିଛି। ଚଢ଼ାଉ ସମୟରେ ତାଙ୍କ ପାଖରୁ ମୋଟ ୧୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢାଉ ରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଏସ.ଆଇ ସୁଧାଂଶୁ କୁମାର ବେହେରା, ଲିଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦର୍ଶନୀୟସ୍ଥାନ ପାଲଟିଛି ଛୁଆ ବାବାଙ୍କ ଅଲେଖ ମହିମା ଆଶ୍ରମ

ଉଦଳା, ୧୯/୪ (ନି.ପ୍ର): କପ୍ତିପଦା ବ୍ଲକର ନୁଦଡ଼ିହା ପଂଚାୟତ ଅନ୍ତର୍ଗତ ପୋଟଳଡ଼ିହା ଗ୍ରାମରେ ରହିଛି ଛୁଆ ବାବାଙ୍କ ଅଲେଖ ମହିମା ଆଶ୍ରମ । ସମଗ୍ର ଉତର ଓଡ଼ିଶାରେ ବର୍ତମାନ ଏହି ଆଶ୍ରମଟି ସୃଷ୍ଟି କରିଛି ତାର ଏକ ସ୍ୱତନ୍ତ୍ର ପରିଚୟ । ସୁନ୍ଦର ପ୍ରାକୃତିକ ପରିବେଶ ସାଙ୍ଗକୁ ଅଲେଖ ମହିମା ଧର୍ମର ପ୍ରଚାର ପ୍ରସାର ପାଇଁ ଏହା ଏକ ପେଣ୍ଠସ୍ଥଳୀ ଭାବରେ ପରିଗଣିତ ହେଉଛି । ତା ଛଡ଼ା ଔଷଧ ଗଛର ଉଦ୍ୟାନ ଭାବରେ ମଧ ଏହି ଆଶ୍ରମକୁ ଲୋକେ ଜାଣି । ଆୟୁର୍ବେଦ ଔଷଧର ପ୍ରସ୍ତୁତକର୍ତା ମାନେ ବହୁଳ ଭାବରେ ଉକ୍ତ ଆଶ୍ରମ ଉପରେ ନିର୍ଭର କରିଥାନ୍ତି । ଜଙ୍ଗଲ ସଂପଦକୁ ଲୋକେ ନଷ୍ଟ କରି ଦେଉଥିବା ବେଳେ ଛୁଆ ବାବାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଔଷଧ ବୃକ୍ଷର ଜଙ୍ଗଲ ପର୍ଯ୍ୟଟକ ମାନଙ୍କୁ ଏଠାକୁ ଆକୃଷ୍ଟ କରିଥାଏ । ସମଗ୍ର ଉତର ଓଡ଼ିଶା ସମେତ ଢ଼େଙ୍କାନାଳ ଜିଲ୍ଲାର ଜୋରନ୍ଦା ଗାଦିରୁ ଅଲେଖ ମହିମା ଧର୍ମର ସନ୍ୟାସୀ ମାନେ ଏଠାକୁ ଯାତାୟତ କରିଥାନ୍ତି । ନିୟମିତ ପ୍ରଭାତରେ ଓ ସନ୍ଧ୍ୟାରେ ଭୀମ ଭୋଇଙ୍କ ରଚିତ ଭଜନ ପରିବେଷଣର ଦୃଶ୍ୟ ଆଶ୍ରମରେ ସୃଷ୍ଟି କରିଥାଏ ଆଧାତ୍ମିକ ପରିବେଶ । ଆଶ୍ରମରେ ପାଳନୀୟ ଉତ୍ସବ ମାନଙ୍କରେ ହଜାର ହଜାର ଭକ୍ତଙ୍କର ସମାବେଶ ଦେଖିବାକୁ ମିଳିଥାଏ । ଏଠାରେ ଆୟୋଜିତ ଯଜ୍ଞରେ ଘୃତ ଆହୁତି ଦେଲେ ମାନସିକ ପୂରଣ ହୋଇଥାଏ ବୋଲି ଭକ୍ତ ମାନଙ୍କ ଠାରୁ ଶୁଣିବାକୁ ମିଳିଥାଏ । ଛୁଆ ବାବାଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଆଜି ଏହିଭଳି ଆଶ୍ରମଟିଏ ଏଠାରେ ସୃଷ୍ଟି ହୋଇ ପାରିଛି ବୋଲି ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣାଯାଇଥାଏ । ମୋଟା ଅଙ୍କରେ ଟଙ୍କା ଖର୍ଚ୍ଚ କରି ସରକାର ଯାହା କରିପାରି ନାହାଁନ୍ତି, ବିନା ବେତନରେ ଛୁଆ ବାବା ତାହା କରି ଦେଖାଇ ଦେଇପାରିଛନ୍ତି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳେ । ତ୍ୟାଗମୟ ଜୀବନର ବାସ୍ତବ ଚିତ୍ର ଏହି ଆଶ୍ରମର ଅନ୍ତେବାସୀଙ୍କ ଠାରେ ଦେଖିବାକୁ ମିଳିଥାଏ ।



# ବିଭିନ୍ନ ସ୍ଥାନରେ ପୁଲିସର ଫ୍ଲାଗମାର୍ଚ୍ଚ

ଖୋର୍ଦ୍ଧା, ୧୯/୪ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ କୁ ଅବାଧ, ନିରପେକ୍ଷ, ଶୃଙ୍ଖଳିତ ମତଦାନ ଲାଗି ଖୋର୍ଦ୍ଧା ସଦର ଓ ଶିଳ୍ପାଂଚଳ ପୁଲିସ ପକ୍ଷରୁ ଶୁକ୍ରବାର ବିଭିନ୍ନ ଅଂଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଶିଳ୍ପାଂଚଳ ପୁଲିସ ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ, ପୋଡାସାହି, ଉପକଣ୍ଠ ର ମୁକ୍ତାପୁର, ହଳଦିଆ ଅଂଚଳରେ ଥାନା ଅଧିକାରୀ ଗାୟତ୍ରୀ ମିଶ୍ର ଏବଂ ଅନ୍ୟ ପୁଲିସ ଅଧିକାରୀ, ସିଏପିଏଫ କର୍ମଚାରୀଙ୍କ ସହ ପୁଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ । ସେହିପରି ସଦରଥାନା ପୁଲିସ ବାଜପୁର ନନ୍ଦପୁର ପଂଚାୟତ ର ବିଭିନ୍ନ ଗ୍ରାମ ଅଂଚଳରେ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଫ୍ଲାଗମାର୍ଚ୍ଚ କରିଥିଲେ । ମଇ ୨୫ ତାରିଖରେ ଭୁବନେଶ୍ୱର ଲୋକସଭା ଏବଂ ବିଧାନସଭା ପାଇଁ ମତଦାନ ଗ୍ରହଣ କରାଯିବ । ଶୃଙ୍ଖଳିତ ନିର୍ବାଚନ ଲାଗି ଲୋକଙ୍କୁ ସଚେତନ ଉଦେ୍ଦଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ପୁଲିସ କହିଛି ।

# ଯୁବକର ଝୁଲନ୍ତା ମୃତଦେହ ଜବତ

ବେତନଟୀ, ୧୯/୪ (ନି.ପ୍ର): ବେତନଟୀ ଥାନା ଅଧୀନ ଭାଦୁଶୋଳ ଜଙ୍ଗଲ ରେ ଜନୈକ ୪୨ ବର୍ଷିୟ ଯୁବକ ର ଝୁଲନ୍ତା ମୃତଦେହକୁ ଆଜି ଜବତ କରିଛି ବେତନଟୀ ପୁଲିସ । ମୃତ ଯୁବକ ଜଣକ ହେଉଛନ୍ତି ବଡ଼ସାହି ଥାନା ଅଧୀନ ଉଠାଣି ନୂଆଁ ଗାଁ ଗ୍ରାମର ପ୍ରଫୁଲ୍ଲ ସାହୁ(୪୨) ବୋଲି ଜଣାପଡିଛି। ଘଟଣା ରୁ ପ୍ରକାଶ ପ୍ରଫୁଲ୍ଲ ଗୁରୁବାର ଦିନ ରାତି ତିନିଟା ରୁ ଘରୁ ବାହାରି ଆସି ଭାଦୁଶୋଳ ଜଙ୍ଗଲ ରେ ଆସି ଗଛରେ ଗାମୁଛା ଦ୍ୱାରା ଫାଶୀ ଦେଇଥିଲା। ଜଙ୍ଗଲ ରେ ଫାଶୀ ଦେଇଥିବା ଦେଖି ଗ୍ରାମବାସୀ ମାନେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ୧୨/୨୪ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

# ବିଶ୍ୱ ଐତିହ୍ୟ ଦିବସ ପାଳିତ



ଖୋର୍ଦ୍ଧା, ୧୯/୪ (ନି.ପ୍ର): ଖୋର୍ଦ୍ଧା ରାଧାବଲ୍ଲଭ ସାହିସ୍ଥ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି । ସଂଗ୍ରହାଧକ୍ଷ ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଆଇନଙ୍କ ଗଡ଼ଖୋର୍ଦ୍ଧା ଶ୍ରୀଜଗନ୍ନାଥ ମନ୍ଦିରର କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଓ ସେନା ବାହିନୀର ଉଚ୍ଚ ପଦାଧିକାରୀ ହୃଦାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାରେ ବହୁ ଦୁର୍ଗ ଗଡ଼, ମଠ ମନ୍ଦିର ଆଦି ପ୍ରାଚୀନ କୀର୍ତି ଥିଲେହେଁ ଜନସଚେନତା ଅଭାବରୁ ଓ ନିଷ୍କ୍ରିୟତା ଯୋଗୁ ସେଗୁଡ଼ିକ କ୍ରମକ୍ଷୟ ହେବାରେ ଲାଗିଛି । ଖ୍ରୀ.ପୂ. ପଂଚମ ଶତାବ୍ଦୀର ଶିଶୁପାଳଗଡ଼, ଷଷ୍ଠ ଶତାବ୍ଦୀର ଶୈଳୋଦ୍ଭବ ରାଜନ୍ୟଙ୍କ ବଙ୍କାଡ଼ ଦୁର୍ଗ, ଦ୍ୱାଦଶ ଶତାବ୍ଦୀର ଚନ୍ଦକା ଅରଣ୍ୟରେ ଥିବା ଗଙ୍ଗ ରାଜତ୍ୱର ବୁଆଳୀ ଦୁର୍ଗ ଓ ଷୋଡ଼ଶ ଶତାବ୍ଦୀର ଖୋର୍ଦ୍ଧା ଦୁର୍ଗ ସହିତ ବିଭିନ୍ନ ଗ୍ରାମରେ ୭୧ଟି ଗଡ଼ ମାଟିରେ ମିଶି ଗଲାଣି । ଭୁବନେଶ୍ୱର ବ୍ୟତୀତ ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିର, ଟାଙ୍ଗିର ଚଣ୍ଡେଶ୍ୱର ମନ୍ଦିର, ହାଡ଼ପଦାର ଦକ୍ଷିଣଚଣ୍ଡି ମନ୍ଦିର, ବୁଢ଼ାପଡ଼ାର ସୋମନାଥ ମନ୍ଦିର, କାକୁଡ଼ିଆର ଗୋପୀନାଥ ମନ୍ଦିର, ରଥିପୁର ଓ କନ୍ତଳବାଇର ଗୋପାଳ ମନ୍ଦିର, ମନ୍ଦିର ମାଳିନୀ ଗଡ଼ ଖୋର୍ଦ୍ଧାର ଦୁଇଟି ମଠ ଓ ପାଂଚଟି ମନ୍ଦିର ଅବହେଳିତ ହୋଇ ରହିଅଛି । ସେହିପରି ଶିଳାଲେଖମାନଙ୍କ ମଧ୍ୟରୁ ବରୁଣେଇ ପାଣ୍ଡବଘରା ଗୁମ୍ଫାରେ ଉତ୍କୀର୍ଣ୍ଣ ପ୍ରାୟ ଦୁଇ ହଜାର ବର୍ଷର ପ୍ରତ୍ନ ଓଡିଆ ଲିପି, ବଙ୍କାଡ଼ଗଡ଼ର ଶିଳାଲେଖ, ଭୋଗପୁର ପାହାଡ଼ ଶୀର୍ଷସ୍ଥ ଗୁମ୍ଫାର ଲିପି, ବେଗୁନିଆ ସନ୍ନିକଟ କୁଶପଲ୍ଲାଗଡ଼ ସନ୍ନିକଟ କୂପରେ ସ୍ଥାନିତ ଶିଳାଲେଖ ଗୁଡିକ ପ୍ରାକୃତିକ ଓ ମାନବକୃତ ଅବକ୍ଷୟରୁ ରକ୍ଷା ପାଇଁ ଲୁହାବାଡ଼ ଦେଇ ଆବଦ୍ଧ କରିବାକୁ ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ଯଥାଶୀଘ୍ର ପଦକ୍ଷେପ ନେବାକୁ ସଭାରେ ମତପ୍ରକାଶ ପାଇଛି । ସେହିପରି ଐତିହାସିକ ଖୋର୍ଦ୍ଧା ଦୁର୍ଗର ଉତ୍ଖନନ ଭାରତୀୟ ପ୍ରତ୍ନତାତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା କରାଗଲେ ଦୁର୍ଗ ଅଭ୍ୟନ୍ତରସ୍ଥ ପ୍ରାଚୀନ କୀର୍ତି ଲୋକଲୋଚନକୁ ଆସିପାରନ୍ତା । ଦୁଇ ଦଶନ୍ଧି ପୂର୍ବେ ସ୍ଥାନୀୟ ଲୋକଙ୍କ ଦାବୀ ଯୋଗୁ ଅଟ୍ରି ହଟକେଶର ମନ୍ଦିର ଚୂନ ସିମେଂଟ ପଲସ୍ତରା ହୋଇଥିବାରୁ ଅଭ୍ୟନ୍ତରସ୍ଥ ସୂକ୍ଷ୍ମ କାରୁକାର୍ଯ୍ୟ ଲୋକଲୋଚନକୁ ଆସିପାରୁ ନାହିଁ । ପୁରୀ ଜଗନ୍ନାଥ ମନ୍ଦିର ଭଳି ଚୂନ ପଲସ୍ତରା କଢ଼ାଗଲେ ସୁନ୍ଦର କାରୁକାର୍ଯ୍ୟ ଦୃଶ୍ୟମାନ ହୁଅନ୍ତା । ଆଜିର ଉତ୍ସବକୁ ସଂଗ୍ରାହଳୟର ପରିଚାଳିକା ସୁଶ୍ରୀ ଗୀତାଞ୍ଜଳି ଦାସ ଓ ଅର୍ଚିସ୍ମାନ ଦାସ ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ବରହମପୁରରେ ବଣସୀମା ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ



ନୀଳଗିରି, ୧୯/୪ (ନି.ପ୍ର): ନୀଳଗିରି ଉପଖଣ୍ଡ ବରହମପୁର ଠାରେ ଆରମ୍ଭ ହୋଇଯାଇଛି ବଣସୀମା ସାଂସ୍କୃତିକ ମହୋତ୍ସବ । ଚଳିତ ବର୍ଷ ଏହି ମହୋତ୍ସବ ଏପ୍ରିଲ ୧୭ ରୁ ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହେବାର ନିଷ୍ପତି ନିଆଯାଇଅଛି। ୨୦୨୩ ମସିହାରେ ଆରମ୍ଭ ହୋଇ ୨ୟ ବର୍ଷରେ ପଦାର୍ପଣ କରିଛି ଏହି ମହୋତ୍ସବ। ପ୍ରଥମ ଦିନରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଡ୍ ?କୋ ମହାପ୍ରବନ୍ଧକ ସରୋଜ ସେଠୀ,ଡଃ. ଅକ୍ଷୟ ପାଣିଗ୍ରାହୀ, ବାଲେଶ୍ୱର ଜିଲ୍ଲା ସ୍କୁଲ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ, ସଂଗୀତ ନିର୍ଦ୍ଦେଶକ ଟୁନୁ ପଟ୍ଟନାୟକ ଉପସ୍ଥିତ ରହି ଉଦ୍ ?ଘାଟନ କରିଥିଲେ। ବଣସୀମାର ବିକାଶ ଏବଂ ସାଂସ୍କୃତିକ ମହୋତ୍ସବର ବିକାଶ ଉପରେ ବିଭିନ୍ନ ମତ ପ୍ରକାଶ କରିଛନ୍ତି ଉପସ୍ଥିତ ଅତିଥିଗଣ । ରଙ୍ଗ ବେରଙ୍ଗ ଆଲୋକସଜ୍ୟା ସହିତ ବିଭିନ୍ନ ପ୍ରକାରର ବ୍ୟବସାୟୀକ ଦୋକାନ ବଜାର, ଛୋଟ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଦୋଳି ଏହି ମହୋତ୍ସବକୁ ଉତ୍ସବ ମୁଖରିତ କରିଅଛି। ତତ୍ ସହିତ ବିଭିନ୍ନ ଟିଭି ସିନେମା କଳାକାର ମାନଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିବାର ଦୃଶ୍ୟମାନ ହୋଇଅଛି। ବଣସୀମାର ଚାରିପାଖ ଅଞ୍ଚଳରୁ ଏହି ମହୋତ୍ସବ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିବାର ଦେଖାଯାଇଛି। ଉକ୍ତ ମହୋତ୍ସବରେ ସଭାପତି ସନ୍ତୋଷ କୁମାର ବେହେରା, ସମ୍ପାଦକ ପ୍ରଫୁଲ କୁମାର ବେହେରା, ଉପ-ସଭାପତି ଭାସ୍କର ବେହେରା, ଉପ-ସମ୍ପାଦକ ପ୍ରଭାତ ବେହେରାଙ୍କ ସମେତ ଅରୁଣ ବେହେରା, ରବିନ୍ଦ୍ର ବେହେରା, ସଂଜୀବ୍ ଚୌଧୁରୀ (ବୁଢା ଭାଇ), ବାଦଲ ବାରିକ୍, ପ୍ରଶାନ୍ତ ଦାସ, ଜୟନ୍ତ ପୁଟୀ, ବିଜୟ ପସା, ସାଜନ ବାରିକ୍ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ।

# ନନ୍ଦନକାନନରେ ଧଳା ବାଘୁଣୀ ସ୍ନେହାର ମୃତ୍ୟୁ

ଭୁବନେଶ୍ୱର, ୧୯/୪ (ନି.ପ୍ର): ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଧଳା ବାଘୁଣୀ ସ୍ନେହାର ୧୪ ବର୍ଷ ବୟସରେ ମୃତ୍ୟୁ ଘଟିଛି । ବୟସାଧିକ ଜନିତ ରୋଗ ଯୋଗୁ ତା'ର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସ୍ନେହାର ମୃତ୍ୟୁ ସହିତ ନନ୍ଦନକାନନରେ ଏବେ ବାଘଙ୍କ ସଂଖ୍ୟା ୨୭କୁ ଖସି ଯାଇଛି। ଧଳା ବାଘ କୁସୁମ ଓ ନିଶାନର ଔରସରୁ ଜନ୍ମ ନେଇଥିଲା ସ୍ନେହା। ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ସ୍ନେହା ବାଘୁଣୀକୁ ୧୪ ବର୍ଷରୁ ଅଧିକ ବୟସ ହୋଇଯାଇଥିଲା। ଚିଡ଼ିଆଖାନାରେ ଯେଉଁ ବାଘ, ବାଘୁଣୀମାନେ ରହନ୍ତି ସେମାନଙ୍କ ଜୀବନକାଳ ୧୪ରୁ ୧୭ ବର୍ଷ ହୋଇଥାଏ। ଜଙ୍ଗଲରେ ରହୁଥିବା ବାଘ,ବାଘୁଣୀମାନେ ୧୪ ବର୍ଷ ବେଳକୁ ମଧ ମରି ଯାଆନ୍ତି। ବାର୍ଦ୍ଧକ୍ୟ ଜନିତ ରୋଗ ଯୋଗୁଁ ସ୍ନେହାର ମୃତ୍ୟୁ ହୋଇଛି। ତା'ର ଶବ ବ୍ୟବଚ୍ଛେଦ ଶେଷ ହୋଇସାରିଛି।

# ଅଂଶୁଘାତରେ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୧୯/୪ (ନି.ପ୍ର): ରାଜ୍ୟରେ ଅଂଶୁଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ବାଲେଶ୍ୱରର। ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ବର୍ତମାନ ସୁଦ୍ଧା ଅଂଶୁଘାତ ଓ ହିଟ୍ ରିଲେଟେଡ ଇଲନେସ ଯୋଗୁଁ ୭୧ ଜଣ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୫ ଜଣ ଡାକ୍ତରଖାନାରେ ଭର୍ତି ହୋଇଥିବା ବେଳେ ମୟୂରଭଞ୍ଜରେ ୭ ଓ ଅନୁଗୋଳରେ ୭ ଜଣ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ସେହିପରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ୬ ଜଣ ଭର୍ତି ହୋଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପୂର୍ବରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଆବଶ୍ୟକ ଔଷଧ ରଖିବାକୁ କୁହାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo